


ଶିଲ୍ପାଙ୍କ ପ୍ରେମରେ ପଡ଼ିଥିଲେ ସଚିନ
ପୃଷ୍ଠା ୬



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 124 | ଭାଗ ୩୩ | ସଂଖ୍ୟା ୧୨୪ Bhubaneswar | Friday 25 July 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୨୫ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଆଦିବାସୀ ମହାସଂଘ

## ଆଦିବାସୀଙ୍କ ଜୀବନ ଜୀବିକା ବିକାଶକୁ ପ୍ରାଥମିକତା



**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।


ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗ ଭିତରେ ପ୍ରଥମରେ ଥିବା ଗରିବଙ୍କ ମଧ୍ୟରେ ଆଦିବାସୀ ସମ୍ପ୍ରଦାୟ ରହିଛି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ସେମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବ୍ ଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି।

ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ➪ପୃଷ୍ଠା-୬

### ଭାରତ-ବ୍ରିଟେନ୍ ଏଫ୍‌ଟିଏ ସ୍ୱାକ୍ଷରିତ

## ୩୪ ବିଲିୟନ୍ ଡଲାର୍ ହେବ ବାର୍ଷିକ ବ୍ୟବସାୟ

- ଶୁଳ୍କମୁକ୍ତ ହେବ ୯୯ ପ୍ରତିଶତ ଭାରତୀୟ ରପ୍ତାନୀ
- ଫାଇଦା ପାଇବେ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ରାଜ୍ୟ ଚାଷୀ
- ଚୁକ୍ତିକୁ ଐତିହାସିକ କହିଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ



**ଲଣ୍ଡନ,୨୪।୭:** ଭାରତ ଓ ବ୍ରିଟେନ ମଧ୍ୟରେ ଗୁରୁବାର ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର କରିଛନ୍ତି। ଏହାଫଳରେ ଦ୍ୱିପାକ୍ଷିକ ବାଣିଜ୍ୟ ପରିମାଣରେ ବାର୍ଷିକ ୩୪ ବିଲିୟନ ଡଲାର୍ ବୃଦ୍ଧି ହେବା ଆଶା କରାଯାଉଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ବ୍ରିଟେନ୍‌କୁ ରପ୍ତାନୀ ହେଉଥିବା ଭାରତୀୟ ସାମଗ୍ରୀ ମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ଶୁଳ୍କମୁକ୍ତ ହେବ ବୋଲି କୁହାଯାଉଛି। ଗତ ୨୦୨୦ରେ ବ୍ରିଟେନ୍ ୟୁରୋପୀୟ ସଂଘ (ଇୟୁ)ର ସଦସ୍ୟତା ଛାଡ଼ିବା ପରେ ଆଜିର ଚୁକ୍ତିକୁ ଦେଶ ପାଇଁ ସବୁଠାରୁ ବଡ଼ ବାଣିଜ୍ୟିକ ଚୁକ୍ତି ଭାବେ ବିବେଚନା କରାଯାଉଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁକ୍ତରାଜ୍ୟ ଗସ୍ତ ପରିପ୍ରେକ୍ଷୀରେ ଉଭୟ ଦେଶ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଶ୍ରୀ ମୋଦି ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଭାରତୀୟ କୃଷକଙ୍କ ପାଇଁ ଏକ ନୂଆ ବଜାର ଉନ୍ମୁକ୍ତ ହୋଇଥିବା କହିଛନ୍ତି। ଏହି ଚୁକ୍ତି ପ୍ରଧାନମନ୍ତ୍ରୀ ମୋଦି ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ଉପସ୍ଥିତିରେ ଏହି ଚୁକ୍ତିରେ ଭାରତ ପକ୍ଷରୁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ବ୍ରିଟେନ୍ ପକ୍ଷରୁ ବ୍ୟବସାୟ ଓ ବାଣିଜ୍ୟିକ ସଚିବ ଜୋନାଥନ ରିନଲ୍ଡସ ଦସ୍ତଖତ କରିଛନ୍ତି। ଚୁକ୍ତି ପୂର୍ବରୁ ମୋଦି ଓ ଷ୍ଟାର୍ମରଙ୍କ ମଧ୍ୟରେ ଲଣ୍ଡନରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା। ଚୁକ୍ତି ସ୍ୱାକ୍ଷରିତ ହେବା ପରେ ମୋଦିଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଷ୍ଟାର୍ମର କହିଛନ୍ତି ଯେ ଏଫ୍‌ଟିଏ ଉଭୟ ଭାରତ ଓ ବ୍ରିଟେନ ପାଇଁ ବିପୁଳ ଫାଇଦା ଆଣିଦେବ। ଏହା ମଜୁରୀ ବୃଦ୍ଧି ସହ ଜୀବନ ଧାରଣର ମାନ ଉନ୍ନତ କରିବ ଏବଂ ଶ୍ରମିକଙ୍କ ପାଇଁ ଅଧିକ ଆୟ ସୁନିଶ୍ଚିତ କରିବ। ଏହା ନିଯୁକ୍ତି ଓ ବ୍ୟବସାୟ ପାଇଁ ଲାଭଦାୟକ ମଧ୍ୟ ହେବ। କାରଣ ଏହା ➪ପୃଷ୍ଠା-୬

### ଉଚ୍ଚଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ନିଶାମୁକ୍ତ ହେବ କଲେଜ କ୍ୟାମ୍ପସ

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ଓଡ଼ିଶାର ବିଭିନ୍ନ କଲେଜ ନିଶାମୁକ୍ତ ହେବା ଦିଗରେ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଶାମୁକ୍ତ କ୍ୟାମ୍ପସ ପାଇଁ ସମସ୍ତ କଲେଜକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ସମୟରେ ଯୁବପିଢ଼ି ମଧ୍ୟରେ ନିଶା ପ୍ରତି ଦୁର୍ବଳତା ବଢ଼ିଚାଲିଛି। ତେଣୁ ଭବିଷ୍ୟତ ପିଢ଼ି ଗଢ଼ା ହେଉଥିବା ଶିକ୍ଷାନୁଷ୍ଠାନକୁ ନିଶାମୁକ୍ତ କରାଯାଇପାରିଲେ, ଏହା ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିବ। ଏହାକୁ ଦୃଷ୍ଟିରେ ରଖି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ମେଣ୍ଟାଲ ହେଲଥ୍ ଆଣ୍ଡ୍ ନର୍ମାଲସି ଅଗ୍‌ମେଣ୍ଟେସନ୍ ସିଷ୍ଟମ (ମାନସ) ➪ପୃଷ୍ଠା-୬

**ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିର୍ଦ୍ଦେଶ**

### ● ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

## ସିସିଟିଭିରେ କଏଦ ଛାତ୍ରୀଙ୍କ ବୟାନ ରେକର୍ଡ

**ବାଲେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ଆତ୍ମାହୁତି ଘଟଣା ଉପରୁ ପରଦା ହଟାଇବା ସକାଶେ କ୍ରାଇମ୍ ବ୍ରାଞ୍ଚ୍ ବାଲେଶ୍ୱରରେ ଡେରା ପକାଇଛି। ନିୟମିତ ବ୍ୟବଧାନରେ ତଦନ୍ତକାରୀ ଟିମ୍‌ର ସଦସ୍ୟମାନେ ପଚରାଉଚରା ଚଳାଇଛନ୍ତି। ସମ୍ପୃକ୍ତା ଛାତ୍ରୀଙ୍କ ମୃତ୍ୟୁ ବାସ୍ତବରେ ଏଜୁକେଶନ ବିଭାଗ ମୁଖ୍ୟ ଅଧ୍ୟାପକ ସମୀର ସାହୁଙ୍କ ଦ୍ୱାରା ନିର୍ଯାତନା ଯୋଗୁଁ ହୋଇଛି ନା ଏହା ପଛରେ ଆଉ କାହାର ଭୂମିକା ରହିଛି, ତା' ଜାଣିବା ସକାଶେ ତଦନ୍ତକୁ ବ୍ୟାପକ କରାଯାଉଛି। ଏହି କ୍ରମରେ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଛାତ୍ରୀଙ୍କ ଜୀବନ ହାରିବା ଉଦ୍ୟମ ସମୟରେ ସିସିଟିଭିରେ କଏଦ ହୋଇଥିବା ୨ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ସେମାନଙ୍କ ➪ପୃଷ୍ଠା-୬

### ● 'ଦ ପବ୍ଲିକ୍ ପ୍ରେସିଡେଣ୍ଟ' ଉନ୍ମୋଚିତ

## ରାଷ୍ଟ୍ରପତିଙ୍କ ଜୀବନ ଥିଲା ସଂଘର୍ଷମୟ

**ନୂଆଦିଲ୍ଲୀ,୨୪।୭:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରୋଟୋକଲ୍‌ରୁ ଉର୍ଦ୍ଧ୍ୱରେ ରହି ତଥା ସବୁ ପ୍ରତିବନ୍ଧକକୁ ଦୂର କରି ଲୋକଙ୍କୁ ଭେଟନ୍ତି। ପ୍ରଜାତନ୍ତ୍ରରେ ସେ ହେଉଛନ୍ତି ଲୋକଙ୍କ ନେତା। ସେ ହେଉଛନ୍ତି ପିପୁଲ ଲିଡର୍, ଯାହା ସେ ନିଜକୁ ପ୍ରମାଣିତ କରିସାରିଛନ୍ତି ବୋଲି ଗତକାଲି ନୂଆଦିଲ୍ଲୀରେ ଆଦର୍ଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଇଂରାଜି ପୁସ୍ତକ 'ଦ ପବ୍ଲିକ୍ ପ୍ରେସିଡେଣ୍ଟ' ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଜଣେ ଯୁବ ଲେଖକ କମ ବୟସରୁ ଏଭଳି ପୁସ୍ତକ ଲେଖିବା ପ୍ରଶଂସନୀୟ । ୨୦୩୬ରେ ଓଡ଼ିଶା ଭାଷା ଆଧାରରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦




ବର୍ଷ ପୂରଣ କରିବ। ଆଦର୍ଶଙ୍କ ଭଳି ଯୁବ ଲେଖକମାନେ ହିଁ ଆଜିଠୁ ଏହାର ମୂଳଦୁଆ ପକାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛି ଓଡ଼ିଆ ଲୋକଙ୍କ ପରିଚୟ। ଅପରପକ୍ଷରେ ଓଡ଼ିଶାର ଝିଅ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ଭାବେ ଅଭିଷିକ୍ତ ହୋଇ ଓଡ଼ିଶା ପାଇଁ ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିଥିବା ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀର ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ଜାତୀୟ ପୁସ୍ତକ ପ୍ରୋତ୍ସାହନ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପୁସ୍ତକର ଲେଖକ ଆଦର୍ଶ ତ୍ରିପାଠୀ, ସାଇ ଇଣ୍ଟରନ୍ୟାସନାଲ ଏଜୁକେସନ ଗ୍ରୁପର ଅଧ୍ୟକ୍ଷା ଡଃ ଶିଲ୍ପୀ ସାହୁ, ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ।

## ଆଉ ୪୯୮୨ କୋଟିର ପ୍ରକଳ୍ପକୁ ମଞ୍ଜୁରୀ



**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଆଉ ପୁଣି ୪ ହଜାର ୯୮୨ କୋଟି ୬୬ ଲକ୍ଷ ଟଙ୍କାର ୨୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।୧୨ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୧ ହଜାର ୯୩୩ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ମଂଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକ ପାଇଁ ରାଜ୍ୟ ସରକାର ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି। ଶିଳ୍ପ ପାଇଁ ଆବେଦନ ପାଇଁ ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଆଜି ମୁଖ୍ୟତଃ ପୋଷାକ, ବୟନ, ଇସ୍ପାତ ଓ ଆନୁସଙ୍ଗିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ଔଷଧ, ଶକ୍ତି ଓ ଅକ୍ଷୟ ଶକ୍ତି ସମ୍ପର୍କିତ ପ୍ରକଳ୍ପକୁ ମଂଜୁରୀ ଦିଆଯାଇଛି। ଖୋର୍ଦ୍ଧାରେ କେପିଆର ମିଲ ଲିମିଟେଡ ପକ୍ଷରୁ ପ୍ରତିଷ୍ଠା ହେବ ବାର୍ଷିକ ୪୬.୮ ନିୟୁତ ପୋଷାକ ଉତ୍ପାଦନ କ୍ଷମତାସମ୍ପନ୍ନ ପୋଷାକ ଓ ବୟନ ଶିଳ୍ପ। ଏଥିପାଇଁ କେପିଆର ମିଲ ୩୫୦ କୋଟି ଟଙ୍କା ନିବେଶ କରିବ ଏବଂ ପ୍ରାୟ ୫ ହଜାର ଲୋକଙ୍କୁ ➪ପୃଷ୍ଠା-୬

**୧୨ ଜିଲ୍ଲାରେ ୨୩ ପ୍ରକଳ୍ପକୁ ସବୁଜ ସଙ୍କେତ**

## ହିଂସାପଥ ଛାଡ଼ିଲେ ୨୮ ମାଓବାଦୀ

**ମାଲକାନଗିରି,୨୪।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ୩ଟି ଜିଲ୍ଲାରେ ମୋଟ ୨୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସେମାନଙ୍କ ନାଁରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରହିଥିଲା। ଦାନ୍ତେୱାଡା ଏସ୍‌ପିଙ୍କ ନିକଟରେ ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଥବା ବେଳେ ସୁକମା ଏସ୍‌ପିଙ୍କ ନିକଟରେ ୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ପୁଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ପ୍ରୟାସରେ ଏହି ସଫଳତା ମିଳିଛି।

**ମୁଣ୍ଡରେ ଥିଲା ୩୩ ଲକ୍ଷ ପୁରସ୍କାର**




ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ସୁକୁମା ଜିଲ୍ଲାର ଜାଗରକୋଣ୍ଡା ଓ ଚିନ୍ତଲନାଡ଼ ଅଞ୍ଚଳରେ ସକ୍ରିୟ ଥିଲେ। ଛତିଶଗଡ଼ ସରକାରଙ୍କ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇ ଏହି ମାଓବାଦୀମାନେ ଛତିଶଗଡ଼ର ୩ଟି ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିବା ପରେ ସମସ୍ତ ମାଓବାଦୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏଥିସହ ସେମାନଙ୍କୁ ପୁନର୍ବାସ ନୀତିର ଫାଇଦା ମଧ୍ୟ ମିଳିବ ବୋଲି ସମ୍ପୃକ୍ତ ୩ ଜିଲ୍ଲା ଏସ୍‌ପି ସୂଚନା ଦେଇଛନ୍ତି। ଏହାଛଡ଼ା ନାରାୟଣପୁର ଜିଲ୍ଲାରେ ➪ପୃଷ୍ଠା-୬

## ସବ୍‌ଇନ୍ସପେକ୍ଟର ନିଯୁକ୍ତି ବୟସସୀମା ୩ ବର୍ଷ କୋହଳ

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ବଢ଼ିଲା ସବ୍‌ଇନ୍ସପେକ୍ଟର ନିଯୁକ୍ତି ପାଇଁ ବୟସସୀମା। ଆଜି ରାଜ୍ୟ ସରକାର ଏହି ପଦବୀରେ ନିଯୁକ୍ତି ପାଇଁ ବୟସ ସୀମାକୁ ୩ ବର୍ଷ କୋହଳ କରିଛନ୍ତି। ଓଡ଼ିଶା ପୁଲିସ୍‌ରେ ସବ୍‌ଇନ୍ସପେକ୍ଟର ନିଯୁକ୍ତି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ହାଇକୋର୍ଟଙ୍କୁ ଏନେଇ ଅବଗତ କରାଇଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ତେବେ କେବଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନାକାରୀଙ୍କ କ୍ଷେତ୍ରରେ ଏହି ବୟସ ସୀମା ଲାଗୁ ହେବ। ରାଜ୍ୟ ସରକାର ଗତ ଜାନୁଆରୀ ୧୭ ତାରିଖରେ ବୟସସୀମା ୩ ବର୍ଷ କୋହଳ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। କେତେକ ପ୍ରାର୍ଥୀ ବୟସସୀମା କୋହଳ ନେଇ ପିଟିସନ ଦାୟର କରିଥିଲେ। ଏହାକୁ ସରକାର ଗତ ୨୦୧୮ରେ ସ୍ଥଗିତ ରଖିଥିଲେ।

### ● ଆଇଏଏସ୍ ସ୍ତରରେ ପୁଣି ଅଦଳବଦଳ

## ୯ ଆଇଏଏସଙ୍କୁ ମିଳିଲା ପ୍ରଥମ ପୋଷ୍ଟିଂ





**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ପ୍ରମୁଖ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ଆଜି ଆଉ ଏକ ଅଦଳବଦଳ କରିଛନ୍ତି। ଏଥିସହ ଟ୍ରେନିଂରୁ ଫେରିଥିବା ଅନେକ ଯୁବ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାରେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ବିଭିନ୍ନ ପ୍ରଶାସନିକ ପଦବୀରେ ନିଯୁକ୍ତି ଏବଂ ଅଦଳବଦଳ ନେଇ ବିଜ୍ଞପ୍ତି ଜାରି କରିଛି।

୨୦୦୫ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର କମିଶନର ଭାବେ ନିଯୁକ୍ତ କରାଯାଇଛି। ସେ ଗୃହ ଏବଂ ନଗର ଉନ୍ନୟନର ସ୍ୱତନ୍ତ୍ର ସଚିବ ଏବଂ ଓଡ଼ିଶା ରାଜ୍ୟ ୱେୟାରହାଉସିଂ ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୨୦୦୯ ବ୍ୟାଚର ଆଇଏଏସ୍ ଅଧିକାରୀ ବିଜୟ କେତନ ଉପାଧ୍ୟାୟ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ସେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସଚିବ ଦାୟିତ୍ୱରେ ମଧ୍ୟ ରହିବେ। ୨୦୧୧ ବ୍ୟାଚ୍‌ର ସମର୍ଥ ବର୍ମାଙ୍କୁ ଭୁବନେଶ୍ୱରର ଲଘୁ ଖଣିଜ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ➪ପୃଷ୍ଠା-୬



**କାନ ଡେରିଆ**

ଶ୍ରାବଣ ମାସରେ ବଢ଼ିଗଲା
ଏବେ
ଆଳୁ ଠାରୁ ଦେଶୀ ପୋଟଳ
କାଢ଼ ପଣ ଆଉ ପାଉନାହିଁ
ଜମା
ବାହାରୁଛି ଲାଳ ଝାଳ
ପକେଟ ହେଉଛି ଖୋଳ...
ଗରୀବ ଟି ଆଉ ଶ୍ରାବଣ
ପାଳୁନି
ଖାଏ ଶୁଖୁଆ ପଖାଳ ।

■ ଦେବାଶିଷ

# ବିଜେଡି ଅଣ୍ଟା ଭାଙ୍ଗିବାକୁ କଂଗ୍ରେସର ରଣନୀତି

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିର ଅଣ୍ଟା ଭାଙ୍ଗିଦେଇ ତାହାର ଭୋଟ ବ୍ୟାଙ୍କ୍ ହାତେଇବାକୁ କଂଗ୍ରେସ ଏବେ ଲାଗିପଡ଼ିଛି। ରାଜ୍ୟର କୌଣସି ପ୍ରସଙ୍ଗରେ ବିଜେଡିକୁ ଆଗକୁ ଛାଡ଼ିଦେଉନାହିଁ। ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସର ପୁରୁଖା ନେତାମାନେ ଏଥିପାଇଁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ବିଜେଡି ନେତାମାନେ ଜଳକା ହୋଇ ରହିଯାଉଥିବା ଲକ୍ଷ୍ୟ କରାଯାଉଛି।

● ମୁଣ୍ଡ ଖଟାଉଛନ୍ତି ପୁରୁଖା ନେତା
● ବିଜେଡି ନେତା ଜଳକା

ଦୀର୍ଘଦିନ ଧରି ଶୋଇପଡ଼ିଥିବା ରାଜ୍ୟ କଂଗ୍ରେସ ହଠାତ୍ ଜାଗି ଉଠିଛି। ବିଶେଷକରି ଭକ୍ତ ଚରଣ ଦାସ ସଭାପତି ପଦରେ ବସିବା ପରେ ଦଳ ସକ୍ରିୟ ହୋଇଛି। ତେବେ ଏହି ଜାତୀୟ ଦଳ ତା'ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବାଟ ଓଗାଳିବା ବଦଳରେ ବିଜେଡି ବିରୋଧରେ ତା'ର ରଣନୀତିକୁ ଅଧିକ ଶାଣିତ କରୁଛି। ବିଜେଡିର ଭୋଟ ବ୍ୟାଙ୍କ୍‌କୁ ଭାଙ୍ଗିଦେବା ପାଇଁ କଂଗ୍ରେସର ଏଭଳି ରଣନୀତି ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ରାଜନୈତିକ ସମୀକ୍ଷକମାନେ ମଧ୍ୟ ଏହା ଲକ୍ଷ୍ୟ କରୁଛନ୍ତି।




ଗତ ବିଧାନସଭା ଅଧିବେଶନ କାଳରେ ନାରୀ ସୁରକ୍ଷା ପ୍ରସଙ୍ଗକୁ ଉଠାଇ କଂଗ୍ରେସ ଗୃହ ଅଚଳ କରିବା ସହ ରାଜରାସ୍ତାକୁ ଏହି ପ୍ରସଙ୍ଗ ନେଇ ଆସିଥିଲା। ଏହି ପ୍ରସଙ୍ଗରେ ବିଜେଡିକୁ ପଛରେ ପକାଇବାରେ କଂଗ୍ରେସର ରଣନୀତି କାମ ଦେଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ପ୍ରସଙ୍ଗରେ ବିଜେଡିକୁ ପଛକୁ ଠେଲିବାରେ ଲାଗିଛି କଂଗ୍ରେସ। ବିଶେଷକରି ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡି କିଛି ନିଷ୍ପତ୍ତି ନେବା ପୂର୍ବରୁ କଂଗ୍ରେସ ତା'ର ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଫଳରେ ବାଧ୍ୟ ହୋଇ ବିଜେଡି ପୂର୍ବଦିନ ବାଲେଶ୍ୱର ବନ୍ଦ କରିଥିଲା।

କେବଳ ସେତିକି ନୁହେଁ, ଓଡ଼ିଶା ପ୍ରସଙ୍ଗକୁ ଦିଲ୍ଲୀରେ ଉଠାଇବା ପାଇଁ କଂଗ୍ରେସ ତା'ର ଉଦ୍ୟମ ଜାରି ରଖିଛି। ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ନେଇ ମହିଳା ସୁରକ୍ଷା ଉପରେ ଦିଲ୍ଲୀରେ ଦୁଇ ଦୁଇଟି ସାମ୍ବାଦିକ ସମ୍ମିଳନୀ କରିସାରିଲାଣି। ବିଜେଡିର ଯଦିଓ ରାଜ୍ୟସଭାରେ ୬ ଜଣ ସାଂସଦ ରହିଛନ୍ତି, କିନ୍ତୁ ଏ କ୍ଷେତ୍ରରେ ବିଜେଡି ଢେର ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଉଛି। କଂଗ୍ରେସର ଏଭଳି ରଣନୀତିକୁ ଅଧିକ ବଳ ଦେଇଛି ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ। ଶ୍ରୀ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି କଂଗ୍ରେସିଆଙ୍କୁ ବଳ ଦେଇଥିବା ବେଳେ ବାଲେଶ୍ୱର ପୀଡ଼ିତାଙ୍କ ପିତାଙ୍କ ସହ ସିଧା ଆଲୋଚନା କରିଛନ୍ତି।

ଇତି ମଧ୍ୟରେ କଂଗ୍ରେସର ଚାଣକ୍ୟମାନେ ବିଜେଡି କୋର୍ଟକୁ ଅନାସ୍ଥା ବଲ୍ ➪ପୃଷ୍ଠା-୬

### ଲୁଚକାଳି ଖେଳୁଛନ୍ତି ଟ୍ୱିଟ୍ ମାଷ୍ଟର



ମହାନଦୀ ବିବାଦରେ ଗତ ୨୦୧୪ରୁ ବିଜେଡି ଲଢ଼େଇ ଆରମ୍ଭ କରିଥିଲା। ସୂତା ଖିଅରେ ଯେଉଁ ବିବାଦର ସମାଧାନ ହୋଇଥାନ୍ତା, ତା' ନକରି ଛୁରି, କାତି ଧରି ଲଢ଼େଇ କରିବାକୁ ବାହାରିଲା। ଆଉ ଓଡ଼ିଶାବାସୀ ଆଜି ତା'ର ପରିଣାମ ଭୋଗୁଛନ୍ତି। ସବୁ ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନ କରୁଥିବା ବିଜେଡି ସେସମୟରେ ଯଦି କେନ୍ଦ୍ର ସହାୟତାରେ ଛତିଶଗଡ ସରକାର ସହ ଆଲୋଚନା କରି ସମାଧାନ କରିଥାନ୍ତା, ତା'ହେଲେ ଆଜି ଖରାଦିନେ ହୀରାକୁଦକୁ ଇନଫ୍ଲୋ କମୁନଥାନ୍ତା। ଛତିଶଗଡ଼ ସରକାର ହୀରାକୁଦ ଉପରମୁଣ୍ଡରେ ଡ୍ୟାମ ଓ ଆନିକଟ କରିବା ସମୟରେ ହୀରାକୁଦ ମୁଖ୍ୟଯନ୍ତ୍ରୀ ରାଜ୍ୟ ସରକାରଙ୍କୁ ପ୍ରାକ ସୂଚନା ଦେଇଥିଲେ। ହେଲେ ସେ ସମୟରେ ➪ପୃଷ୍ଠା-୬



## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମସ୍ତକରେ ଲାଗିହେଲା ସୁବର୍ଣ୍ଣ ଚିତା

**କେନ୍ଦ୍ରାପଡ଼ା,୨୪।୭ (ସଂଚାର ବ୍ୟୁରୋ):** ପବିତ୍ର ଚିତାଲାଗି ଅମାବାସ୍ୟାରେ ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି ହେବା ସହ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି । ଆଜି ପବିତ୍ର ଚିତା ଲାଗି ଅମାବାସ୍ୟାରେ ବଳଦେବଜୀଉଙ୍କ ମସ୍ତକରେ ଚିତା ଲାଗି ନୀତି କାର୍ଯ୍ୟ କରାଯାଇଛି । ପ୍ରତ୍ୟୁଷରୁ ଦ୍ୱାର ଉଦ୍ଘାଟ କରାଯାଇ ଜୟ ମଙ୍ଗଳା ଆଳତି ହୋଇଥିଲା ପରେ ନୀତି ଦ୍ୱାର ଫିଟା ବଲଭ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା । ସୁରେନ୍ଦ୍ରୋତି ସେବକ ଦ୍ୱାରା ଶ୍ରୀ ଭଣ୍ଡାର ଗୃହରୁ ସଫେଦ ନିମନ୍ତେ ବାହାର କରାଯାଇ ସୁରକ୍ଷା ମଧ୍ୟରେ ଅଫିସ କାର୍ଯ୍ୟାଳୟକୁ ନିଆଯାଇଥିଲା । ସଫେଇ କାର୍ଯ୍ୟ ସମ୍ପନ୍ନ ପରେ ମନ୍ଦିରକୁ ଅଣାଯାଇଥିଲା । ପୂଜା ପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କୁ ରାଜାଧିରାଜ ବେଶ ଅନୁଷ୍ଠିତ କରାଯାଇଥିଲା । ପରେ ସୁବର୍ଣ୍ଣ ଚିତା ଶ୍ରୀ ଜୀଉଙ୍କ ମସ୍ତକରେ ଲାଗି କରାଯାଇଥିଲା । ପରେ ମଙ୍ଗଳାର୍ପଣ ଚିତଉ ପିଠା ଭୋଗ ଅର୍ପଣ କରାଯାଇ ଥିଲା ।

### ଚାଳ ଛପର ଘରକୁ ପାଲ ଭରସା

# ରଞ୍ଜନଙ୍କୁ କେବେ ମିଳିବ ସରକାରୀ ଆବାସ ?

**ଚାନ୍ଦୋଳ,୨୪।୭ (ସଂଚାର ବ୍ୟୁରୋ):** ସରକାର ଗ୍ରାମାଞ୍ଚଳରେ ଚାଳଘରେ ରହୁଥିବା ସମସ୍ତ ଗରିବ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ପକ୍କା ଗୃହ ଯୋଗାଇ ଦେବେ। ଏଥିପାଇଁ ବ୍ଲକ ଓ ପଞ୍ଚାୟତ ସ୍ତରର ସରକାରୀ କର୍ମଚାରୀମାନେ ଗାଁକୁ ଗାଁ ଘରକୁ ଘର ଯାଇ ସର୍ଭେ କରୁଛନ୍ତି। ଯେପରିକି କୌଣସି ବି ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିବେନି। ତେବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ କୁଣିଆପାଳ ପଞ୍ଚାୟତ କୁଣିଆପାଳ ଗ୍ରାମର ରଞ୍ଜନ ମଲ୍ଲିକ ସାହୁଙ୍କ କ୍ଷେତ୍ରରେ। ଏକ ତିନି ବଖୁରିଆ ଚାଳ ଛପର ଘରେ ରହନ୍ତି ରଞ୍ଜନ, ତାଙ୍କ ସ୍ତ୍ରୀ ଉର୍ମିଳା, ଗୋଟିଏ ପୁଅ ଓ ଗୋଟିଏ ଝିଅ ସହିତ। ରଞ୍ଜନ ଗ୍ରାମରେ ଚାଷବାସ କରିବା ସହିତ ପରର ମୂଲଲାଗି ନିଜ ପରିବାରର ଭରଣ ପୋଷଣ କରିଥାନ୍ତି। ଏପଟେ ସେ ଯାହା ରୋଜଗାର କରନ୍ତି ତାଙ୍କ ଚାରିପ୍ରାଣୀ କୁଟୁମ୍ବକୁ ଦାନା ଦେବା ପାଇଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଯାଉଥାଏ। ଫଳରେ ଅର୍ଥ ଅଭାବରୁ ସେ ତାଙ୍କ ଚଳ ଘର ଛପର କରୁନାହାନ୍ତି। ଏପରି ସ୍ଥିତିରେ ଚଳିତ ଲଘୁଚାପ ବର୍ଷାରେ ତାଙ୍କ ଚାଳ ଛପର ଘର କଣା ହୋଇ ତାଙ୍କ କାନ୍ଥ ଉପରେ ପାଣି ଗଳିବାରେ ଲାଗିଛି। ବାଧ୍ୟ ହୋଇ ସେ ଧାର ଉଧାର କରି ପାଲ ଦୁଇଖଣ୍ଡ କିଣି ଚାଳ ଉପରେ ପକାଇ କାନ୍ଥକୁ ରକ୍ଷା କରିଛନ୍ତି।

ତେବେ ଲଘୁଚାପ ବର୍ଷା ପ୍ରବଳ ବର୍ଷିବ ବୋଲି ଶୁଣି ସେ ଓ ତାଙ୍କ ପରିବାର ବିଚଳିତ ହୋଇପଡ଼ିଛନ୍ତି। ଯଦି ଲଘୁଚାପ ବର୍ଷା ଓ ପବନ ଅଧିକ ହୁଏ ତେବେ ତାଙ୍କ ଚାଳଘର ଉପରେ ପଡ଼ିଥିବା ପାଲଖଣ୍ଡିକ ମଧ ଉଡ଼ିଯିବ। ରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଉର୍ମିଳା ଏ ଲଘୁଚାପ ବର୍ଷାରେ ତାଙ୍କ କୁନିକୁନି ଛୁଆ ଦୁଇଟିଙ୍କୁ ଧରି କେଉଁଠି ମୁଣ୍ଡ ଗୁଞ୍ଜିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ତେବେ ରଞ୍ଜନ ଅନ୍‌ଲାଇନ୍‌ରେ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କ ଆବେଦନ କେବଳ ଅନ୍‌ଲାଇନ୍‌ରେ ହିଁ ରହିଛି। ନା ତାଙ୍କ ଘରକୁ କେହି ଇନକ୍ୱାରୀ କରିବାକୁ ଯାଉଛନ୍ତି, ନା ତାଙ୍କ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳୁଛି। ଏ ନେଇ ସେ ବାରମ୍ବାର ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ଯାଏ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଗଲାଣି ସିନା ଫଳ ଶୂନ। ତେଣୁ ତୁରନ୍ତ ରଞ୍ଜନଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଗୃହ ଖଣ୍ଡିଏ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



### 'ସଂଚାର' ପ୍ରଭାବ

## ବାଉଁଶ ପୋଲର ମରାମତି କାର୍ଯ୍ୟ ଆରମ୍ଭ

**ମହାକାଳପଡ଼ା,୨୪।୭(ସଂଚାର ବ୍ୟୁରୋ):** ଗୋବରୀ ନଦୀ ଉପରେ ଭଙ୍ଗା ବାଉଁଶ ପୋଲ ଦେଇ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ଏନେଇ ଗତକାଲି ସଂଚାର ରେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଭଙ୍ଗା ବାଉଁଶ ପୋଲର ଆଜି ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।



ସୂଚନା ମୁତାବକ ମହାକାଳପଡ଼ା ବ୍ଲକ କଂସାର ବଡ଼ ଦାଣ୍ଡଦୁଆ ପଞ୍ଚାୟତର ତରପଦା ଦେଇ ପ୍ରବାହିତ ଗୋବରୀ ନଦୀ। ନଦୀ ଆରପଟେ ଥିବା ଜଗରଜୋର ହାଟ, ମିନିବ୍ୟାଙ୍କକୁ ଯାତାୟତ ଓ ସୁନିତି ପଞ୍ଚାୟତର ସୁଗଲ, ଖରିଅଣ୍ଟା ଓ ଦତ୍ତପୁର ଅଞ୍ଚଳର ପାଖାପାଖି ୫୦ ଛାତ୍ର ଛାତ୍ରୀ ତରପଦା ହାଇସ୍କୁଲକୁ ପାଠ ପଢ଼ିବାକୁ ଆସନ୍ତି। କେବଳ ସ୍କୁଲ ପିଲା କାହିଁକି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଲୋକେ ଆସନ୍ତି। ମିଲନମୋଡ ସେତୁ ଦେଇ ଯାତାୟତ ପାଇଁ ୫ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ହୁଏ। ଯେଉଁଥିପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ଦୀର୍ଘ ୨୦ ବର୍ଷ ହେବ ଗୋବରୀ ନଦୀ ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲ ଦ୍ୱାରା ଅଞ୍ଚଳବାସୀ ୫୦୦ ମିଟର ଦୂରତାରେ ସେମାନଙ୍କର ନିତିଦିନିଆ କାର୍ଯ୍ୟ କରିବା ସହିତ ପିଲାମାନେ ସହଜରେ ବିଦ୍ୟାଳୟକୁ ଯାଇ ପାରୁଥିଲେ। ହେଲେ ତିନିମାସ ହେବ ବାଉଁଶ ପୋଲ ଭାଙ୍ଗିଯିବାରୁ ଲୋକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତକାଲି ଦୈନିକ ଖବର କାଗଜରେ "ଭଙ୍ଗା ବାଉଁଶ ପୋଲରେ ବିପଦପୂର୍ଣ୍ଣ ଯାତ୍ରା" ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ସାମାଜିକ ଗଣମାଧ୍ୟମରେ ଘଟଣାକୁ ବହୁଳ ଭାଇରାଲ କରିଥିଲେ ସାମାଜିକ କର୍ମୀ ଓ ଅଞ୍ଚଳବାସୀ। ପରିଶେଷରେ ଭଙ୍ଗା ବାଉଁଶ ପୋଲର ମରାମତି କାର୍ଯ୍ୟ ଆରମ୍ଭ କରିଛି ପ୍ରଶାସନ।

## କଂଗ୍ରେସ ପକ୍ଷରୁ ଏଫ୍‌ଏମ୍ ଛାତ୍ରୀଙ୍କ ଏକାଦଶାହରେ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି




**ସାଲେପୁର, ୨୪।୭ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ବାଲେଶ୍ୱର ଛାତ୍ରୀ ସୌମ୍ୟା ବିଶିଙ୍କ ଏକାଦଶାହରେ ଆଜି ସାଲେପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ମା'ସାହେଶ୍ୱରୀଙ୍କ ପୀଠରେ ସାମୁହିକ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସରକାରଙ୍କ ଅବହେଳା କାରଣରୁ ନିର୍ଯ୍ୟାତନାର ଶିକାର ହୋଇଥିବା ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଅଭିଯୋଗ କରିବା ସହ ରାଜ୍ୟରେ ଯେପରି ନାରୀ ନିର୍ଯ୍ୟାତନା ବଢ଼ି ଚାଲିଛି, ତାହାକୁ ରୋକିବାରେ ସରକାର ଯଦି କୌଣସି ଗୁରୁତ୍ୱ ନଦିଅନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇ ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ଦୀପଦାନ କରିବା ସହ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବ୍ୟବସାୟୀଙ୍କଠୁ ୨ ଲକ୍ଷ ଲୁଟି ନେଲେ



**ଆଳି,୨୪।୭(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ଅଟାଳ ପଞ୍ଚାୟତ ଖଦୋଳ ଗ୍ରାମର ବ୍ୟବସାୟୀ ପିତାମ୍ବର ଦାସ ଆଜି ଦିନ ୧୦ ଟା ୫୦ ମିନିଟରେ ଆଳି ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ନିଆଳ ଦେଇ ନିଜ ଗାଁ ଖଦୋଳକୁ ଫେରୁଥିଲେ। ନିଆଳ ନିକଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ବ୍ୟାଙ୍କ ପାଖରୁ ପିଛା କରି ଏକ ବାଇକ୍ ଯୋଗେ ଆସି ପଛରୁ କହିଲେ ମଉସା ଆପଣଙ୍କ ବ୍ୟାଗ ଗଳି ପଡ଼ିଲା । ପିତାମ୍ବର ଦାସ ସାଇକେଲରୁ ଓହ୍ଲାଇବା ସମୟରେ ଦୁଇଜଣ ଦୁର୍ବୃତ୍ତ ସାଙ୍ଗେ ସାଙ୍ଗେ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ବାଇକ୍ ଯୋଗେ ଫେରାର ହୋଇଗଲେ। ତୁରନ୍ତ ପିତାମ୍ବର ଦାସ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଯାହାଫଳରେ ପୁଲିସର ଏଇ ଲୁଟ୍ ଘଟଣାକୁ ନେଇ ଆଳିରେ ଛାନଭିନ୍ ଆରମ୍ଭ କରିଛନ୍ତି।

### ଦିବ୍ୟାଙ୍ଗ ଚନ୍ଦନଙ୍କୁ ଅନ୍ତ୍ୟୋଦୟ ଚାଉଳ ନମିଳିବା ଘଟଣା

## ପଦକ୍ଷେପ ସହ ରିପୋର୍ଟ ଦାଖଲ ପାଇଁ ଜିଲ୍ଲାପାଳଙ୍କୁ ଆରଡିସିଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା,୨୪।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ୮୦% ଦିବ୍ୟାଙ୍ଗ ଚନ୍ଦନ ପାଇଟାଳଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ଚାଉଳ ଓ ଗୃହ ଯୋଗାଇ ଦେବା ପାଇଁ ପ୍ରଭାତ ରଞ୍ଜନ ଜେନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖିବା ପରେ ରାଜସ୍ୱ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ଶ୍ରୀ ସଙ୍କଲ୍ପ ସ୍ୱସ୍ତିକ ସାହୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଚିଠି କରିଛନ୍ତି।



ଚନ୍ଦନ ପାଇଟାଳ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକ। ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମରେ ମାନସିକ ବିକାରଗ୍ରସ୍ତ ବାପା ଓ ରୋଗିଣା ମାଆଙ୍କ ସହିତ ଏକ ଭଙ୍ଗା ଦଦରା କୁଡ଼ିଆରେ ଜୀବନ କାଟୁଛନ୍ତି। ଦିବ୍ୟାଙ୍ଗ ମାନଙ୍କୁ ଅନ୍ତୋଦୟ ଯୋଜନା ରେ ସାମିଲ କରିବା ପାଇଁ ସରକାର ଯୋଜନା କରିଥିବା ବେଳେ ଏଯାଏଁ ଚନ୍ଦନଙ୍କୁ ଯୋଜନାରେ ସାମିଲ କରାଯାଇ ନାହିଁ। ବାରମ୍ବାର ସମସ୍ତଙ୍କୁ ଗୁହାରି କରି ମଧ ତାଙ୍କ କଥା କେହି ଶୁଣୁ ନଥିବା ସେ ଅଭିଯୋଗ କରିଥିଲେ।

ଏ ସମ୍ବଳିତ ଖବର ଦୈନିକ ଖବରକାଗଜ ସଂଚାରରେ ପ୍ରକାଶିତ ହେଇଥିଲା। ଚନ୍ଦନଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ଚାଉଳ ଓ ଅନ୍ତୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରଭାତ ରଞ୍ଜନ ଜେନା ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କାର୍ଯ୍ୟାଳୟକୁ ୧୮ ଜୁନରେ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ୧୦ ଜୁଲାଇରେ ରାଜସ୍ୱ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ଶ୍ରୀ ସଙ୍କଲ୍ପ ସ୍ୱସ୍ତିକ ସାହୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଚିଠି କରିଛନ୍ତି। ତତସହିତ ଏକ ପଦକ୍ଷେପ ଗ୍ରହଣ କରିବାର ରିପୋର୍ଟ ଦେବାକୁ ମଧ ଉଲ୍ଲେଖ କରିଛନ୍ତି।

ବିଭାଗୀୟ ଚିଠି ପରେ ଜିଲ୍ଲାପାଳ ଚନ୍ଦନଙ୍କୁ କେବେ ଯୋଜନାରେ ସାମିଲ କରୁଛନ୍ତି ତାହା ଦେଖିବାକୁ ବାକି।

## ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି

**ସାଲେପୁର, ୨୪।୭ (ସଂଚାର ବ୍ୟୁରୋ):** ଜବରଦଖଲକାରୀଙ୍କ ଯୋଗୁଁ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାନେଇ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କଲାପରେ ଚଳିତ ମାସ ୨୯ତାରିଖ ଦିନ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯିବା ସହ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିବା ଜଣାଯାଇଛି।

ପ୍ରକାଶ ଯେ ସାଲେପୁର ତହସିଲ ଅଧିନ ଶିଶୁଆ-ମଢ଼ଙ୍ଗା ଭାୟା ଛାଣିପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫ନଂ କେନାଲ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ୨୦୨୨ ସେପ୍ଟେମ୍ବର ମାସରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯାହାର ଲମ୍ବ ପ୍ରାୟ ୧୩ କିମି. ହୋଇଥିବାବେଳେ ଅଟକଳ ରାଶି ୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଉକ୍ତ କାର୍ଯ୍ୟଟି ୨୦୨୩ମସିହା ଅଗଷ୍ଟ ୧୮ତାରିଖରେ ପୂର୍ଣ୍ଣାଙ୍ଗ ହେବା କଥା। ଠିକାଦାରଙ୍କ ଅସହଯୋଗ ଏବଂ ଉକ୍ତ କେନାଲବନ୍ଧ ରାସ୍ତା ଓ ନୟନଯୋରୀକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କୋଠାଘର, ପାଚେରୀ, ପାଇଖାନା, ଦୋକାନ ଘର ପ୍ରଭୃତି ନିର୍ମାଣ କରିଥିବାରୁ ରାସ୍ତା ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଛି।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉକ୍ତ ରାସ୍ତାଟିର ଓସାର ୫.୫ମିଟର ଡି.ପି. ଆର ପ୍ରସ୍ତୁତି ଓ ଅଟକଳରେ ବ୍ୟବସ୍ଥା ଥିଲେ ମଧ ରାସ୍ତା ଜବରଦଖଲ ଥିବାରୁ ଠିକାଦାର ଅନେକ ସ୍ଥାନରେ ୩ମିଟରରୁ ୨.୫ମିଟର କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ଜନସାଧାରଣ ଆପତ୍ତି ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଶାସନ ସଚିବଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବାରୁ ସାଲେପୁର ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକି ଭିତ୍ତି କରି ସାଲେପୁର ତହସିଲଦାରଙ୍କ ପକ୍ଷରୁ ୨୨ଜଣ ବ୍ୟକ୍ତିବିଶେଷଙ୍କୁ ନୋଟିସ୍ ଜାରି କରାଯାଇ ଜୁଲାଇ ୨୯ତାରିଖ ଧାର୍ଯ୍ୟ କରାଯାଇଛି।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ସାଲେପୁର ବ୍ଲକର ଶିଶୁଆ, ନଈଗୁଆଁ, ସିଡ଼ୋ, ଭୀମଦାସପୁର, ରାଇସୁଙ୍ଗୁଡ଼ା, ମହଣ ସମେତ ୭ଟି ପଞ୍ଚାୟତର ଜନସାଧାରଣଙ୍କ ଚଳପ୍ରଚଳ ପାଇଁ ପ୍ରମୁଖ ରାସ୍ତା ହୋଇଥିଲେ ମଧ ଦୀର୍ଘ ୩ବର୍ଷ ଧରି ରାସ୍ତା ନିର୍ମାଣ ସରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ରାଜସ୍ୱ ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ ଓ ଉଚ୍ଛେଦ ପ୍ରକ୍ରିୟା ଅବିଳମ୍ବେ ଶେଷ କରି ଗ୍ରାମ ଉନ୍ନୟନ ବିଭାଗକୁ ରାସ୍ତାକାମକୁ ଆଗେଇନେବାରେ ସହଯୋଗ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କଲଭର୍ଟ ଭୁଶୁଡି ଗିରିସାହି ଓ ବ୍ରାହ୍ମଣସାହିକୁ ଯୋଗାଯୋଗ ବିଚ୍ଛିନ୍ନ



**ପଟ୍ଟାମୁଣ୍ଡାଇ, ୨୪।୭ (ସଂଚାର ବ୍ୟୁରୋ):** ଅଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଗିରିସାହି ଓ ବ୍ରାହ୍ମଣସାହିକୁ ସଂଯୋଗ କରୁଥିବା କଲଭର୍ଟର ସାଇଡ ୱାଲ ଗତକାଲି ବିଳମ୍ବିତ ରାତିରେ ଧସି ଯିବା ପରେ ଗୁରୁବାର ସକାଳ ଠାରୁ ଯାତାୟାତ ବନ୍ଦ ହୋଇଯାଇଛି। ପ୍ରାୟ ୩୦ବର୍ଷ ତଳେ ନିର୍ମାଣ ହୋଇଥିବା ୧୫ ଫୁଟ ଲମ୍ବର ଏହି କଲଭର୍ଟଟି ଚଳିତ ବନ୍ୟା ପୂର୍ବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଏହାର ମରାମତି ଓ ପୁନଃ ନିର୍ମାଣ ପାଇଁ ବାରମ୍ବାର ଦାବୀ ପରେ ମଧ କର୍ତୃପକ୍ଷ ଅବହେଳା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୧ ସପ୍ତାହ ଧରି ବନ୍ୟା ଲାଗି ରହିବାରୁ ବନ୍ୟାଜଳର ପ୍ରଖରସ୍ରୋତରେ ସାଇଡୱାଲ ବା ପ୍ରାଚୀର ଧସି ପଡିଲା । ଯାହାଫଳରେ ଅଣ୍ଡରା ପଞ୍ଚାୟତର ୬ ନମ୍ବର ୱାର୍ଡର ଅଧିବାସୀମାନେ ଯାତାୟାତ କ୍ଷେତ୍ରରେ ଅସୁବିଧା ଭୋଗ କରିବା ସହିତ ୬ନଂ ୱାର୍ଡ ସଂପୂର୍ଣ୍ଣ ବିଛିନ୍ନ ହୋଇ ପଡ଼ିଛି।

### ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣକାରୀ ଠିକାଦାରଙ୍କ ମନମାନୀ

## ନାଳ ମୁହଁ ବନ୍ଦ ଯୋଗୁଁ ଜଳସେଚନ ପ୍ରଭାବିତ

**ଚାନ୍ଦୋଳ,୨୪।୭ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ଏବେ ଡେରାବିଶ ବ୍ଲକ ଅଞ୍ଚଳର ଶହଶହ ହେକ୍ଟର ଚାଷଜମି କେନାଲ୍ ଜଳରୁ ବଞ୍ଚିତ ହେବା ସହିତ ଚାଷ ଜମି ଜଳମଗ୍ନ ହୋଇ ବ୍ୟାପକ ଫସଲ ହାନୀ ଘଟିବ।

ସୂଚନା ଯୋଗ୍ୟ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୮ ନଂ ଶାଖ କେନାଲ୍, ୧୧ ନଂ ଶଖା କେନାଲ ୧୩ ନଂ ଶାଖା କେନାଲ୍ ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଠାରୁ ଦୁହୁରିଆ ମଧରେ ଜାତୀୟ ରାଜପଥକୁ ଅତିକ୍ରମ କରିଛି। ଡେରାବିଶ ବ୍ଲକ ଅଞ୍ଚଳର ସମସ୍ତ ଚାଷୀମାନେ କେନାଲ ପାଣି ଉପରେ ନିର୍ଭର କରି ସେମାନଙ୍କର ଚାଷ କାର୍ଯ୍ୟ କରିଥାନ୍ତି। ଏବେ ଚାଷୀମାନେ ବର୍ଷା



ପାଣିରେ ସେମାନଙ୍କ ତଳି ପ୍ରସ୍ତୁତି କରିସାରିଲେଣି। ତଳି ଏବେ କ୍ଷେତରେ ରୋଇବା ଉପଯୋଗୀ ହୋଇଗଲାଣି। ଚାଷୀ କେବଳ ଅପକ୍ଷେ କରିଥିଲା କେନାଲ ପାଣିକୁ। କେନାଲ ପାଣି ଆସି ବିଲରେ ପଶିଲେ ସେ ତାର ଜମି ଓର୍ଦ୍ଧା ଓ କାଦୁଅ କରି ଧାନ ରୋଇବ। ହେଲେ ଚାଷୀ ଧାନ ରୋଇବ କ'ଣ ଏବେ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାଦର ସମସ୍ତ କେନାଲକୁ ରାଜପଥ ନିର୍ମାଣ ଆଳରେ ଅବରୋଧ କରି ରଖିଛି। ଏବେ ଅଞ୍ଚଳର ଚାଷୀମାନେ ଏହି ବନ୍ଦ କେନାଲକୁ ଦେଖି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଠିକାଦାର ଜଣକ ଖରାଦିନେ ଜାତୀୟ ରାଜପଥକୁ ଅତିକ୍ରମ କରିଥିବା କେନାଲ୍ ଉପରେ ପୋଲ ନିର୍ମାଣ କାର୍ଯ୍ୟ କଲାନାହିଁ। ଏବେ ଠିକ ଚାଷୀଙ୍କ ରୁଆ ବେଉଷଣ ସମୟରେ ଆରମ୍ଭ କରିଛି ନିର୍ମାଣ କାର୍ଯ୍ୟ।

ଯାହା ଫଳରେ ଡେରାବିଶ ବ୍ଲକ ଅଞ୍ଚଳର ବହୁ ଚାଷୀ ଚଳିତ ବର୍ଷ ଧାନ ଚାଷରୁ ବଞ୍ଚିତ ହେବେ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ କେନାଲ ଗୁଡ଼ିକ ଅବରୋଧ ମୁକ୍ତ କରିବା ପାଇଁ ବରିଷ୍ଠ ଚାଷୀ ବିଧୁଭୂଷଣ ମହାପାତ୍ରଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଓ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ନଚେତ ଚଳିତ ବର୍ଷ ଡେରାବିଶ ବ୍ଲକର ଚାଷୀମାନଙ୍କର ଧାନ ଚାଷରେ ହେଉଥିବା ସମସ୍ତ କ୍ଷତିକୁ ଜାତୀୟ ରାଜପଥ କର୍ତୃପକ୍ଷ ଭରଣା କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଏଫ୍‌ଏମ୍ ପୀଡ଼ିତାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



**ଆଳି,୨୪।୭ (ସଂଚାର ବ୍ୟୁରୋ):** ବ୍ଲକ କଂଗ୍ରେସ କମିଟି ତରଫରୁ ବାଲେଶ୍ୱର ଜିଲ୍ଲା ର ପୀଡିତା ମୃତ ସୌମ୍ୟଶ୍ରୀଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଜଂଳି ସଭା ଓ ୨ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମ ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା ଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସମ୍ପାଦିକା ଦେବସ୍ମିତା ଶର୍ମା ଙ୍କ ସହିତ ମାନଗୋବିନ୍ଦ ଦାସ, ଦର୍ପ ନାରାୟଣ ସାହୁ, ଅକ୍ଷୟ ଦାସ,ବିଜୟ ନାୟକ, ହରି ବିଶ୍ୱାଳ, ହବେଶ ପଲାଇ, ଚିରଞ୍ଜିବୀ ପଲାଇ, ରଜନୀକାନ୍ତ ସାହୁ, ଅରୁଣ ମଲିକ, ଅନାମ ମଲିକ, ମାନସ ପାଣ୍ଡବ, ବିଜୟ ସାମଲ,ସୁନାକର ମଲିକ, ଯୁବନେତା ରାକେଶ ଦାସ, ଅଶ୍ୱିନି କୁମାର ବେହେରା ଓ ଛାତ୍ରନେତା ଅଭିଷେକ ରାଉତଙ୍କ ସହିତ ବହୁତ ଛାତ୍ର ଯୋଗ ଦେଇଥିଲେ

## ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ, ସମସ୍ୟାରେ ଚାଳକ

### ‘ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ’ ପରି ହେବ କି ଏହି ନିୟମ ?

**କାକଟପୁର/ଅସ୍ତରଙ୍ଗ,୨୪।୭ (ସଂଚାର ବ୍ୟୁରୋ):** ଦୁର୍ଘଟଣା ଘଟିବା ପରେ ଚେତା ପଶୁଛି। କିଛି ଦିନ ହଇଚଇ ସୃଷ୍ଟି ହେଉଛି। ଏପରି ଘଟଣା ଯେପରି ପୁନର୍ବାର ନ ଘଟିବ ସେଥିପାଇଁ ନିୟମକୁ ଲାଗୁ କରାଯାଉଛି। ପୁଣି ଯେଉଁ କଥାକୁ ସେହି କଥା। ନିୟମ ପାଳନ ହେଉଛି କି ନାହିଁ ତାହା ଦେଖିବାକୁ ପ୍ରଶାସନର ସମୟ ନାହିଁ କି ସରକାରଙ୍କ ତାଗିଦ ନାହିଁ। ଏହା ଏବେ ସାଧାରଣ ଲୋକଙ୍କ ଭିତରେ ଆଲୋଚନା ହେଉଛି। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୁଚି ଛପି ବ୍ୟବସାୟୀ ପ୍ଲାଷ୍ଟିକି ବୋତଲରେ ପେଟ୍ରୋଲ ବିକ୍ରି କରୁଥିବା ବେଳେ ଯାଞ୍ଚ ମଧ ହେଉନାହିଁ।

ବାଲେଶ୍ୱରରେ ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମହୁତି ପରେ ସରକାର ପ୍ଲାଷ୍ଟିକି ବୋତଲରେ ଆଉ ଖୋଲା ପେଟ୍ରୋଲ ଗ୍ରାହକଙ୍କୁ ପ୍ରଦାନ କରାଯିବ ନାହିଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାର ଏହା ଘୋଷଣା କରିବା ପରେ ବାଇକ ଓ କାର ଚାଳକ ଏବେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଖାଲି ଅସୁବିଧାରେ ପଡ଼ିନାହାନ୍ତି, ପେଟ୍ରୋଲ ପମ୍ପ କର୍ମଚାରୀ ଓ ପ୍ଲାଷ୍ଟିକି ବୋତଲ ନେଇ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ କଥା ଯାଉଥିବା ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ରାସ୍ତା ପାର୍ଶ୍ୱରେ ଯେଉଁ ମାନେ ଖୋଲାରେ ପେଟ୍ରୋଲ ବିକ୍ରୟ କରୁଥିଲେ ସେମାନେ ମଧ ଚଢ଼ାଉ ଭୟରେ ପେଟ୍ରୋଲ ବିକ୍ରି ବନ୍ଦ କରିଦେବା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ତେଲ ଶେଷ ହୋଇଯିବା କାରଣରୁ ଚାଳକ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି।

କିଛି ବର୍ଷ ତଳେ ହେଲମେଟ ପିନ୍ଧିବା ନିୟମକୁ କଡାକଡି କରାଗଲା। ହେଲମେଟ ପିନ୍ଧି ନଥିଲେ ତେଲ ଦିଆଯିବ ନାହିଁ ବୋଲି ସରକାର ଘୋଷଣା କଲେ। ଧୀରେ ଧୀରେ ଏହି ନିୟମ କୋହଳ ହୋଇ ମିଳାଇ ଗଲା। ତେବେ ନିୟମକୁ କିପରି ସବୁଦିନ ପାଳନ କରାଯିବ ସେଥିପାଇଁ ପ୍ରଶାସନ ନିଘା ରଖୁ ବୋଲି ଦାବୀ ହେଉଛି।


### ଅସ୍ତରଙ୍ଗରେ କୂଳ ଲଂଘୁଛି ସମୁଦ୍ର

## ଉଚ୍ଚ ଜୁଆର ମାଡ଼ରେ କ୍ଷୟ ହେଉଛି ଝାଉଁ ଜଙ୍ଗଲ

**କାକଟପୁର/ଅସ୍ତରଙ୍ଗ,୨୪।୭ (ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ ଲଘୁଚାପ ଯୋଗୁଁ ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି। ଗୁରୁବାର ଦିନ ଚିତାଲାଗି ଅମାବାସ୍ୟା ଥିବାରୁ

**ଭୟଭୀତ ଅବସ୍ଥାରେ ୭ରୁ ଊର୍ଦ୍ଧ୍ୱ ଗାଁର ବାସିନ୍ଦା**

ବଙ୍ଗୋପସାଗର ଉତ୍ତାଳ ତରଙ୍ଗ ସୁ ସୁ ଉଚ୍ଚ ଜୁଆର ସମୁଦ୍ରକୂଳରେ ଥିବା ଝାଉଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଆଗକୁ ପ୍ରାୟ ୭ଶହ ମିଟର ଦୂରରେ ଥିବା ସମୁଦ୍ର ଏବେ ୪ଶହ ମିଟର ଆଗକୁ ମାଡି ଆସିଛି। ଛୁରିଆନା ପଂଚାୟତର ଡ଼ାଲୁଅକଣି ଗାଁ ନିକଟରେ ଝାଉଁ ବଣ ଆଡକୁ



ମାଡି ଆସୁଛି ସମୁଦ୍ର। ଜୁଆର ମାଡ଼ରେ ବାଲି ଅତଡ଼ା ଖସୁଥିବାରୁ ଭୟଭୀତ ପାଖାପାଖି ଗାଁ ଲୋକ।

ଲଘୁଚାପ, ଅମାବାସ୍ୟା ଓ ପୂର୍ଣ୍ଣିମା ଆସିଲେ ଅସ୍ତରଙ୍ଗ ନିକଟ ସମୁଦ୍ରରେ ଭୟଙ୍କର ରୂପ ଦେଖିବାକୁ ମିଳୁଛି। ଏହା ସହ କେଳୁଣୀମୁହାଁଣ, ତଣ୍ଡାହାର, ଛେନୁ, ଉଦୟକଣି ଗାଁ ସମୁଦ୍ର ନିକଟରେ ଥିବାରୁ ଅମାବାସ୍ୟାରେ ସମୁଦ୍ର ଉଚ୍ଚ ଜୁଆର ଯୋଗୁଁ ନିକଟବର୍ତ୍ତୀ ଗାଁ ଲୋକେ ଭୟଭୀତ ଅବସ୍ଥାରେ। ଗୋଟିଏ ପଟେ ଜଙ୍ଗଲ ସୃଷ୍ଟି କିମ୍ବା ସୁଦୃଢ଼ ପଥର ବନ୍ଧ ନିର୍ମାଣ ଗୁରୁତ୍ୱ ଦେଉନି ଜିଲ୍ଲା ପ୍ରଶାସନ। ଅମାବାସ୍ୟା ସମୟରେ ଉଚ୍ଚ ଜୁଆର ତଣ୍ଡାହାର, ଛେନୁ ଅଞ୍ଚଳର ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ବେଳେ ଉପକୂଳ ଗ୍ରାମବାସୀଙ୍କ ଧନଜୀବନ ମଧ ବିପଦରେ ରହିଛି। ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳର ଡ଼ାଲୁଅକଣି ଓ ତଣ୍ଡାହାର ଅଞ୍ଚଳରେ ତୁରନ୍ତ ପ୍ରଶାସନ ପଥରବନ୍ଧ ନିର୍ମାଣ ସହିତ ଜଙ୍ଗଲ ବିଭାଗ ସବୁଜ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଡ଼ାଲୁଅକଣି ଅଧିବାସୀ କ୍ଷୀରୋଦ କାଣ୍ଡି ଦାବୀ କରିଛନ୍ତି। ମାତ୍ର ସମସ୍ତ ଦାବୀ ଫାଇଲ ତଳେ ଚାପି ହୋଇ ରହିଛି। ତେଣୁ ଧନଜୀବନ ବିପନ୍ନ ପୂର୍ବରୁ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଅଭିଯୋଗ

● ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



**ବ୍ରହ୍ମପୁର,୨୪।୭ (ସଂଚାର ବ୍ୟୁରୋ) :** ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟଙ୍କ ମାନସିକ ନିର୍ଯ୍ୟାତନା ଅଭିଯୋଗ । ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଶିଶୁବିଭାଗରେ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି ୨୦ରୁ ଅଧିକ ପିଜି ଛାତ୍ରଛାତ୍ରୀ । କଲେଜ ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ଓ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି । ଏହାର ତୁରନ୍ତ ସମାଧାନ ନହେଲେ ସମସ୍ତ ଡାକ୍ତରୀ ଛାତ୍ରଛାତ୍ରୀ ରୋଗୀ ଚିକିତ୍ସାରେ ଯୋଗଦେବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ ଚେତାବନୀ ଦେଇଥିବା ଜଣାପଡ଼ିଛି। ଗତ କିଛିମାସ ଧରି ଶିଶୁବିଭାଗର ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ତଥା ବିଭାଗର ଜଣେ ଆସୋସିଏଟ ପ୍ରଫେସର ପ୍ରଥମ ଓ ଦ୍ୱିତୀୟ ବର୍ଷ ପିଜି ଛାତ୍ରଛାତ୍ରୀଙ୍କୁ ଅତ୍ୟାଚାର କରୁଥିବା ନେଇ ଅଭିଯୋଗ ହୋଇଛି। ବାରମ୍ବାର ଏହିପରି କାର୍ଯ୍ୟକଳାପ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ୱାର୍ଡ଼ରେ ରୋଗୀଙ୍କ ଚିକିତ୍ସାବେଳେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ରୋଗୀଙ୍କ ପରିବାର ସଦସ୍ୟଙ୍କ ସମ୍ମୁଖରେ ସେମାନଙ୍କ ସହିତ କଠୋର ମନୋଭାବ ପୋଷଣ କରୁଛନ୍ତି । ଫଳରେ ଅନେକ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦୁଶ୍ଚିନ୍ତା ବଢ଼ିବା ସହିତ ମାନସିକ ସ୍ଥିତି ବିଗୁଡୁଥିବା ଅଭିଯୋଗ କରିଛନ୍ତି । ଏଣୁ ଉକ୍ତ ଆସୋସିଏଟ ପ୍ରଫେସରଙ୍କୁ କାର୍ଯ୍ୟରୁ ନିବୃତ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀ ଆଣିଥିବା ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରାଯାଇଛି । ଏହି ପ୍ରସଙ୍ଗରେ ଡିନ୍ ଙ୍କ ସହ ଆଲୋଚନା କରିବା ପରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଆଧାରରେ ଏକ ଜରୁରୀ ବୈଠକ ଡାକି ସମସ୍ୟାର ସମାଧାନ କରାଯିବ ବୋଲି ଏମକେସିଜି ମେଡିକାଲ ଅଧିକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି ।

ରମାଦେବୀ ବିଶ୍ୱବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

# ଯୁକ୍ତ ଦୁଇ ବିଜ୍ଞାନ ବହି ଓଡ଼ିଆରେ ଅନୁବାଦ ସ୍ୱାଗତଯୋଗ୍ୟ ପଦକ୍ଷେପ




**ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ରମାଦେବୀ ବିଶ୍ୱବିଦ୍ୟାଳୟ ପରିସର ସଭାଗୃହରେ ରମାଦେବୀ ମହାବିଦ୍ୟାଳୟର ନବାଗତ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ ଓ ଓଡ଼ିଆ ଭାଷାରେ ଲିଖିତ +୨ ବିଜ୍ଞାନ ବହିର ଲୋକାର୍ପଣ ଉତ୍ସବ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ମହାନ ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ନାମରେ ୧୯୬୪ରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଜି ଅନେକ ଛାତ୍ରୀଙ୍କ ଜୀବନକୁ ମୂର୍ତ୍ତିମନ୍ତ କରି ଗଢ଼ିତୋଳିବା ସହ ଏକ ମହାଦ୍ରୁମରେ ପରିଣତ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାର ଏକ ଅନନ୍ୟ ଉଦାହରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମ ସରକାର ଜାତୀୟ ଶିକ୍ଷାନୀତିକୁ ଲାଗୁ କରି ରାଜ୍ୟର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁଛନ୍ତି। ଏକବିଂଶ ଶତାବ୍ଦୀ ଆବଶ୍ୟକ କରୁଥିବା ଜ୍ଞାନକୌଶଳକୁ ଭିତ୍ତିକରି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଓ ପ୍ରୟୋଗାତ୍ମକ ଶିକ୍ଷା ସହ ଗବେଷଣା ଓ ଦକ୍ଷତା ବିକାଶ ଲାଗି ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉପରେ ଏହି ନୂତନ ଶିକ୍ଷା ନୀତି (ଏନଇପି)-୨୦୨୦ରେ ଗୁରୁତ୍ୱ ଦିଆଯାଇଛି। ନିଜ ମାତୃଭାଷାରେ ଛାତ୍ରଛାତ୍ରୀ ଶିକ୍ଷାକୁ ସହଜରେ ବୁଝିପାରିବେ, ଶିଖିପାରିବେ। ତେଣୁ ଏନଇପିରେ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଉଚ୍ଚଶିକ୍ଷା ଓ ମାଧ୍ୟମିକ ଶିକ୍ଷାର ସଂଯୋଗ ସେତୁ ଥିବା +୨ ବିଜ୍ଞାନ ବହିକୁ ଏନ୍‌ଇପି ଆଧାରରେ ଓଡ଼ିଆରେ ଅନୁବାଦ କରାଯିବା ଅତ୍ୟନ୍ତ ଖୁସିର ବିଷୟ। ଏଥିପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାକୁ ଧନ୍ୟବାଦ। ଏହାଦ୍ୱାରା ରାଜ୍ୟର ପ୍ରାୟ ୬ ଲକ୍ଷ ଛାତ୍ରଛାତ୍ରୀ ପ୍ରତିବର୍ଷ ଉପକୃତ ହୋଇପାରିବେ । ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ପଢ଼ିବା ଏବଂ ଭଲ ଭାବେ ବୁଝିବା ନିମନ୍ତେ ଓଡ଼ିଆ ଭାଷାରେ ଅନୁବାଦ ହୋଇଥିବା ଏହି ପୁସ୍ତକ ସବୁ ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



## ଆଇଏଏସ୍ ଧୀମାନ ଚକମାଙ୍କୁ ଜାମିନ

**ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ) :** ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିବା ଆଇଏଏସ ଧୀମାନ ଚକମାଙ୍କୁ ମିଳିଲା ଜାମିନ। ହାଇକୋର୍ଟରୁ ଧୀମାନଙ୍କୁ ମିଳିଛି ଜାମିନ। ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି ହାଇକୋର୍ଟ । ୫ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ଏଥିସହ ଭିଜିଲାନ୍ସ ତଦନ୍ତରେ ସହଯୋଗ କରିବେ। ସାକ୍ଷୀ ଓ ପ୍ରମାଣକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ ନାହିଁ ବୋଲି ସର୍ତ୍ତରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ଧର୍ମଗଡ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକ୍‌ମା ଜୟପାଟଣା ଅଞ୍ଚଳର ଜଣେକ କ୍ରସର ମାଲିକଙ୍କୁ ଭୟଭୀତ କରାଇ ୨୦ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଧର୍ମଗଡ଼ସ୍ଥିତ ସରକାରୀ ବାସଭବନକୁ ତାଙ୍କୁ ଡାକି ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ । ବାସଭବନର ଅଫିସ୍ ଟେବୁଲ ଡ୍ରୟର ଭିତରେ ଟଙ୍କା ରଖିଥିଲେ। ଭିଜିଲାନ୍ସ ଟିମ୍ ଚଢ଼ାଉ କରି ୨୬ଟି ଶହେ ଟଙ୍କିଆ ବଣ୍ଡଲ ଜବତ କରିଥିଲେ । ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନ ଯାଞ୍ଚ ବେଳେ ଆହୁରି ୪୭ଲକ୍ଷ ଟଙ୍କା ନଗଦ ଜବତ କରିଥିଲେ। ଏହା ପରେ ଧୀମାନ ଚକ୍‌ମାଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



## ପ୍ରକାଶ ପାଇଲା ସ୍ପେଶାଲ ଓଜେଇଇ ଫଳାଫଳ

**ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ) :** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ବୋର୍ଡ ଆନୁଷ୍ଠାନିକ ଭାବରେ ସ୍ପେଶାଲ ଓଜେଇଇ୨୦୨୫ର ଫଳାଫଳ ଘୋଷଣା କରିଛି। ଯାହା ସମଗ୍ର ଓଡ଼ିଶାରେ ବିଭିନ୍ନ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ପ୍ରବେଶ କରିବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଛି । ସରକାରୀ ୱେବସାଇଟ୍ - ojee.nic.in ରେ ଏହାର ରେଜଲ୍ଟ ଉପଲବ୍ଧ । ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବ ପର୍ଯ୍ୟାୟଗୁଡ଼ିକରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ପାଇଁ ଓଜେଇଇର ସ୍ୱତନ୍ତ୍ର ରାଉଣ୍ଡ ୨୦୨୫ ଜୁଲାଇ ୧୫ ଏବଂ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ବି.ଟେକ୍, ବି.ଫାର୍ମ, ଏମବିଏ, ଏମସିଏ ଏବଂ ଲ୍ୟାଟେରାଲ୍ ଏଣ୍ଟ୍ରି ପ୍ରୋଗ୍ରାମ ସମେତ ବିଭିନ୍ନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ।



# ୪ ଡକାୟତ ଗିରଫ, ଦୁଇ ପିସ୍ତଲ ଓ ମାରଣାସ୍ତ୍ର ଜବତ

**ନୂଆପଡ଼ା,୨୪।୭ (ସଂଚାର ବ୍ୟୁରୋ) :** ନୂଆପଡ଼ା ଜିଲ୍ଲା ଖରୀଆରରୋଡ ଜୋଙ୍କ ପୋଲିସ ଦ୍ୱାରା ୪ ଡକାୟତ ଗିରଫ। ସେମାନଙ୍କଠାରୁ ଦୁଇଟି ପିସ୍ତଲ ଏବଂ ମାରଣାସ୍ତ୍ର ଜବତ କରିଛି ପୋଲିସ। ଡକାୟତ ଘଟଣାରେ ବ୍ୟବହୃତ ଗୋଟିଏ ବାଇକ୍ , ଦୁଇଟି ମୋବାଇଲ୍ ଫୋନ୍ ଓ ନଗଦ ୧୬୦୦ ଟଙ୍କା ଜବତ କରିଛି ପୋଲିସ । ଗିରଫ ୪ ଜଣ ଡକାୟତ ହେଲେ ଖରୀଆର ରୋଡ ଏଲଡି ପଡ଼ାର ବିକାଶ ବାଗ, ଶମ୍ଭୁ କୁମ୍ଭାର, ଖଗେଶ୍ୱର ସାହୁ ଓ କୃଷ୍ଣ ତାଣ୍ଡି ବୋଲି ଜଣାପଡିଛି। ଗତ ମଙ୍ଗଳବାର ଦିନ କୁଲିଆବନ୍ଧା ଗାଁର ପ୍ରେମଚାନ୍ଦ ଭୋଇ ଓ ତାଙ୍କ ଦୁଇ ସାଥୀ ଏକ ବାଇକରେ ନିକଟସ୍ଥ ସାଲିହା ଗାଁକୁ କ୍ରିକେଟ ଖେଳିବାକୁ ଯାଉଥିଲେ । ଖରୀଆରରୋଡ ମଦଭାଟି ଛକରେ ୪ଯୁବକ ଆସି ବାଇକକୁ ଅଟକାଇବା ସହ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଦୁର୍ବୃତ୍ତମାନେ ୨୫ଶହ ଟଙ୍କା ଓ ଗୋଟିଏ ସ୍ମାର୍ଟ ଫୋନ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଖରୀଆର ରୋଡ ଥାନା ଆଇଆଇସି ସୂଚନା ଦେଇଛନ୍ତି।

## ବଙ୍ଗୋପସାଗରରେ ଘନୀଭୂତ ହେଉଛି ଲଘୁଚାପ

**ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ) :** ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବାବେଳେ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଶୁକ୍ରବାର ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରର ରୂପ ନେବାର ସମ୍ଭାବନା ରହିଛି। ପରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଏହା ଗତି କରିବା ସହ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତରଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇପାରେ। ଏହାର ପ୍ରଭାବରେ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨ଦିନ ବିଭିନ୍ନ ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ରେଡ୍ ୱାର୍ନିଂ ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

# ରାଜ୍ୟପାଳଙ୍କୁ ଭେଟିଲେ ୮ ବିରୋଧୀ ଦଳ ପ୍ରତିନିଧି

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ଆଜି ରାଜଭବନଠାରେ କଂଗ୍ରେସ ସମେତ ୮ଟି ବିରୋଧୀ ଦଳର ପ୍ରତିନିଧି ସାକ୍ଷାତ କରିବା ସହ ରାଜ୍ୟରେ ବଢୁଥିବା ମହିଳା ନିର୍ଯାତନା ଓ ବ୍ୟବସ୍ଥାଗତ ବିଫଳତାରେ ସୁଧାର ଦିଗରେ ପଦକ୍ଷେପ ନେବା ସକାଶେ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଏଥିସହ ଜଣେ ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ

**ବ୍ୟବସ୍ଥାଗତ ବିଫଳତା ନେଇ ସ୍ମାରକପତ୍ର ପ୍ରଦାନ**

ଗଠନ କରାଯିବା ସକାଶେ ସେମାନେ ଦାବି କରିଛନ୍ତି। ଏହି କମିଶନ୍ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବା ସକାଶେ ସେମାନେ ରାଜ୍ୟପାଳଙ୍କ



ନିକଟରେ ଦାବି ରଖିଛନ୍ତି। ସେହିପରି ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମଧ୍ୟ ମିଳିତ ବିରୋଧୀ ଦଳର ସଦସ୍ୟମାନେ ଦାବି କରିଛନ୍ତି।

ଉକ୍ତ ସ୍ମାରକପତ୍ରରେ ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି, ରାଜ୍ୟରେ ପଡ଼ି ରହିଥିବା ମହିଳାଙ୍କ ସହ ଜଡ଼ିତ ୧୧ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗର ତୁରନ୍ତ ସମାଧାନ, ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ, ମହିଳାଙ୍କ ବିରୋଧରେ ହେଉଥିବା ଅପରାଧିକ ମାମଲାର ସମାଧାନ ୬ ମାସ ମଧ୍ୟରେ କରିବା ପାଇଁ ଦାବି ଉପସ୍ଥାପିତ ହୋଇଛି। ମହିଳା ଅପରାଧିକ ମାମଲାରେ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮.୩ ପ୍ରତିଶତରୁ ବଢ଼ାଇ ଜାତୀୟ ହାର ୨୬.୬ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କୁହାଯାଇଛି। ସେହିପରି ମାଦକ ଦ୍ରବ୍ୟ ସେବନଜନିତ ଅପରାଧ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଓ ସ୍କୁଲ-କଲେଜରେ ଯୌନ ନିର୍ଯାତନା ରୋକିବା ପାଇଁ ନିୟମିତ ସଚେତନ ଓ ତଦାରଖ ବ୍ୟବସ୍ଥା କରାଯିବା, ସାର୍ବଜନୀନ ସ୍ଥାନରେ ସୁନିଶ୍ଚିତ ବିଦ୍ୟୁତ ବ୍ୟବସ୍ଥା, ସିସିଟିଭି, ପୁଲିସ୍ ପେଟ୍ରୋଲିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି, ଜଷ୍ଟିସ ବର୍ମା କମିଟି ସୁପାରିସ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରିବା, ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ପ୍ରଦାନ ଓ କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ ଦିଗରେ ପଦକ୍ଷେପ ନେବା ସକାଶେ ମଧ୍ୟ ଦାବି କରାଯାଇଛି।

## ଗିରଫ ହେଲେ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ

**କଟକ,୨୪।୭ (ସଂଚାର ବ୍ୟୁରୋ) :** ବନ୍ଧା ହେଲେ କୁବେର ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ। ଗିରଫ ପରେ ଆଜି ସ୍ୱତନ୍ତ୍ର କୋର୍ଟ ଚାଲାଣ କରାଯିବ । ଗତକାଲି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ଘର ଓ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ରେଡ୍ କରାଯାଇଥିଲା। ବଡ଼ଗଡ଼ ଭୁବନେଶ୍ୱରରେ ତିନି ମହଲା ଘର, ବାଲିଅନ୍ତାରେ ୧.୫୭ ଏକରର ଫାର୍ମ ହାଉସରେ ଖୋଳତାଡ଼ କରିଥିଲା ଭିଜିଲାନ୍ସ । ତାଙ୍କ ଘରୁ ହରିଣ ଶିଙ୍ଗ ଓ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରାଯାଥିଲା । ବଡଗଡ ଫ୍ଲାଟରୁ ସୁନା ଗହଣା, ଦାମୀ ଘଣ୍ଟା, ୬୦ ହଜାରରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଥିଲା । ୧୦ ରୁ ୧୨ଟି ଆକାଉଣ୍ଟକୁ ଜବତ କରିଛି ଭିଜିଲାନ୍ସ। ଚଢ଼ାଉରେ ୬ଜଣ ଡିଏସପି ଓ ୧୦ ଇନ୍ସପେକ୍ଟର ସାମିଲ ହୋଇଥିଲେ।

● ଏଫ୍‌ଏମ୍ ପୀଡ଼ିତାଙ୍କ ମୃତ୍ୟୁ ଘଟଣା

# ପିସିସି ପାଳିଲା ଶ୍ରଦ୍ଧାଞ୍ଜଳି ଦିବସ




**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ବାଲେଶ୍ୱରର ଛାତ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଆଜି ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି। ଏହି ଅବସରରେ କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାଶ ଓ ବହୁ ମହିଳା ନେତ୍ରୀ ଦିବଂଗତ ଛାତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହ ସେମାନେ ବଲଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ନୀରବ ପ୍ରାର୍ଥନା ମଧ୍ୟ କରିଥିଲେ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟ ସମ୍ମୁଖରେ ପିସିସି ସଭାପତି ଶ୍ରୀ ଦାସ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ରାଜ୍ୟରେ ନାରୀଙ୍କ ଉପରେ ଅତ୍ୟାଚାରକୁ ରୋକିବା ପାଇଁ ଜନ ଜାଗରଣର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବାଣୀବିହାର ଛାତ୍ର ସଂସଦର ପୂର୍ବତନ ସଭାପତି ଆଇନଜୀବୀ ହିମାଂଶୁ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖପାତ୍ର ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ରଜନୀ ମହାନ୍ତି, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର,ଗୀତାଞ୍ଜଳି ମହାନ୍ତି, ଜୟଶ୍ରୀ ପାତ୍ର,ପ୍ରଣତି ମିଶ୍ର, ଅଶୋକ ଦାସ, ପ୍ରଶାନ୍ତ ଚଂପତି,ପ୍ରଶାନ୍ତ ଶତପଥୀ,କୃଷ୍ଣଚନ୍ଦ୍ର ପତି, ପୁଷ୍ପିତା ଦାସ, ଅଜୟ ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।

# ଲାୟନ୍ସ କ୍ଲବ ଭୁବନେଶ୍ୱରର ନୂତନ ସଭ୍ୟ ସଂଗ୍ରହ

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ହୋଟେଲ ସୂର୍ଯ୍ୟାଂଶଠାରେ ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସାଧାରଣ ସଭା ସହ ନୂତନ ସଭ୍ୟମାନଙ୍କ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ୍‌ର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡ଼ା, ସମ୍ପାଦକ ଲାୟନ ଏସ. କାହ୍ନୁ ରଞ୍ଜନ ପୃଷ୍ଟି, କୋଷାଧ୍ୟକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ, ଆଞ୍ଚଳିକ ଅଧ୍ୟକ୍ଷ ଲାୟନ ତପନ କୁମାର ହରିଚନ୍ଦନ, କ୍ଷେତ୍ରୀୟ ସଂଚାଳକ ଲାୟନ ଡକ୍ଟର ବିପିନ ବିହାରୀ ମିଶ୍ର ଯୋଗଦେଇ ଲାୟନ୍ସ କ୍ଲବକୁ ସାଧୁବାଦ ଜଣାଇଛନ୍ତି। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ନିକୁଞ୍ଜ ଛୋଟରାୟ ନୂତନ ସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ନୂତନ ସଦସ୍ୟମାନେ ସଦସ୍ୟତା ଗ୍ରହଣ କରିବା ପରେ ସେମାନଙ୍କର ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ୨୦୨୫-୨୬ ଲାୟନ୍ସ ବର୍ଷ ପାଇଁ ଜଣେ ଭାରତୀୟ ଭାବେ ଲାୟନ ଏପି ସିଂ ଅନ୍ତର୍ଜାତୀୟ ଲାୟନ୍ସ କ୍ଲବର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ହୋଇପାରିଛି। ଏ ବର୍ଷ ୧.୫ ମିଲିୟନରେ ସଭ୍ୟ ସଂଖ୍ୟା ପହଞ୍ଚାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହି ମର୍ମରେ କ୍ଲବ୍‌ର ପୂର୍ବତନ ସଭାପତି ଲାୟନ ରାମପ୍ରସାଦ ପାତ୍ର ୧୫ ଜଣ ସଦସ୍ୟଙ୍କୁ ଯୋଗଦାନ କରାଇଥିବାରୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେ ମଧ୍ୟ ଏକ ଲିଓ କ୍ଲବ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଲାୟନ ଇଞ୍ଜିନିୟର ସଞ୍ଜୟ କୁମାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




## ଏନସିଇଆର୍‌ଟି ପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନ ନ ପାଇବା ପ୍ରସଙ୍ଗ

# ରାଜ୍ୟବାସୀଙ୍କ ସହ ପ୍ରତାରଣା: ବିଜେଡି




**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ନିକଟରେ ପ୍ରକାଶିତ ଏନସିଇଆର୍‌ଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହ ସ୍ଥାନ ନ ପାଇବା ନେଇ ବିଜେପି ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ପାଇକ ବିଦ୍ରୋହ ବ୍ରିଟିଶ ସରକାରଙ୍କ ନୀତି ବିରୋଧରେ ପ୍ରଥମ ଦୃଢ଼ ସଂଗ୍ରାମ ହୋଇଥିବା ବେଳେ ଏହା ଓଡ଼ିଶା ସହ ଭାରତ ଇତିହାସର ଏକ ଗୌରବମୟ ଦିଗ। ଏହା ପୂର୍ବରୁ ଏନସିଇଆର୍‌ଟି ପୁସ୍ତକରେ ସ୍ଥାନ ଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦେଇଛି। ପାଇକ ବିଦ୍ରୋହକୁ ଭାରତର ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମର ମାନ୍ୟତା ଦେବା ପାଇଁ ଓଡ଼ିଶା ଦାବି କରିଆସୁଥିବା ବେଳେ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଥିଲେ ମଧ୍ୟ ଏହା ଏନସିଇଆର୍‌ଟି ପୁସ୍ତକରେ ସ୍ଥାନ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର ନାରା ଦେଇଥିବା ବିଜେପି ପାଇକ ବିଦ୍ରୋହକୁ ଏନସିଇଆର୍‌ଟିରେ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ପାଳନ କରିନାହିଁ। ଏହାକୁ ନେଇ ବିଭିନ୍ନ ବର୍ଗରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏନସିଇଆର୍‌ଟି ପକ୍ଷରୁ ପ୍ରକାଶିତ ପୁସ୍ତକର ଦ୍ୱିତୀୟ ଭଲ୍ୟୁମରେ ଏହା ସ୍ଥାନ ପାଇବ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। କିନ୍ତୁ ଏହି ସ୍ପଷ୍ଟୀକରଣ ଗ୍ରହଣୀୟ ନୁହେଁ ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ। ଏହା ଓଡ଼ିଶାବାସୀଙ୍କ ପ୍ରତି ପ୍ରତାରଣା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଓଡ଼ିଆ ଅସ୍ମିତା ନାରା କେବଳ ଓଡ଼ିଶାବାସୀଙ୍କ ଭୋଟ ହାତେଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

# ପିଏମ୍ ବିଶ୍ୱକର୍ମା, ଓଡ଼ିଶାରେ ୧୪ ପ୍ରତିଶତ ପଞ୍ଜିକରଣ

**ଭୁବନେଶ୍ୱର,୨୪।୭:** ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ସାମିଲ ପାଇଁ ସମଗ୍ର ଦେଶରେ ଯେତିକି ସଂଖ୍ୟାରେ ପାରମ୍ପରିକ କାରିଗର ଆବେଦନ କରୁଛନ୍ତି, ସେମାନଙ୍କ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ସଫଳତାର ସହ ପଞ୍ଜିକୃତ ହେଉଛନ୍ତି। ତେବେ ଓଡ଼ିଶାରେ ଏହି ଯୋଜନାରେ ଆବେଦନ କରୁଥିବା କାରିଗରଙ୍କ ମଧ୍ୟରୁ ୧୪ ପ୍ରତିଶତରୁ ଅଧିକ ନିଜକୁ ପଞ୍ଜିକୃତ କରାଇବାରେ ସଫଳ ହେଉଛନ୍ତି।

ଗାଁଗହଳରେ ଥିବା ପାରମ୍ପରିକ କାରିଗରମାନଙ୍କ ପାଇଁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଛି ପିଏମ୍ ବିଶ୍ୱକର୍ମା ଯୋଜନା। ଏହି ଯୋଜନାରେ ସାମିଲ ହେଉଥିବା କାରିଗରମାନଙ୍କୁ ସରକାରୀ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ ସହ ପୁଞ୍ଜି ଯୋଗାଣ, ଦକ୍ଷତା ବିକାଶ, କଞ୍ଚାମାଲ ପ୍ରଦାନ, ସାଜସରଞ୍ଜାମ ଯୋଗାଣ, ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା କରିବାର ବ୍ୟବସ୍ଥା ରହିଛି । ପଞ୍ଜିକୃତ କାରିଗରମାନଙ୍କୁ ଆଇକାର୍ଡ ପ୍ରଦାନ କରାଯାଉଛି। ତେଣୁ ଏହି କେନ୍ଦ୍ରୀୟ ଯୋଜନା ସାମିଲ ପାଇଁ ଅଧିକରୁ ଅଧିକ ସଂଖ୍ୟକ ପାରମ୍ପରିକ କାରିଗର ଆବଦନ କରୁଛନ୍ତି।

ସରକାରୀ ସୂଚନାନୁଯାୟୀ, ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ସମଗ୍ର ଦେଶରେ ୨ କୋଟି ୭୧ ଲକ୍ଷରୁ ଅଧିକ ପାରମ୍ପରିକ କାରିଗର ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ଅର୍ଥାତ୍ ୨୯ ଲକ୍ଷ ୯୪ ହଜାର ସଫଳତାର ସହ ପଞ୍ଜିକୃତ ହୋଇପାରିଥିଲେ। ତେବେ ସରକାର ଏହି ସମୟ ମଧ୍ୟରେ ୩୦ ଲକ୍ଷ ପାରମ୍ପରିକ କାରିଗରଙ୍କୁ ପଞ୍ଜିକୃତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାରୁ ଏହି ଲକ୍ଷ୍ୟ ପ୍ରାୟତଃ ପୂରଣ ହୋଇଥିବା ନେଇ ଧରାଯାଇଛି।

ତେବେ ଏହି ସମୟ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପାଖାପାଖି ୭ ଲକ୍ଷ ୪୦ ହଜାର ପାରମ୍ପରିକ କାରିଗର ନିଜକୁ ପଞ୍ଜିକୃତ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୧ ଲକ୍ଷ ୬ ହଜାରରୁ ସାମାନ୍ୟ ଅଧିକ କାରିଗର ପଞ୍ଜିକୃତ ହୋଇଥିଲେ। ତେଣୁ ଜାତୀୟ ସ୍ତରରେ କାରିଗରମାନଙ୍କ ହାରାହାରି ପଞ୍ଜିକୃତ ତୁଳନାରେ ଓଡ଼ିଶାର ପଞ୍ଜିକରଣ ହାର ଅଧିକ ରହିଥିଲା। ଅନ୍ୟ ପକ୍ଷରେ ପଡୋଶୀ ଛତିଶଗଡରେ ପଞ୍ଜିକରଣ ହାର ୧୧.୯ ପ୍ରତିଶତ ରହିଥିଲା। ସେଠାରେ ଓଡ଼ିଶା ତୁଳନାରେ ଅଧିକ ସଂଖ୍ୟକ ପାରମ୍ପରିକ କାରିଗର ଆବେଦନ କରିଥିବା ଦେଖିବାକୁ ମିଳିଥିଲା। ଆନ୍ଧ୍ର ପ୍ରଦେଶରେ ୨୧ ଲକ୍ଷରୁ ଅଧିକ କାରିଗର ଆବେଦନ କରିଥିବା ବେଳେ ପଞ୍ଜିକରଣ ହାର ୧୧ ପ୍ରତିଶତରୁ କମ୍ ରହିଥିଲା। ତେବେ ଦେଶର ଛୋଟ ଛୋଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କମ୍ ସଂଖ୍ୟକ ଆବେଦନ ହୋଇଥିବାରୁ ସେଠାରେ ପଞ୍ଜିକରଣ ହାର ଢେର ଅଧିକ ପରିଲକ୍ଷିତ ହୋଇଥିଲା।

ତେବେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନରେ ପଞ୍ଜିକୃତ ହେବାକୁ ଆବେଦନ କରିଥିବା ପାରମ୍ପରିକ କାରିଗରଙ୍କ ମଧ୍ୟରୁ ୩ ପର୍ଯ୍ୟାୟରେ ତନଖି ପରେ କର୍ଣ୍ଣାଟକର ସର୍ବାଧିକ ୫ ଲକ୍ଷ ୭୧ ହଜାରରୁ ଅଧିକ କାରିଗର ପଞ୍ଜିକୃତ ହୋଇଥିବା ବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଏହା ୨ ଲକ୍ଷ ୫୦ ହଜାରରୁ ଅଧିକ ରହିଛି ଏବଂ ଛତିଶଗଡ଼ରେ ଏହା ୧ ଲକ୍ଷରୁ ଅଧିକ ଥିବା ଜଣାଯାଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୨୫ ଜୁଲାଇ ୨୦୨୫, ଭୁବନେଶ୍ୱର
Friday 25 July 2025, Bhubaneswar

# ମୌସୁମୀର ପଦଧ୍ୱନୀ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ସ୍ପର୍ଶ କରିସାରିଛି। ଶୀଘ୍ର ଏହା କେରଳ ଛୁଇଁବ। ଏହା ପୂର୍ବରୁ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ପ୍ରାକ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ବେଙ୍ଗାଲୁରୁ ସହରରେ ଏବେ ପ୍ରାକ ମୌସୁମୀ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ବର୍ଷା ବିପ୍ୱାତରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏହା ହେଉଛି ଅୟମାରମ୍ଭ। ଆଗକୁ ଏଭଳି ଅନେକ ବିପ୍ୱାତ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଥିପାଇଁ ପ୍ରସ୍ତୁତ ରହିବା ଉଚିତ। ଗତ ବର୍ଷ କେରଳରେ ଘଟିଥିବା ବିପ୍ୱାତକୁ କେହି ଭୁଲି ନଥିବେ। ଏଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଏଥର ଉଭୟ ଆଇଏମଡି ଏବଂ ସ୍କାଏମେଟ ଆକଳନ କରିଛନ୍ତି ଯେ, ଚଳିତ ବର୍ଷ ଏଲନିନୋ ପ୍ରଭାବ ରହିବ ନାହିଁ। ମୌସୁମୀ ସ୍ୱାଭାବିକ ରହିବ ଏବଂ ସ୍ଥଳ ବିଶେଷରେ ହାରାହାରି ପରିମାଣଠାରୁ ଅଧିକ ବର୍ଷା ହେବ। ଏହା ନିଶ୍ଚିତ ଭାବେ ଆଶ୍ୱସ୍ତିର ବିଷୟ। ଯେଉଁଦିନ ମୌସୁମୀ କେରଳ ଛୁଇଁବ ସେହିଦିନ ଭାରତରେ ମୌସୁମୀ ପ୍ରବେଶ କଲା ବୋଲି କୁହାଯାଏ। କାରଣ ସେହିଦିନଠାରୁ ମୌସୁମୀ ମୂଳ ଭୂଖଣ୍ଡରେ ପ୍ରବେଶ କରିଥାଏ। ଏହା ପରେ ଧିରେ ଧିରେ ଏହା ଆଗକୁ ଗତି କରିବ ଏବଂ ୧ ମାସ ମଧ୍ୟରେ ଏହା ସମଗ୍ର ଭାରତକୁ ଆଚ୍ଛାଦିତ କରିବ ବୋଲି ଆକଳନ କରାଯାଉଛି। ଚଳିତ ବର୍ଷ ମୌସୁମୀ ଜୁନ ୧୨ ତାରିଖ ସୁଦ୍ଧା ଓଡ଼ିଶା ଛୁଇଁବ ବୋଲି ଆଶା କରାଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଅନୁଯାୟୀ ଏଥର ଭାରତରେ ମୌସୁମୀ ସ୍ୱାଭାବିକ ରହିବ। ଏଲନିନୋ ପ୍ରଭାବ ଆଶଙ୍କା ୬୦% ରହିଥିବା ବେଳେ ସ୍ୱାଭାବିକ ମୌସୁମୀ ସମ୍ଭାବନା ୯୬% ରହିଛି। ଭାରତରେ ଗତ ୫୦ ବର୍ଷର ହାରାହାରି ବୃଷ୍ଟିପାତ ପରିମାଣ ହେଲା ୮୮ ସେଣ୍ଟିମିଟର। ଏହାକୁ କୁହାଯାଏ ସ୍ୱାଭାବିକ ମୌସୁମୀ ବର୍ଷା। ଏହାର ୯୬ରୁ ୧୦୪% ପର୍ଯ୍ୟନ୍ତ ବର୍ଷାକୁ ସ୍ୱାଭାବିକ କୁହାଯିବ। ୧୦୪%ରୁ ଅଧିକ ବର୍ଷା ହେଲେ ଏହାକୁ ଅତିବୃଷ୍ଟି ଏବଂ ୯୬%ରୁ କମ ବର୍ଷା ହେଲେ ଏହାକୁ ସ୍ୱଳ୍ପ ବୃଷ୍ଟି ବୋଲି କୁହାଯାଏ। ସ୍ୱାଭାବିକ ପରିମାଣର ୯୦%ରୁ କମ ବର୍ଷା ହେଲେ ମରୁଡ଼ି ବୋଲି କୁହାଯିବ। ଆଇଏମଡିର ଆକଳନ ଅନୁଯାୟୀ ଚଳିତ ବର୍ଷ ଦେଶର ଉତ୍ତର-ପଶ୍ଚିମ ଭାରତରେ ବର୍ଷା ପରିମାଣ କମ ରହିବ। ବାକି ସବୁ ଅଞ୍ଚଳରେ ବର୍ଷା ସ୍ୱାଭାବିକ ବା ଅଧିକ ରହିବ। ଜୁନର ବର୍ଷା ପରିମାଣ କମ ରହିବ ବୋଲି ଆଇଏମଡି ପକ୍ଷରୁ କୁହାଯାଇଛି। ଗତ କିଛି ବର୍ଷ ହେବ ଏହା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି। ଜୁନ-ଜୁଲାଇରେ ବର୍ଷା ପରିମାଣ କମ ରହୁଛି। ଅଗଷ୍ଟରୁ ବର୍ଷ ପରିମାଣ ବଢୁଛି। ଅନେକ ସମୟରେ ଅକ୍ଟୋବରରେ ଅଧିକ ବର୍ଷା ହେଉଛି। ମୌସୁମୀ ପ୍ରବେଶ କରିବା ପରେ ଅନେକ ସମୟରେ ଏହାର ଗତି ମନ୍ଥର ହୋଇଯାଉଛି। ଆଉ ମୌସୁମୀ ଦୀର୍ଘ ଦିନ ଧରି ନିଷ୍କ୍ରିୟ ହେବାର ମଧ ନଜିର ରହିଛି। ଯାହା ବି ହେଉ ମୌସୁମୀ ସମ୍ପର୍କିତ ଆଇଏମଡିର ଭବିଷ୍ୟବାଣୀ ଆଶ୍ୱସ୍ତିର କାରଣ ହୋଇଛି। କାରଣ ଏହା ହିଁ ଭାରତୀୟ ଅର୍ଥନୀତିର ଭିତ୍ତିଭୂମି ସ୍ଥାପିତ କରିଥାଏ। ଭାରତ ଏକ କୃଷି ପ୍ରଧାନ ଦେଶ। କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଦେଶର ୬୦% ଲୋକ କୃଷି ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭର କରନ୍ତି। ଭାରତରେ ଅଧାରୁ ଅଧିକ ଚାଷଜମିକୁ ଜଳସେଚନ ସୁବିଧା ନାହିଁ। ଏସବୁ ଜମିରେ ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ବିଶେଷ କରି ଖରିଫ ଫସଲ ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ମୌସୁମୀରେ ଭଲ ବର୍ଷା ହେଲେ ଜଳଭଣ୍ଡାର ଭରପୁର ହୋଇଥାଏ ଏବଂ ପରେ ରବି ଫସଲ ପାଇଁ ଏହି ଜଳକୁ ବ୍ୟବହାର କରାଯାଇଥାଏ। ତେଣୁ ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଜମିରେ ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଯେଉଁ ବର୍ଷ ଭଲ ବର୍ଷା ହୋଇନଥାଏ ସେହିବର୍ଷ କୃଷି ଉତ୍ପାଦନ ହ୍ରାସ ପାଇଥାଏ ଏବଂ ଦେଶରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥାଏ। ଚଳିତ ବର୍ଷ ଦେଶରେ ଖାଦ୍ୟ ଉତ୍ପାଦନ ୩୩୦ ମିଲିଅନ ଟପିବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି ଯାହା କି ଏକ ସର୍ବକାଳୀନ ରେକର୍ଡ ହେବ। ବିଶେଷ କରି ଗହମ ଉତ୍ପାଦନ ଏଥର ୧୧୨ ମିଲିଅନ ଟନ ଟପିବ ବୋଲି କୁହାଯାଉଛି ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ଶୁଭଖବର। ଗତ ବର୍ଷ ଗହମ ଉତ୍ପାଦନ ହ୍ରାସ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ ସରକାରଙ୍କୁ ଗହମ ରପ୍ତାନୀ ଉପରେ କଟକଣା ଲଗାଇବାକୁ ପଡ଼ିଥିଲା ଯାହା ଏବେ ବି ବଳବତ୍ତର ରହିଛି। ଗହମ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ। କିନ୍ତୁ ଗହମର ଘରୋଇ ଚାହିଦା ଏତେ ଅଧିକ ଯେ ଉତ୍ପାଦନ ବୃଦ୍ଧି ସତ୍ତ୍ୱେ ଭାରତ ଅଧିକ ଗହମ ରପ୍ତାନୀ କରିନଥାଏ। କିନ୍ତୁ ଗତ ବର୍ଷ ୟୁକ୍ରେନ ଯୁଦ୍ଧ ଯୋଗୁ ଗ୍ଲୋବାଲ ସପ୍ଲାଇ ଚେନ ପ୍ରଭାବିତ ହୋଇଥିଲା। ଏଥିପାଇଁ ଭାରତରୁ ଅନେକ ଦେଶ ଗହମ ଆମଦାନୀ କରିଥିଲେ। ଫଳରେ ଭାରତରେ ଗହମର ଅଭାବ ଦେଖାଦେଇଥିଲା ଏବଂ ଦରବୃଦ୍ଧି ହୋଇଥିଲା। ମାଗଣା ରାସନ ଯୋଜନାରେ ଏଥିପାଇଁ ଦୀର୍ଘ ଦିନ ହେବ ଗହମ ଆଉ ମିଳୁନି। ଆଶା କରାଯାଉଛି ଚଳିତ ବର୍ଷ ସ୍ଥିତି ସ୍ୱାଭାବିକ ହୋଇଯିବ। ଗହମ ଭଳି ଚାଉଳ ଉତ୍ପାଦନ ମଧ ଏଥର ସର୍ବକାଳୀନ ରେକର୍ଡ କରିବ। ତେବେ ଚିନ୍ତାର ବିଷୟ ହେଲା ଭାରତରେ ଡାଲି ଉତ୍ପାଦନ ଆବଶ୍ୟକତା ଅନୁଯାୟୀ ବୃଦ୍ଧି ପାଉନି। ଏଥିପାଇଁ ଡାଲି ଦର ବଢୁଛି। ଏବେ ହରଡ଼ଡାଲି ଦର କେଜି ପିଛା ୧୨୫ ଟଙ୍କା ରହିଛି। ସରକାର ଡାଲି ଉତ୍ପାଦନ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଉଚିତ। ଏଥର ଭାରତରେ ମୌସୁମୀ ସ୍ୱାଭାବିକ ରହିବା ଏକ ଶୁଭ ଖବର। କେବଳ ଚାଷୀଭାଇ ନୁହଁନ୍ତ, ସମ୍ପୂର୍ଣ୍ଣ ଦେଶ ପାଇଁ ଏହା ଏକ ଭଲ ଖବର। କିନ୍ତୁ କେବଳ ମୌସୁମୀ ସ୍ୱାଭାବିକ ହେଲେ ସବୁ କିଛି ହୋଇଯିବ ନାହିଁ। ଅନେକ ସମୟରେ ଅଦିନିଆ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ହାନି ହୋଇଥାଏ। ଏହାର ନିୟନ୍ତ୍ରଣ ସରକାରଙ୍କ ହାତରେ ନାହିଁ। କିନ୍ତୁ ଗୋଟିଏ କଥା ଆମ ହାତରେ ରହିଛି। ତାହା ହେଲା ମୌସୁମୀରେ ଯେଉଁ ପରିମାଣର ବର୍ଷା ହେଉଛି ତାହାର ଉପଯୋଗ ହାରକୁ ବୃଦ୍ଧି କରିବା। ଏଥିପାଇଁ ଜଳ ସଂରକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଉଚିତ। ଯଦି ବର୍ଷା ଦିନେ ପ୍ରଚୁର ଜଳ ସଂରକ୍ଷିତ ହୋଇପାରିବ ତେବେ ଏହା ରବି ଋତୁରେ କାମ ଦେବ। ରବି ଫସଲ ଉତ୍ପାଦନ ବଢ଼ିଲେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୋଇପାରିବ। ତେଣୁ ମୌସୁମୀ ବର୍ଷର ସଂରକ୍ଷଣକୁ ସରକାର ସର୍ବାଧିକ ଗୁରୁତ୍ୱ ଦେବା ଉଚିତ।



# 'ବର୍ତ୍ତମାନ ସମାଜରେ ଖନା ବଚନର ପ୍ରାସଙ୍ଗିକତା'



ଡଃ. ଅମୂଲ୍ୟ କୁମାର ପଣ୍ଡା

ଜ୍ୟୋତିଷ ବିଦ୍ୟା ବିଶରଦ ବରାହମିହୀରଙ୍କ ପୁତ୍ରବଧୁ ଲୀଳାବତୀ କହିଥିବା ଜ୍ୟୋତିଷ ସାରକଥା ଖନା ବଚନ ଭାବେ ପ୍ରସିଦ୍ଧ । ଲୀଳାବତୀ ଜ୍ୟୋତିଷ ଶାସ୍ତ୍ରବିଦ୍ୟାରେ ପୃଥିବୀର ସର୍ବଶ୍ରେଷ୍ଠା , ତାଙ୍କର ଗଣନା ଅଭ୍ରାନ୍ତ ଏବଂ ଆଶ୍ଚର୍ଯ୍ୟ ଧରଣର ଥିଲା। ଶଶୁରଙ୍କ ଆଦେଶ ପାଳନ କରି ତାଙ୍କ ସ୍ୱାମୀ ମିହୀର ତାଙ୍କ ଜିହ୍ୱା ଛେଦନ କରିଥିଲେ । ଜିହ୍ୱା ଛେଦନ ପୂର୍ବରୁ ସେ କାଳ ନିରୂପଣ, ଶସ୍ୟ ବିଷୟର ଜ୍ଞାନ, କୃଷିତତ୍ତ୍ୱ ଜ୍ୟୋତିଷର ଅନେକ ସାରକଥା କହିଥିଲେ। ସେ ସବୁ ବଙ୍ଗଳା ଓ ଓଡ଼ିଆ ଭାଷାରେ ଖନା ବଚନ ଭାବେ ପ୍ରଚଳିତ। କିମ୍ବଦନ୍ତୀ ଅନୁଯାୟୀ ଧନ୍ୱନ୍ତରୀ, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପୂର, କାଳି ଦାସ,ବରାହମିହୀର ଓ ବରରୁଚି ଏହି ନଅଜଣ ନବରତ୍ନ । ଏମାନେ ଉଜ୍ଜୟିନୀ ମହାନଗରରେ ବୀର ବିକ୍ରମାଦିତ୍ୟଙ୍କ ରାଜସଭା ଅଳଂକୃତ କରୁଥିଲେ। ଏହିମାନେ ଆୟୁର୍ବେଦ, ଜ୍ୟୋତିଷ, ସାହିତ୍ୟ ଦର୍ଶନ ପ୍ରଭୃତି ବିଷୟରେ ଦିଗବିଜୟୀ ପଣ୍ଡିତ ଥିଲେ । ବରାହମିହୀର ଏହି ନବରତ୍ନଙ୍କ ମଧ୍ୟରେ ଅନ୍ୟତମ। ଲୀଳାବତୀ ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ, କିନ୍ତୁ ସମୁଦ୍ର ମଧ୍ୟରେ କୈଣସି ଦ୍ୱୀପରେ ବାସ କରୁଥିବା କେତେକ ରାକ୍ଷସ ଲୀଳାବତୀଙ୍କର ପିତୃରାଜ୍ୟରେ ପ୍ରବେଶ କରି ତାଙ୍କୁ ସବଂଶରେ ମାରି ସେହି ରାଜ୍ୟରେ ବାସ କରୁଥିବା ପ୍ରଜାମାନଙ୍କୁ ବିନାଶ କରି ରାଜକୋଷର ସମସ୍ତ ଧନରତ୍ନ ଅପହରଣ କରିନେଲେ । ମାତ୍ର ଲୀଳାବତୀଙ୍କୁ ଅଳ୍ପବୟସ୍କା କୁମାରୀ ଦେଖି ଏବଂ ତାଙ୍କର ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ପ୍ରତିହିଂସା ପରାୟଣ ରାକ୍ଷସମାନଙ୍କ ହିଂସା ବିଦୂରିତ ହେଲା। ସେମାନେ ଧନରତ୍ନ ସହିତ ସୁକୁମାରୀ ଲୀଳାବତୀଙ୍କୁ ଅକ୍ଷତ ଶରୀରରେ ନିଜ ଘରକୁ ନେଇ ଗଲେ । ସେଠାରେ ସୁକନ୍ୟାକୁ ଲାଳନ ପାଳନ କରି ନାନାଦି ଜ୍ୟୋତିଷ ଶାସ୍ତ୍ରଶିକ୍ଷା ଦେଲେ । ଯାହାଦ୍ୱାରା ସେ ପୃଥିବୀର ସର୍ବଶ୍ରେଷ୍ଠା ଜ୍ୟୋତିଷ ରୂପରେ ନିଜର ପରିଚୟ ଦେଇ ଯାଇଛନ୍ତି। ଏଣେ ଉଜ୍ଜୟିନୀରେ ବରାହମିହୀରଙ୍କ ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା, ଜ୍ୟୋତିଷ ବିଷାରଦ ପିତା ତାଙ୍କର ଜନ୍ମକୋଷ୍ଠୀ ବିଚାର କରି ଶତବର୍ଷ ପରମାୟୁ ସ୍ଥାନରେ ଦଶବର୍ଷ ବୋଲି ସ୍ଥିର କଲେ । ତେଣୁ ବରାହମିହୀର ଦଶବର୍ଷ ପୁଅର ମୃତ୍ୟୁହେଲେ ବିଶେଷ କଷ୍ଟଦାୟକ ହେବ ବୋଲି ସଦ୍ୟଜାତ ଶିଶୁଟିକୁ ଗୋଟିଏ କାଷ୍ଠପାତ୍ରରେ ପୁରାଇ ନଦୀଗର୍ଭରେ ଭସାଇ ଦେଲେ । ଉକ୍ତ ପାତ୍ରଟି ଭାସି ଯାଇ ଲୀଳାବତୀ ଥିବା ଦ୍ୱୀପ ନିକଟରେ ଲାଗିଲା । ସେଠାରେ ଜୈନକ ରାକ୍ଷସ ସୁକୁମାର ଶିଶୁଟିକୁ ଦେଖି ତାର ରୂପଲାବନ୍ୟରେ ଆକୃଷ୍ଟ ହୋଇ ଲୀଳାବତୀ ନିକଟରେ ରଖିଲା ଏବଂ ପୁତ୍ରକନ୍ୟା ନିର୍ବିଶେଷରେ ଲୀଳାବତୀ ଓ ମିହିର ଏହି ଦୁଇଟିକୁ ଲାଳନ ପାଳନ କରିବା ସଙ୍ଗେ ସଙ୍ଗେ ଜ୍ୟୋତିଷ ବିଦ୍ୟା ଶିକ୍ଷା ଦେଲେ । ଦୁଇ ଜଣ ଶୈଶବ ଅବସ୍ଥା ଅତିକ୍ରମ କରି ଯୌବନରେ ପ୍ରବେଶ କଲେ । ଏକତ୍ର ବାସ ହେତୁ ପରସ୍ପର ପ୍ରତି ପ୍ରେମ ଦୃଷ୍ଟି ପଡିଲା ଓ ପରସ୍ପର ପ୍ରେମରେ ଛନ୍ଦି ହୋଇଗଲେ । ସୁତରାଂ କ୍ରୂର ରାକ୍ଷସମାନଙ୍କ କବଳ ମୁକ୍ତି ପାଇଁ ଉଭୟ ବହୁତ ଚେଷ୍ଟା କରୁଥିଲେ । ଦିନେ ଦୁହେଁ ମାହେନ୍ଦ୍ର ମୁହୂର୍ତ୍ତ ସ୍ଥିରକରି ଘରୁ ବାହାରି ପଡିଲେ ଲକ୍ଷ୍ୟହୀନ ଭାବରେ । ଏହା ଜାଣି ପ୍ରହରୀ ଦଳପତିଙ୍କୁ ସମ୍ବାଦ ଦେଲା । ମାତ୍ର ଦଳପତି ଭାବିଲେ ଯେ ଏମାନେ ମାହେନ୍ଦ୍ର ବେଳାରେ ଅନୁକୂଳ କରୁଥିବାରେ ନିଷ୍ଚୟ କୃତକାର୍ଯ୍ୟ ହେବେ। ତେଣୁ ଜଣେ ରାକ୍ଷସକୁ ଡାକି କହିଲେ , ତୁମ୍ଭେ ଏହି ଦୁଇଜଣଙ୍କୁ କାନ୍ଧରେ ବସାଇ ସମୁଦ୍ରର ଆରପାରିରେ ଛାଡି ଦେଇ ଆସିବ ଏବଂ ଏହି ଆକାଶ ତତ୍ତ୍ୱ, ପୃଥିବୀତତ୍ତ୍ୱ ଓ ପାତାଳତତ୍ତ୍ୱ ପୁସ୍ତକ ତିନିଖଣ୍ଡ ଦେଇ ଗୋଟିଏ ପ୍ରଶ୍ନ କରିବ। ପ୍ରଶ୍ନଟିର ଉତ୍ତର ଦେଲାପରେ ପୂର୍ବୋକ୍ତ ପାତାଳତତ୍ତ୍ୱ ପୁସ୍ତକ ଖଣ୍ଡିକ ତାହାଠାରୁ ଘେନି ଆସିବ । ଭୃତ୍ୟ ପ୍ରଭୁଙ୍କର ଆଦେଶରେ ସେହିପରି କଲା । ସମୁଦ୍ର ଏ ପାଖରେ ଗୋଟିଏ ପ୍ରସବ କଷ୍ଟ ପାଉଥିବା ଗାଈକୁ ଦେଖାଇ ଗର୍ଭସ୍ଥ ସନ୍ତାନର ବର୍ଣ୍ଣ କଣ ବୋଲି ପଚାରିବାରୁ ମିହୀର ଶୁକ୍ଳବର୍ଣ୍ଣ ବୋଲି କହନ୍ତେ ରାକ୍ଷସ ପାତାଳତତ୍ତ୍ୱ ପୁସ୍ତକ ଖଣ୍ଡକ ନେଇ ଚାଲିଗଲେ । କିଛି କ୍ଷଣ ପରେ ଗାଈଟି ବାଛୁରୀ ଜନ୍ମ କଲା ଓ ବର୍ଣ୍ଣ ଅଳ୍ପ ରକ୍ତବର୍ଣ୍ଣ ଦିଶିବାରୁ ମିହୀର ବିରକ୍ତ ହୋଇ ପୁସ୍ତକ ଦୁଇଖଣ୍ଡ ଚିରି ସମୁଦ୍ରରେ ପକାଇ ଦେଲେ । ମାତ୍ର ପରେ ବାଛୁରୀଟି ଶୁକ୍ଳବର୍ଣ୍ଣ ଜାଣିପାରି ବହୁ ପରିଶ୍ରମ କରି ଉକ୍ତ ପୁସ୍ତକର କେତେକ ଅଂଶ ପାଇ ଉଜ୍ଜୟିନୀ ପହଞ୍ଚିଲେ । ବରାହମିହୀର ନିଜର ତ୍ୟକ୍ତ ପୁତ୍ରକୁ ପାଇ ଏବଂ ସମସ୍ତ ଘଟଣା ଗଣନାଦ୍ୱାରା ଜାଣିପାରି ପୁଅ ଓ ବୋହୁଙ୍କୁ ଆଦରରେ ରଖିଲେ । ସମୟ କ୍ରମେ ରାଜା ଓ ରାଜସଭାର ସମସ୍ତ ସଦସ୍ୟମାନେ ଲୀଳାବତୀଙ୍କ ଧୀମତ୍ତାର ପରିଚୟ ପାଇ ତାଙ୍କୁ ରାଜସଭାରେ ସ୍ଥାନ ଦେଲେ । ଏହାଦ୍ୱାରା ବରାହମିହୀର ନିଜକୁ ଅପମାନିତ ମନେ କଲେ । କାରଣ ତାଙ୍କର ଖ୍ୟାତି ଦିନକୁ ଦିନ କମିବାରେ ଲାଗିଲା, ତାଙ୍କର ପ୍ରତିହିଂସା ଦିନକୁ ଦିନ ପ୍ରବଳ ହେଲା। ସେ ଦିନେ ନିଜ ପୁତ୍ର ମିହୀରଙ୍କୁ ଡାକି କହିଲେ : ତୁମେ ଲୀଳାବତୀଙ୍କ ଜିହ୍ୱା ଛେଦନ କର, ତା ନ ହେଲେ ଆମ୍ଭର ସମ୍ମାନ ରହିବ ନାହିଁ । ପିତାଙ୍କ ଆଦେଶ ରକ୍ଷା କରି ମିହୀର ଏକ ଛୁରୀ ଧରି ଲୀଳାବତୀଙ୍କ ନିକଟରେ ପହଞ୍ଚିଲେ । ଲୀଳାବତୀ ଏହା ଜାଣି ପାରି କହିଲେ : ସ୍ୱାମୀ , ପିତ୍ରାଦେଶ ପାଳନ କରନ୍ତୁ ମାତ୍ର ତାହା କରିବା ପୂର୍ବରୁ ମୋ ଠାରୁ କେତେକ ବିଷୟ ଲେଖି ରଖନ୍ତୁ । ଏହାକହି କାଳ ନିରୂପଣ, ଶସ୍ୟ ବିଷୟକ ଜ୍ଞାନ, କୃଷିତତ୍ତ୍ୱ ଜ୍ୟୋତିଷର ଅନେକ ସାର କଥା କହିଥିଲେ । ତାହା ପରେ ମିହୀର ପିତାଙ୍କ ଆଦେଶରେ ପତ୍ନୀଙ୍କ ଜିହ୍ୱା ଛେଦନ କଲେ । ସେହିଦିନ ଠାରୁ ଲୀଳାବତୀ ଖନା ହେଲେ । ତେଣୁ ଖନାର କଥାକୁ ଖନା ବଚନ କୁହାଯାଏ ।

## ଖନା ବଚନ ଅନୁଯାଇ:

ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା/ ମେଘ ବରଷଇ ମୂଷଳ ଧାରା।। ଅର୍ଥାତ୍ ଚନ୍ଦ୍ରମଣ୍ଡଳ ମଧ୍ୟରେ ଅଛି ଗୋଟିଏ ତାରା। ଖନାବଚନ ଅନୁସାରେ ଚନ୍ଦ୍ରମଣ୍ଡଳ ମଧ୍ୟରେ ଗୋଟିକିଆ ତାରା ଦେଖିଲେ ୭ ଦିନ ଭିତରେ ମୂଷଳଧାରାରେ ବର୍ଷା ହୁଏ। ଯଦିଏହା ସତ ହୁଏ, ତେବେ ଆଉ ସପ୍ତାହକରେ ଆଉ ଏକ ଲଘୁଚାପ ହୋଇଥାଏ । ସେହିପରି ଭାଦ୍ରବ ମାସରେ କଦଳୀ ନ କର ରୋପଣ /ରୋପଣ କରି ମରିଲା ସବଂଶେ ରାବଣ ।। ଅନ୍ତେ ତିକ୍ତ ଦନ୍ତେ ଲୁଣ ମଥାରେ ପଗଡ଼ି /ଭୋଜନ ରେ ତିନି କୋଣ ପେଟ ଥିବ ପୁରି ।। ପାଦରେ ସୋରିଷ ତେଲ / ବଇଦ ସାଙ୍ଗରେ ଗେଲ ।। ସକାଳେ ସଞ୍ଜରେ ଯିଏ ନିତ୍ୟକର୍ମ ସାରେ / ବଇଦ ମାରେନି ହାତ ତା ପଇସାରେ ।। କାର୍ତ୍ତିକ ବରଷା ହୀନମାନ/ ଅଗ୍ରାଣେ ବରଷା ଲୋକସାନ ।।ପୌଷେ ଶସ୍ୟ ଯାଇ ନାଶ/ ଖନା କହେ ସର୍ବଶେଷ।। ଆଷାଢ଼ ମାସର ବତୁରି ଚାଷ ଅତି ଭାଗ୍ୟ ଥିଲେ ପାଇ / ଠିଆ ହୋଇକରି ଧାନ ବୁଣିଲେ ବସି ଖାଉଥିବୁ ଭାଇ ।। ଖଟି ଖଟାଏ ଲାଉ ପାଏ । ତାର ଅର୍ଦ୍ଧେକ ଯେ ନିତି ଧାଏଁ ।। ଘରେ ବସି କହେ ବାତ୍ / ତାର ଘରେ ହା ଭାତ୍ ।। ପୌଷେ ଗରମି ବୈଶାଖେ ଝଡ/ ପହିଲି ଆଷାଢ଼େ ବରଷେ ଗଡ଼ । ଖନା କହେ ଶୁଣ ହେ ସ୍ୱାମି /ଶ୍ରାବଣେ ଭାଦ୍ରବେ ନ ହୁଏ ପାଣି || ଚନ୍ଦ୍ର ମଣ୍ଡଳ ମଧେ ତାରା / ମେଘ ବରଷଇ ମୂଷଳ ଧାରା ।। କାର୍ତ୍ତିକ ମାସରେ ଦାଣ୍ଡରେ ପାଣି/ ହାଟୁଆ କାଢ଼ିଲେ ବଡ଼ ଗଉଣୀ ।। ଆଗେ ବୁଣୁ ପଛେ ବୁଣୁ/ ଗର୍ଭଣାକୁ ଟୁଣୁ ଟୁଣୁ ।। ଦିବସେ ବରଷା ରାତିରେ ତାରା / ସେ ବରଷା ଧରା ଦୁଃଖରେ ଭରା ।। ଆଷାଢେ କଢାଣ ନାମକୁ, ଶ୍ରାବଣେ କଢାଣ ଧାନକୁ / ଭାଦ୍ରବେ କଢାଣ ନ୍ୟୂନ, ଆଶ୍ୱିନେ କଢାଣ ଶୂନ୍ୟ ।। ବେଙ୍ଗ ଡାକିଲେ ଘନ ଘନ/ ଶିଘ୍ର ବୃଷ୍ଟି ହେବ ଜାଣ ।। ବ୍ରାହ୍ମଣ, ନାୟକ, ବର୍ଷା, ବଢ଼ି / ଦକ୍ଷିଣା ପାଇଲେ ଯାଆନ୍ତି ଛାଡି ।। ଗୋରୁ ପୃଷ୍ଠେ ଯାତ୍ରା ବେଳେ/ ଯଦି କାକ ବସେ ଭଲେ... ଧନ ରତ୍ନ ବହୁ ମିଳେ/ ଭାଗ୍ୟେ ଶୁଭଫଳ ଫଳେ ।। ଏହିପରି ଅନେକ୍ କଥା ଲେଖିଛନ୍ତି । ସେହିପରି ଖନା ବଚନ ଅନୁଯାୟୀ ମନୁଷ୍ୟ ଶରିରରେ କେଉଁ ସ୍ଥାନରେ କଳାଯାଇ ଥିଲେ କି ଫଳ ମିଳିଥାଏ ତାହା ମଧ ଲେଖିଛନ୍ତି । ଯେପରି - ମସ୍ତକର ତାଳୁ ଉପରେ — ମହାଜ୍ଞାନୀ। ଲଲାଟର ମଧ ଭାଗରେ — ସୌଭାଗ୍ୟ। ଦକ୍ଷୀଣ ଲଲାଟ — ହଠାତ୍ ଧନୀ। ବାମ ଲଲାଟ — ଦୁଶ୍ଚରିତ୍ର। ଦକ୍ଷୀଣ ଚକ୍ଷୁ ପତାରେ — ଯଶସ୍ୱୀ। ବାମ ଚକ୍ଷୁ ପତାରେ — କଷ୍ଟଦାୟକ। ନାକ ଦଣ୍ଡରେ — ସୁଖୀ। ନାକ ପୁଡାରେ- ମାର୍ଜିତ। ମୁଖର ଦକ୍ଷୀଣ ପଟେ — ପ୍ରେମିକ,ବିଳାସୀ । ମୁଖର ବାମ ପଟେ — ପ୍ରବାସୀ ଓ ଲମ୍ପଟ। ମୁଖ ନିମ୍ନରେ — ଲୋଭୀ । ଓଠ ତଳେ — ପ୍ରେମିକ। ଗାଲର ଦକ୍ଷୀଣ — ନିରହଙ୍କାରୀ। ଗାଲର ବାମରେ — ପରିଶ୍ରମୀ ଓ ପରିତ୍ୟକ୍ତ।ଗଳ ଦେଶରେ — ଆକସ୍ମିକ ଧନ ଲାଭ ଓ ପ୍ରତିଷ୍ଠା ଲାଭ । କଣ୍ଠରେ — ବିହାହ ପରେ ସୌଭାଗ୍ୟ। ଦକ୍ଷୀଣ ବାହୁ — ଭାଗ୍ୟବାନ। ବାମ ବାହୁ — ହୀନ କର୍ମା। ଉଭୟ ବାହୁ — କୂଳ ଶ୍ରେଷ୍ଠ। ଦକ୍ଷୀଣ ବକ୍ଷ — ଦୁର୍ବିପାକରେ ସର୍ବସ୍ୱାନ୍ତ। ବାମ ବକ୍ଷ — ଉଗ୍ର ପ୍ରକୃତି ଓ ଅଳସୁଆ। ବକ୍ଷ ମଧେ — କାର୍ଯ୍ୟ ସିଦ୍ଧି। ନଖ — ଦୁଃଖୀ। କର ତଳେ — ଗୋଟିଏ ଚିହ୍ନ :- ରାଜା ତୁଲ୍ୟ ସମ୍ମାନ। ଦୁଇଟି ଚିହ୍ନ :- ଧନୀ। ତିନୋଟି ଚିହ୍ନ :- ରୋଗୀ। ଅଧିକ ଚିହ୍ନ :- ବହୁ ସନ୍ତାନ। ପିଠିରେ — ପରୋପକାରୀ। କାଖରେ — ଭାବୁକ।ପେଟର ଦକ୍ଷୀଣରେ — ଭାଗ୍ୟବାନ ଓ ଦାନୀ। ପେଟର ବାମରେ — ଦରିଦ୍ର ଓ ରୋଗୀ। ପାଦ ତଳେ — ଶିକ୍ଷିତ ଓ ବିଦେଶ ଯାତ୍ରା। ଏହିପରି ଖନା ବଚନରେ ଲିଖିତ ବାଣୀ କେବେ ଅନ୍ୟଥା ନୁହଁଇ । ଏହା ଆମେ ଓ ଆମ ପୂର୍ବ ପିଢି ମଧ ଜାଣିଛନ୍ତି । ତେବେ ଅତ୍ୟାଧୁନିକ ଯୁଗରେ ଏକଥା କୁ କେତେକ ବିଶ୍ୱାସ କରନ୍ତି ନାହିଁ ତଥା ଏବେ ପିଢି ଏ କଥା ଜାଣି ନାହାଁନ୍ତି କାରଣ ସେମାନଙ୍କ ପିତା ମାତା ଏକଥା ସେମାନଙ୍କୁ ଜଣାଇ ନ ଥାନ୍ତି । କିନ୍ତୁ ଖନା ବଚନ ହେଉ ଅବା ଜ୍ୟୋତିଷ ଶାସ୍ତ୍ର ତଥା ଜ୍ୟୋତିର୍ବିଜ୍ଞାନ ନିଶ୍ଚିତ ରୂପେ ବିଜ୍ଞାନ ସମ୍ମତ । ଏଥିରୁ ଅନୁମେୟ ଯେ ଆମ ପୂର୍ବ ପୁରୁଷ ଙ୍କ ଚିନ୍ତାଧାରା ଓ ଜ୍ଞାନ କେତେ ଉନ୍ନତ ଯାହାକୁ ଆମେ ଓ ଆମ ପର ପିଢି ଜାଣିବା ଦରକାର ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ବିହାରରେ ଯୋଜନା ବର୍ଷା



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଏହା ନିସନ୍ଦେହ ଯେ, ବିହାର ଏବେ ଜାତୀୟ ରାଜନୀତିରେ କେନ୍ଦ୍ର ବିନ୍ଦୁ ପାଲଟିଛି। ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏବେ ଜନକଲ୍ୟାଣକାରୀ ଯୋଜନାଗୁଡିକର ବର୍ଷା ହେଉଥିବାବେଳେ ଭାରତର ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଟେଂନସିଭି ରିଭିଜନ(ଏସଆଇଆର)କୁ ନେଇ ପାର୍ଲିଆମେଣ୍ଟରେ ଝଡ ସୃଷ୍ଟି ହୋଇଥିବାବେଳେ ଉପ-ରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଆକସ୍ମିକ ଇସ୍ତଫା ପରେ ଏବେ ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ରାଜ୍ୟପାଳ ଆରିଫ ଅହମ୍ମଦ ଖାଁ ଏବଂ ଶାସକ ଜେଡିୟୁର ସାଂସଦ ତଥା ରାଜ୍ୟସଭାର ଉପାଧକ୍ଷ ହରିବଂଶ ସିଂହଙ୍କ ନାମକୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ଯୋର ଧରିଛି। ତେବେ ବିହାରରେ ଜନକଲ୍ୟାଣକାରୀ ଯୋଜନାର ବର୍ଷାରେ ବିସ୍ମିତ ହେବାରେ କିଛି ନାହିଁ। କାରଣ ଲୋକସଭା ହେଉ କି ବିଧାନସଭା ନିର୍ବାଚନ ହେଉ, ଅବ୍ୟବସ୍ଥିତ ପୂର୍ବରୁ ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ଶାସକ ଓ ବିରୋଧି ଦଳ ମାଗଣା ଯୋଜନାର ପ୍ରତିଶୃତି ବର୍ଷା କରିବା ଭାରତୀୟ ନିର୍ବାଚନ ରାଜନୀତିରେ ଏକ ପରମ୍ପରାରେ ପରିଣତ ହୋଇଥିବା କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଚଳିତ ବର୍ଷର ଶେଷ ଆଡକୁ ବିହାର ବିଧାନସଭା ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ମାସକୁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ମାଗଣା ଦେବା ପାଇଁ ଘୋଷଣା କରିଛନ୍ତି। ଯାହାକି ଆସନ୍ତା ଅଗଷ୍ଟ ମାସ ପହିଲାରୁ ଲାଗୁ ହେବ। ଏ ଯୋଜନାରେ ରାଜ୍ୟର ୧.୬୭ କୋଟି ପରିବାର ଉପକୃତ ହେବ। ସେହିପରି କୁଟୀର ଜ୍ୟୋତି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟର ୫୮ଲକ୍ଷ ପରିବାର ଛାତ୍ର ଉପରେ ସୋଲାର ପ୍ରତିଷ୍ଠା କରାଯିବ। କେବଳ ଏତିକି ନୁହେଁ ରାଜ୍ୟର ସରକାରୀ ଚାକିରୀରେ ମହିଳାଙ୍କ ପାଇଁ ୩୫ ପ୍ରତିଶତ ସଂରକ୍ଷଣ, ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କ ପାଇଁ ମାସିକ ସାମାଜିକ ସୁରକ୍ଷା (ଭତା) ୪୦୦ଟଙ୍କାରୁ ୧୧୦୦ଟଙ୍କାକୁ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟରେ ଯୁବକଲ୍ୟାଣ ପାଇଁ ରାଜ୍ୟ ଯୁବ କମିଶନ ପ୍ରତିଷ୍ଠା, ଯୁବକ ଯୁବତୀଙ୍କ ପାଇଁ ଏକ ନୂତନ ଇଂଟର୍ଣ୍ଣସିପ୍ ଯୋଜନା ପ୍ରଣୟନ କରାଯାଇଛି। ଯେଉଁ ଯୋଜନାରେ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ୧୮ରୁ ୨୮ ବର୍ଷ ମଧ୍ୟରେ ଯୁବକ ଯୁବତୀଙ୍କ ପାଇଁ ମାସିକ ଷ୍ଟାଇପେଣ୍ଡ ୪୦୦୦ଟଙ୍କାରୁ ୬୦୦୦ଟଙ୍କାକୁ ବୃଦ୍ଧି ଘୋଷଣା କରାଯାଇଛି। ଏହି ଯୋଜନାରେ ପ୍ରଥମ ବର୍ଷରେ ରାଜ୍ୟର ୫ହଜାର ଯୁବକ-ଯୁବତୀଙ୍କୁ ସାମିଲ କରିବା ପାଇଁ ଯୋଜନା ହୋଇଥିବାବେଳେ ଆସନ୍ତା ୫ବର୍ଷରେ ୧ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ ସ୍ଥଳର ବିକାଶ ସ୍ୱରୂପ ପୁରୁଷୋତମ ଶ୍ରୀରାମ ପତ୍ନୀ ତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ପୁରୁଣା ଧାମ ଜାନକୀ ମନ୍ଦିରର ବିକାଶ ପାଇଁ ୮୮୨.୮୭ କୋଟି ଟଙ୍କାର ଯୋଜନା ସରକାର ଘୋଷଣା କରିଛନ୍ତି। ଏପରିକି ମଧ ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନଙ୍କୁ ଉତ୍ସବ ସମୟରେ ଫେରିବା ପାଇଁ ସହାୟତା ପ୍ରଦାନ କରାଯିବ।

ଏହା ନିସନ୍ଦେହ ଯେ, ଶାସକ ଜେଡିୟୁ-ବିଜେପି ମେଣ୍ଟ ସରକାର ପୁନର୍ବାର କ୍ଷମତାକୁ ଫେରିବା ଲାଗି ଏହି ସମସ୍ତ ଜନହିତକର ଯୋଜନା ଘୋଷଣା କରିଛନ୍ତି। କିନ୍ତୁ ଏହା ନିସନ୍ଦେହ ଯେ, ରାଜ୍ୟର ବିକାଶ ଲାଗି ଆଗାମୀ ୫ବର୍ଷ ପାଇଁ ସରକାରଙ୍କର କୌଣସି ବଡ ଧରଣର ଯୋଜନା ନାହିଁ।

ଏବେ ଯେଉଁ ସବୁ ଯୋଜନା ଘୋଷଣା କରିଛନ୍ତି, କେବଳ ସାମୟିକ ଓ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। ମୁଖ୍ୟ ବିରୋଧି ଦଳ ଆରଜେଡି କହିଛି, ଦଳ ଦେଇଥିବା ପ୍ରତିଶୃତିକୁ ଲକ୍ଷ୍ୟ କରି ଶାସକ ଦଳ ବାଧ ବାଧକତାରେ ଏହି ସବୁ ଯୋଜନା ଘୋଷଣା କରିଛି। ଏହା ସତ୍ୟ ଯେ, ଏବେ ବହୁ ରାଜ୍ୟରେ ମାଗଣା ବିଦ୍ୟୁତ ଯୋଜନା କାର୍ଯ୍ୟକାରୀ ହେଉଛି। କେତେକ ରାଜ୍ୟରେ ମହିଳାଙ୍କ ପାଇଁ ନଗଦ ଟଙ୍କା ବଣ୍ଟନ କରାଯାଉଛି। କେନ୍ଦ ସରକାର ମଧ ଏଥିରୁ ବାଦ୍ ନୁହଁନ୍ତି। ୮୧କୋଟି ପରିବାରଙ୍କୁ ମୁଣ୍ଡ ପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି। ବିହାରରେ ନୀତିଶ କୁମାରଙ୍କ ଜେଡିୟୁ କନିଷ୍ଠ ଅଂଶୀଦାର ଥିବାବେଳେ ବିଜେପି ଜ୍ୟେଷ୍ଠ ଅଂଶୀଦାର। ନୀତିଶ ମଧ ଏବେ ବାର୍ଦ୍ଧକ୍ୟର ଦ୍ୱାରଦେଶରେ। ବୟମାଧକ୍ୟ ଜୀବନରେ ନିର୍ବାଚନ ବୈତରଣୀ ପାର ହେବ। ଏହି ଯୋଜନା ଗୁଡିକର ଲକ୍ଷ୍ୟ ଏହା ସତ୍ୟ ଯେ, ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜନହିତକର ଯୋଜନାର ପ୍ରତିଯୋଗିତା ଏବେ ସବୁ ଦଳ ପାଇଁ ପରମ୍ପରାରେ ପରିଣତ ହୋଇଗଲାଣି।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଧନଖଡ଼ଙ୍କ ଇସ୍ତଫା: ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟ କିଛି ?



ଗୋପାଳ ମହାପାତ୍ର

ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ପ୍ରଥମ ଦିନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିଲେ ଓ ତାଙ୍କ ଇସ୍ତଫାକୁ ରାଷ୍ଟପତି ସ୍ୱୀକାର କରିନେଇଛନ୍ତି। ଧନଖଡ଼ଙ୍କ କାର୍ଯ୍ୟକଳା ପୁରିବାକୁ ୨ବର୍ଷ ବାକିଥିଲା। ଯେଭଳି ଅକସ୍ମାତ ଭାବରେ ଧନଖଡ଼ ଇସ୍ତଫା ଦେଲେ ତାକୁ ନେଇ ଅନେକ ପ୍ରକାରର ଅଟକଳ କରାଯାଇଛି। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି କହୁଛନ୍ତି। ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା କଥାକୁ ଅନେକେ ଗ୍ରହଣ କରିପାରୁ ନାହାଁନ୍ତି। ଉପରାଷ୍ଟ୍ରପତି ଧନଖଡ଼ ନ୍ୟାୟପାଳିକାକୁ ସମାଲୋଚନା କରୁଥିଲେ ଓ ସଂସଦ ସବୁଠାରୁ ଉର୍ଦ୍ଧ୍ୱରେ ବୋଲି କହୁଥିଲେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଥିଲେ ତା ପର ଠାରୁ ଧଡ଼ଖଡ଼ କ୍ରମାଗତ ଭାବେ ସୁପ୍ରିମକୋର୍ଟଙ୍କ ରାୟ ବା ନିଷ୍ପତ୍ତିକୁ ବିରୋଧ କରୁଥିଲେ। ପ୍ରୟାଗରାଜ (ଏହ୍ଲାବାଦ) ହାଇକୋର୍ଟର ବିଚାରପତି ଶେଖର ବାଦବ ଙ୍କ ପ୍ରସଙ୍ଗରେ ବିରୋଧି ସାଂସଦମାନଙ୍କ ପକ୍ଷରୁ ମହାଭିଯୋଗର ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଧନଖଡ଼ ଏହା ଉପରେ କୌଣସି ପର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସାଂସଦ ମାନଙ୍କ ଦସ୍ତଖତକୁ ଏପର୍ଯ୍ୟନ୍ତ ଚିହ୍ନଟ ବା ପ୍ରମାଣିତ କରାଯାଇ ପାରିଲା ନାହିଁ ଓ ଶେଖର ବାବଦ ମାମଲା ସେମିତି ରହିଗଲା। ଏହାପରେ ଆସିଲା ଦିଲ୍ଲୀ ହାଇକୋର୍ଟରୁ ପ୍ରୟାଗରାଜ ହାଇକୋର୍ଟକୁ ବଦଳି ହୋଇଥିବା ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ। ଏହା ମାହାଭିଯୋଗକୁ ସ୍ୱୀକାର କରାଯାଇ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିଲା। ଲୋକସଭା ଏବଂ ରାଜ୍ୟସଭାର ୨୧୫ ଜଣ ସାଂସଦ ଯଶବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ। ଉଭୟ ସଦନରେ ମଧ ଏହାକୁ ସ୍ୱୀକାର କରାଗଲା। ଧଡ଼ଖଡ଼ ସବୁବେଳେ କହୁଥିଲେ ଯେ ସଂସଦ ସର୍ବୋପରି। ରାଷ୍ଟ୍ରପତି ଯେଉଁ ୧୪ଟି ପ୍ରସଙ୍ଗ ଉପରେ ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ପରାମର୍ଶ ମାଗିଥିଲେ ତା ଉପରେ ସୁପ୍ରିମକୋର୍ଟଙ୍କ ୫ଜଣ ବିଚାରପତିଙ୍କ ପୀଠ ଶୁଣାଣି ଆରମ୍ଭ କରିବା ପାଇଁ ଅଧିସୂଚନା ଜାରି କରିଥିଲେ। ଏଥିସହ ସବୁରାଜ୍ୟ ଚାହିଁଲେ ଏ ମାମଲାରେ ପକ୍ଷ ରଖି ପାରିବେ ବୋଲି କହିଥିଲେ ମାନ୍ୟବର ସୁପ୍ରିମ୍‌କୋର୍ଟ। ଏହାକୁ ନେଇ ସରକାର ଏବଂ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟରେ ତିକ୍ତତା ଏକ ନିର୍ଣ୍ଣାୟକ ଅବସ୍ଥରରେ ପହଞ୍ଚିଛି ଓ ଏଥିପାଇଁ ସରକାର ମଧ ଅସୁବିଧାରେ ପଡ଼ିପାରନ୍ତି।

ରାଜନୈତିକ ବିଶ୍ଲେଷକ ମାନଙ୍କ ମତରେ ବିଗତ କିଛି ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଧନଖଡ୍‌ଙ୍କ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଥିଲା। ରାଜ୍ୟସଭା ଟିଭିକୁ ନେଇ ସରକାର ଏବଂ ଧନଖଡ଼ଙ୍କ ମଧ୍ୟରେ ମତାନ୍ତର ଆରମ୍ଭ ହୋଇଥିଲା। ରାଜ୍ୟସଭାରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ଅପରେସନ ସିନ୍ଦୁର ପ୍ରସଙ୍ଗରେ ସଦନରେ ବିରୋଧିଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବା ପାଇଁ ଧନଖଡ଼େ ସୁଯୋଗ ଦେଇଥିଲେ ଓ ତାପରେ ବିଜେପି ଅଧକ୍ଷ ତଥା ରାଜ୍ୟସଭା ସାଂସଦ ଜେପି ନଡ୍ଡାଙ୍କୁ ତାଙ୍କ ବକ୍ତବ୍ୟ ପାଇଁ କୁହାଯାଇଥିଲା। ନଡ୍ଡା ତାଙ୍କ ଭାଷଣରେ କହିଥିଲେ ଯେ "ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ"। ନଡ୍ଡା ଏପରି କହି ପ୍ରକାରାନ୍ତରେ ଧନଖଡ଼େଙ୍କୁ ଆଦେଶ ଦେଇଥିଲେ। ରାଜ୍ୟସଭାରେ ନଡ୍ଡାଙ୍କ ଏଭଳି ମନ୍ତବ୍ୟ ଏକପ୍ରକାର ଧନଖଡ଼ଙ୍କ ପାଇଁ ଅପମାନଜନକ ଥିଲା ନିଶ୍ଚୟ କୁହାଯାଉଛି ଯେ ନଡ୍ଡାଙ୍କ ମନ୍ତବ୍ୟକୁ ବିରୋଧି ସାଂସଦମାନେ ବିରୋଧ ମଧ କରିଥିଲେ। ଏହା ପରେ ସଂସଦରେ ହୋ ହାଲ୍ଲା ବଢ଼ିଥିଲା।



କୁହାଯାଉଛି ଯେ ଧନଖଡ଼େଙ୍କ ଉପରେ ଚାପପକାଯାଇ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯାଇଛି। ଏପରିକି ଇସ୍ତଫା ପତ୍ର ପ୍ରସ୍ତୁତ କରାଯାଇ ତାଙ୍କ ଆଗରେ ପେଶ କରାଯାଇଛି। ଧନଖଡ଼ ଇସ୍ତଫା ପତ୍ରରେ ଦସ୍ତଖତ କରିବା ପାଇଁ ପ୍ରଥମେ ରାଜିନଥିଲେ କିନ୍ତୁ ତାଙ୍କୁ ଏମିତି ଏକ ଫାଇଲ ଦେଖାଇ ଦିଆଯାଇଥିଲା ଯାହାପରେ ଧନଖଡ୍ ଇସ୍ତଫାପତ୍ରରେ ଦସ୍ତଖତ କରିଥିଲେ। ୨୧ ତାରିଖ ସଂଧ୍ୟା ୬ଟା ପର୍ଯ୍ୟନ୍ତ ସବୁକିଛି ସାଧାରଣ ଥିଲା କିନ୍ତୁ ସଂଧ୍ୟା ୬ଟା ପରେ ରାଜନୀତିରେ ହଲଚଲ ଆରମ୍ଭ ହୋଇଯାଇଥିଲା। ରାତି ସାଢେ ୯ଟା ବେଳେ ଜଣାପଡ଼ିଲା ଯେ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ବିରୁଦ୍ଧରେ ଯେପରି ଭାବେ ଧନଖଡ଼ ମନ୍ତବ୍ୟ ଦେଉଥିଲେ ସେଥିପାଇଁ ସରକାର ଅସୁବିଧାରେ ପଡୁଥିଲେ। ସରକାର ଧନଖଡ଼ଙ୍କ ମଧ୍ୟରେ ତିକ୍ତତା/ ଦୂରତା ବଢ଼ିବାରେ ଲାଗିଥିଲା। ଉପରାଷ୍ଟପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ରାଜ୍ୟସଭାରେ ଅପରେସନ ସିନ୍ଦୁର ପ୍ରସଙ୍ଗରେ କହିବା ପାଇଁ ସୁଯୋଗ ଦେବା ଦ୍ୱାରା ଶାସକଦଳ ଅସନ୍ତୁଷ୍ଟ ହୋଇଥିଲେ। ସଂସଦରେ ଜେପିନଡ୍ଡା ମଧ ତାଙ୍କ ପ୍ରତିକ୍ରିୟା ସୂଚାଇ ଦେଇଥିଲେ। ନଡ୍ଡାଙ୍କ "ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ" ମନ୍ତବ୍ୟ ପରେ ଧନଖଡ଼େ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ସରକାର ଏହାକୁ ଧନଖଡ଼େଙ୍କ ସରକାର ବିରୋଧି ମାନସିକତା ବୋଲି ଗ୍ରହଣ କରିନେଇଥିଲେ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ୩ଘଣ୍ଟା ସରକାର ମାତ୍ରାଧିକ ସକ୍ରିୟ ହୋଇଯାଇଥିଲେ।

ଏବେ କୁହାଯାଉଛି ଯେ ଧନଖଡ଼ଙ୍କ ଇସ୍ତଫା ପ୍ରତିରକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରାଯାଇଥିଲା ଓ ଚାପ ସୃଷ୍ଟି କରାଯିବାରୁ ଧନଖଡ଼ ଏଥିରେ ସ୍ୱାକ୍ଷର କରିଥିଲେ। ରାଷ୍ଟ୍ରପତି ମଧ ଧନଖଡ଼ଙ୍କ ଇସ୍ତଫାପତ୍ରକୁ ତୁରନ୍ତ ସ୍ୱୀକାର କରିନେଇଥିଲେ। ଏହାପରେ ଗଣମାଧମଙ୍କ ଇସ୍ତଫା ବାବଦରେ ସୂଚନା ଦିଆଯାଇଥିଲା। ଭାରତୀୟ ରାଜନୀତିରେ ଏହାକୁ ଏକ ବଡ଼ ପରିବର୍ତ୍ତନ ଏବଂ ଧମାକା ବୋଲି ମଧ ଅନେକେ ଅଭିହିତ କରୁଛନ୍ତି। କିନ୍ତୁ ସବୁଠାରୁ ମଜାଦାର କଥା ହେଉଛି ବିଗତ ଦୁଇତିନ ମାସ ହେବ ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ସାଜୁଛି। ବିହାରରେ ଭୋଟର ତାଲିକାର ସଘନ ସଂଶୋଧନ ଅଭିଯାନ ମଧ ନିର୍ବାଚନ କମିଶନ ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ଯେପରି ଦୂରତା ବଢ଼ିବାରେ ଲାଗିଛି ତାକୁ ନେଇ ଅନେକ ଆଶଙ୍କା ମଧ ରାହିଛି। କିନ୍ତୁ ମୌସୁମୀ ଅଧିବେଶନର ପ୍ରଥମଦିନ ଉପରାଷ୍ଟ୍ରପତି ଯେଭଳି ଭାବରେ ଅଚାନକ ଇସ୍ତଫର ଦେଲେ ତାକୁ ନେଇ ରାଜନୀତି ମଧ ସରଗରମ ହେବାରେ ଲାଗିଛି। ଆଗକୁ କ'ଣ ହେବ ସେକଥା ଭଗବାନ ହିଁ ଜାଣନ୍ତି।

ଏସବୁ ପରେ ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଧନଖଡ଼ଙ୍କ ଇସ୍ତଫା ପରେ ତାଙ୍କୁ ବିଦାୟ ଦେବାପାଇଁ କୌଣସି ସମାରୋହର ଆୟୋଜନ କରାଯିବ ନାହିଁ କିମ୍ବା ତାଙ୍କୁ ବିଦାୟୀ ଭାଷଣ ପାଇଁ ସୁଯୋଗ ଦିଆଯିବ ନାହିଁ। ସାଧାରଣତଃ ଉଚ୍ଚ ପଦାସୀନ ବ୍ୟକ୍ତି ତାଙ୍କ ପଦବୀରୁ ବିଦାୟ ନେବା ପରେ ତାଙ୍କର ପ୍ରଶଂସା କରାଯାଇଥାଏ। କିନ୍ତୁ ଏକଥା ଦେଖିବାକୁ ମିଳୁନାହିଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଧନଖଡ଼ଙ୍କ ଇସ୍ତଫା ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟକଛି?

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଭାରତରେ ଟେକ୍ ନିଯୁକ୍ତି ବନ୍ଦ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୪।୭:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ବଡ଼ ଟେକ୍ କମ୍ପାନୀମାନଙ୍କୁ ଭାରତ ସମେତ ବିଦେଶରେ ନିଯୁକ୍ତି ବନ୍ଦ କରି ଆମେରିକାରେ ଚାକିରି ସୃଷ୍ଟି ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ୱାଶିଂଟନରେ ଆୟୋଜିତ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ଆମେରିକୀୟ କମ୍ପାନୀମାନେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମୀମାନଙ୍କୁ ଚାକିରି ଦେବା ବଦଳରେ ନିଜ ଦେଶରେ ଚାକିରି ସୁଯୋଗ ସୃଷ୍ଟି କରିବା ଉଚିତ।

ଏହି ସମ୍ମିଳନୀରେ ଟ୍ରମ୍ପ ଟେକ୍ ଇଣ୍ଡଷ୍ଟ୍ରିର "ବିଶ୍ୱବାଦୀ ମାନସିକତା"କୁ ସମାଲୋଚନା କରି କହିଛନ୍ତି ଯେ, ଏହି ଦୃଷ୍ଟିକୋଣ ଅନେକ ଆମେରିକୀୟଙ୍କୁ ଅଣଦେଖା କରିଛି। ସେ ଅଭିଯୋଗ କରିଛନ୍ତି ଯେ, କେତେକ ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ସୁଯୋଗ ନେଇ ଲାଭ ଅର୍ଜନ କରିଛନ୍ତି, କିନ୍ତୁ ବିଦେଶରେ ବିପୁଳ ପରିମାଣରେ ନିବେଶ କରିଛନ୍ତି। ଟ୍ରମ୍ପ କହିଛନ୍ତି, "ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ ଏହି ଦିନଗୁଡ଼ିକ ଶେଷ ହୋଇଛି।"

ସେ ଆହୁରି କହିଛନ୍ତି, "ଅନେକ ବଡ଼ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ସୁଫଳ ଉଠାଇଛନ୍ତି, କିନ୍ତୁ ଚୀନରେ କାରଖାନା ନିର୍ମାଣ କରିଛନ୍ତି, ଭାରତରେ କର୍ମୀ ନିଯୁକ୍ତ କରିଛନ୍ତି ଏବଂ ଆୟର୍ଲ୍ୟାଣ୍ଡରେ ଲାଭ ଜମା କରିଛନ୍ତି। ଏହା ସହ ସେମାନେ ଆମେରିକାରେ ନିଜ ନାଗରିକଙ୍କୁ ଅଣଦେଖା କରିଛନ୍ତି ଏବଂ ଏପରିକି ସେମାନଙ୍କୁ ସେନସର ମଧ୍ୟ କରିଛନ୍ତି।" ଟ୍ରମ୍ପ ଜୋର ଦେଇ କହିଛନ୍ତି, "ଏଆଇ ପ୍ରତିଯୋଗିତାରେ ଜିତିବା ପାଇଁ ସିଲିକନ ଭ୍ୟାଲିରେ ଦେଶପ୍ରେମ ଓ ଜାତୀୟ ନିଷ୍ଠାର ନୂଆ ଚେତନା ଆବଶ୍ୟକ।



ଆମେ ଚାହୁଁଛୁ ଆମେରିକୀୟ ଟେକ୍ କମ୍ପାନୀମାନେ ଆମେରିକାକୁ ପ୍ରାଥମିକତା ଦିଅନ୍ତୁ।"

ଏହି ସମ୍ମିଳନୀରେ ଟ୍ରମ୍ପ କୃତ୍ରିମ ବୁଦ୍ଧିମତା (ଏଆଇ) ସମ୍ପର୍କିତ ତିନୋଟି ନୂଆ କାର୍ଯ୍ୟକାରୀ ଆଦେଶରେ ହସ୍ତାକ୍ଷର କରିଛନ୍ତି। ପ୍ରଥମ ଆଦେଶ "ଉଇନିଂ ଦି ରେସ" ନାମରେ ଏକ ଜାତୀୟ ରଣନୀତି ପ୍ରସ୍ତୁତ କରିଛି, ଯାହା ଆମେରିକାକୁ ଏଆଇରେ ବିଶ୍ୱ ନେତା କରିବା ପାଇଁ ଡାଟାସେଣ୍ଟର ନିର୍ମାଣ ତ୍ୱରାନ୍ୱିତ କରିବ ଏବଂ ଏଆଇ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣରେ କମ୍ପାନୀମାନଙ୍କୁ ସହଜତା ପ୍ରଦାନ କରିବ।

ଦ୍ୱିତୀୟ ଆଦେଶ ସରକାରୀ ଅର୍ଥ ପାଉଥିବା ଏଆଇ ବିକାଶକାରୀ କମ୍ପାନୀମାନଙ୍କୁ ରାଜନୈତିକ ଦୃଷ୍ଟିରୁ ନିରପେକ୍ଷ ଏଆଇ ଟୁଲ୍ସ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ସରକାର "ୱୋକ" ଏଆଇ ମଡେଲକୁ ସମର୍ଥନ କରୁନାହିଁ। ସେ ପୂର୍ବତନ ପ୍ରଶାସନକୁ ବିଚାରଧାରା ଦ୍ୱାରା ପ୍ରଭାବିତ ବିବିଧତା ଓ ଅନ୍ତର୍ଭୁକ୍ତି ନୀତି ପ୍ରୋତ୍ସାହନ କରିବା ପାଇଁ ଅଭିଯୋଗ କରି କହିଛନ୍ତି, "ଆମେ ୱୋକରୁ ମୁକ୍ତି ପାଉଛୁ। ଏଆଇ ମଡେଲଗୁଡ଼ିକ ସଠିକ ହେବା ଦରକାର ଏବଂ ରାଜନୈତିକ ବିଚାରଧାରାରେ ପ୍ରଭାବିତ ହେବା ଉଚିତ ନୁହେଁ।" ଏହି ନିୟମ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟବହୃତ ଏଆଇ ସିଷ୍ଟମ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ।

ତୃତୀୟ ଆଦେଶ ଆମେରିକୀୟ ଏଆଇ ଟୁଲସକୁ ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାରେ ସହାୟତା କରିବା ଏବଂ ଆମେରିକା ଭିତରେ ଏଆଇର ପୂର୍ଣ୍ଣ ବିକାଶକୁ ସମର୍ଥନ କରିବା ଉପରେ କେନ୍ଦ୍ରୀଭୂତ।ଟ୍ରମ୍ପ ଏଆଇ ଶବ୍ଦଟିକୁ ନାପସନ୍ଦ କରି କହିଛନ୍ତି, "ଏହା କୃତ୍ରିମ ନୁହେଁ, ଏହା ଜିନିଅସ।" ଏହି ନୀତିଗୁଡ଼ିକର ତୁରନ୍ତ ପ୍ରଭାବ ନପଡ଼ିପାରେ, କିନ୍ତୁ ଭାରତୀୟ ଆଇଟି ପେସାଦାର ଓ ଆଉଟସୋର୍ସିଂ କମ୍ପାନୀମାନେ ଭବିଷ୍ୟତରେ ଅଧିକ ଚ୍ୟାଲେଞ୍ଜର ସାମ୍ନା କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

## କେଦାରନାଥରେ ନିର୍ମାଣ ହେବ ୭ କିମି ସୁଡ଼ଙ୍ଗ, ଖୋଲିବ ୨ଟି ରାସ୍ତା



**ନୂଆଦିଲ୍ଲୀ, ୨୪।୭:** କେନ୍ଦ୍ରୀୟ ସଡ଼କ ଏବଂ ପରିବହନ ମନ୍ତ୍ରାଳୟ କେଦାରନାଥ ମନ୍ଦିର ପର୍ଯ୍ୟନ୍ତ ୭ କିମି ଲମ୍ବା ସୁଡ଼ଙ୍ଗ ନିର୍ମାଣର ପ୍ରସ୍ତୁତି ଚଳାଇଛି । ଏହା ହେଲେ ଆଗାମୀ ୪-୫ ବର୍ଷରେ କେଦାରନାଥ ମନ୍ଦିରକୁ ଯିବାର ଦୁଇଟି ମାର୍ଗ ଖୋଲିଯିବ। ତନ୍ମଧ୍ୟରୁ ଗୋଟିଏ ରାସ୍ତା ସବୁ ପାଣିପାଗରେ ଶ୍ରଦ୍ଧାଳୁଙ୍କୁ ସିଧା ମନ୍ଦିର ପର୍ଯ୍ୟନ୍ତ ପହଞ୍ଚାଇବ । ବର୍ତ୍ତମାନ ଗୌରୀକୁଣ୍ଡରୁ ରାମବାଡ଼ା-ଲିଂଚୋଲି ହୋଇ କେଦାର ଧାମ ପର୍ଯ୍ୟନ୍ତ ପାଦଚଲା ମାର୍ଗ ୧୬ କିମି ଲମ୍ବା ଅଛି । ସୁଡ଼ଙ୍ଗ ନିର୍ମାଣ ପରେ ଏହାର ଦୂରତା ୫ କିମି ହୋଇଯିବ । ୨୦୧୩ ଓ ୨୦୨୪ ଜୁଲାଇର ଦୁର୍ଘଟଣାରୁ ଶିକ୍ଷା ପାଇ କେନ୍ଦ୍ର ସରକାର କେଦାରନାଥ ମନ୍ଦିର ପର୍ଯ୍ୟନ୍ତ ଏକ ସୁରକ୍ଷିତ ରାସ୍ତା ନିର୍ମାଣର ଯୋଜନା ଉପରେ କାମ ଆରମ୍ଭ କରିଛନ୍ତି । ସେଥିପାଇଁ ମନ୍ତ୍ରାଳୟ ପାହାଡ଼ର ପ୍ରାରମ୍ଭିକ ସର୍ଭେକ୍ଷଣ କରିସାରିଛି । ଏହି ସୁଡ଼ଙ୍ଗ ଉତ୍ତରାଖଣ୍ଡରେ ୬୫୬୨ ଫୁଟ ଉପରେ ନିର୍ମିତ ହେବ । ଏହା କାଲୀମଠ ଘାଟିର ଶେଷ ଗାଁ ଚୌମାସୀରୁ ଲିଂଚୋଲି ପର୍ଯ୍ୟନ୍ତ ଲମ୍ବିବ। ଲିଂଚୋଲି କେଦାରନାଥ ମନ୍ଦିରଠୁ ୫ କିମି ପୂର୍ବରୁ ଅଛି । ଚୌମାସୀ ପର୍ଯ୍ୟନ୍ତ ପକ୍କା ସଡ଼କ ଅଛି । ସୋନରେ କାରରେ ଯାଇପାରିବେ। ତା'ପରେ ସୁଡ଼ଙ୍ଗ ଏବଂ ଲିଂଚୋଲିରୁ ମନ୍ଦିର ପର୍ଯ୍ୟନ୍ତ ୫ କିମି ଚାଲିବାକୁ ପଡ଼ିବ। ରାଷ୍ଟ୍ରୀୟ ରାଜମାର୍ଗ ଉତ୍ତରାଖଣ୍ଡର ମୁଖ୍ୟ ଇଞ୍ଜିନିୟର ମୁକେଶ ପରମାରଙ୍କ ଅନୁସାରେ, ପରାମର୍ଶଦାତା ସର୍ଭେ କରି ସୁଡ଼ଙ୍ଗର ଡ୍ରଇଂ ଦେଉଛନ୍ତି । କେନ୍ଦ୍ରୀୟ ଅଧିକାରୀମାନଙ୍କର ଟିମ୍ ଏହାକୁ ଅନ୍ତିମ ରୂପ ଦେଉଛନ୍ତି । କାଲୀମଠର ରାସ୍ତା ଗୁପ୍ତକାଶୀରୁ କଟିଯାଏ । ଗତ ବର୍ଷ ସେପ୍ଟେମ୍ବରରେ ୫ ଜଣିଆ ଟିମ୍ ଚୌମାସୀ[୧]ଖାମ୍ ବୁଗ୍ୟାଲ-କେଦାରନାଥ ରୁଟ୍‌ର ସର୍ଭେକ୍ଷଣ କରିଥିଲେ । ସେତେବେଳେ ଟିମ୍ କହିଥିଲେ ଯେ ସମଗ୍ର ମାର୍ଗରେ ଭୂସ୍ଖଳନ ଜୋନ୍ ଆଦୌ ନାହିଁ। କଠୋର ଚଟାଣ ଅଛି । ବୁଗ୍ୟାଲୋଁ ଉପରେ ଓ ତଳେ ରାସ୍ତା ନିର୍ମାଣ କରାଯାଇ ପାରିବ । ଅନେକ ସ୍ଥାନରେ ଭୂଜଳ ନିର୍ଗତ ହେଉଛି, ଯାହାର ଉପାୟ ବାହାରି ପାରିବ

## ହସ୍ପିଟାଲରେ ଜନ୍ମ ହେଲା ଅଦ୍ଭୁତ ଶିଶୁ
## ଗୋଟିଏ ଶରୀରରେ ଦୁଇଟି ମୁଣ୍ଡ

**ନୂଆଦିଲ୍ଲୀ, ୨୪।୭:** ଇନ୍ଦୋର ସରକାରୀ ଡାକ୍ତରଖାନାରେ ଏକ ବିରଳ ଘଟଣା ସାମ୍ନାକୁ ଆସିଛି । ଜଣେ ୨୨ ବର୍ଷୀୟ ମହିଳା ଏକ ବିରଳ ଶିଶୁକୁ ଜନ୍ମ ଦେଇଛନ୍ତି। ଯାହାର ଶରୀର ଗୋଟିଏ କିନ୍ତୁ ମୁଣ୍ଡ ଦୁଇଟି । ମେଡିକାଲ ଟର୍ମରେ ଏହି ଶିଶୁକୁ ପାରାପେଗସ ଡାଇସେଫାଲିକ୍ କଜଏଣ୍ଟ ଟ୍ୱିନ୍ସ କୁହାଯାଏ । ଏଭଳି ଶିଶୁ ଲକ୍ଷରେ ଜଣେ ଜନ୍ମ ହୋଇଥାଏ। ତେବେ ଉକ୍ତ ମହିଳାଙ୍କୁ ଭୀଷଣ ଯନ୍ତ୍ରଣା ଅନୁଭବ ହୋଇଥିଲା ସେହି ସମୟରେ ମହିଳାଙ୍କୁ ହସ୍ପିଟାଲ ଅଣାଯାଇଥିଲା । ପ୍ରାଥମିକ ପରୀକ୍ଷାରୁ ଜଣା ପଡିଥିଲା କି ମହିଳାଙ୍କ ପ୍ରସବ ଅଧିକ ଜଟିଳ ରହିଥିଲା। ସ୍ତ୍ରୀ ରୋଗ ବିଭାଗ ଡାକ୍ତର ନିଲେଶ ଦଲାଲ ଏବଂ ତାଙ୍କ ଟିମ ଅଧ ଘଣ୍ଟା ମଧ୍ୟରେ ଅସ୍ତ୍ରପଚାର ସଫଳ କରିଥିଲେ। ଶିଶୁ କନ୍ୟାଟିର ଓଜନ ୨ କେଜି ୮୦୦ ଗ୍ରାମ ରହିଥିଲା। ଡାକ୍ତରଙ୍କ ସୂଚନା ଅନୁସାରେ ମା ଓ ଶିଶୁ ସୁରକ୍ଷିତ ଅଛନ୍ତି । ତେବେ ଏହି ଘଟଣାରେ ଡାକ୍ତରୀଙ୍କ ଟିମ୍ ଆଗକୁ ହେଉଥିବା ସର୍ଜରୀରେ କାମ କରୁଛନ୍ତି। ଏହି ମାମଲା ଏମଟିଏଚ ହସ୍ପିଟାଲ୍ର ଏକ ବିରଳ ଅସ୍ତ୍ରାପଚାର ଅଟେ । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



## ରୁଷରେ ନିଖୋଜ ହୋଇଥିବା ବିମାନ ଦୁର୍ଘଟଣାଗ୍ରସ୍ତ

**ମସ୍କୋ,୨୪।୭:** ରୁଷରେ ଭୟଙ୍କର ବିମାନ ଦୁର୍ଘଟଣା । ବିମାନରେ ୫୦ ଜଣ ଯାତ୍ରୀ ଥିଲେ । ଚୀନ ସୀମାରେ ବିମାନର ଭଗ୍ନାବଶେଷ ମିଳିଛି । କିଛି ସମୟ ତଳେ ଯାତ୍ରୀବାହୀ ଏଏନ୍-୨୪ ବିମାନ ନିଖୋଜ ହୋଇଥିଲା। ରାଡାର ସହ ଯୋଗାଯୋଗ ହୋଇପାରିନଥଲା। ବିମାନରେ ୫ ଶିଶୁ ଓ କ୍ରିଉ ମେମ୍ବର ସମେତ ୫୦ ଜଣ ଯାତ୍ରୀ ଥିଲେ । ବିମାନଟି ରୁଷର ଇରକୁଟ୍ସ ବିମାନବନ୍ଦରରୁ ଅଙ୍ଗାର ଏୟାରଲାଇନ୍ସର ଏକ ବିମାନ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ଆକାଶରୁ ଗାଏବ ହୋଇଯାଇଥିଲା। ରୁଷରେ ଅଙ୍ଗାର ଏୟାରଲାଇନ୍ସର ଏକ ବିମାନ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ଆକାଶରୁ ଗାଏବ ହୋଇଯାଇଥିଲା । ବିମାନଟି ଉଡ଼ାଣ ଭରିବାର କିଛି ସମୟରେ ଏଟିସି ସହିତ ସଂପର୍କ ଛିନ୍ନ ହୋଇଯାଇଥିଲା । ବିମାନରେ ୫୦ ଜଣ ଯାତ୍ରୀ ରହିଥିଲେ । ବିମାନ ନିଖୋଜ ହେବା ପରେ ରୁଷ ଆପତ୍ତକାଳୀନ ମନ୍ତ୍ରଣାଳୟ ସର୍ଚ୍ଚ ଅପରେସନ ଜାରି କରାଯାଇଥିଲା ।





## ମଙ୍ଗଳ ଗ୍ରହରେ ଶୈବାଳ ବିକଶିତ
## ବଢ଼ିଲା ଜନବସତି ଆଶା

ନୂଆଦିଲ୍ଲୀ ୨୪।୦୭; ସ୍ଥାୟୀ ମହାକାଶ ଯାତ୍ରା ପାଇଁ ଏକ ପ୍ରମୁଖ ପଦକ୍ଷପ ଭାବରେ, ଗବେଷକମାନେ ଜୈବ ବିଘଟନଶୀଳ ବାୟୋପ୍ଲାଷ୍ଟିକ ଭିତରେ ଏକ ଶୈବାଳକୁ ସଫଳତାର ସହିତ ବିକାଶ କରିବାରେ ସକ୍ଷମ ହୋଇଛନ୍ତି। ପୃଥିବୀର ଚାପ ତୁଳନାରେ ପ୍ରାୟ ଏକ ପ୍ରତିଶତ ପୃଷ୍ଠଚାପ ବିଶିଷ୍ଟ ମଙ୍ଗଳ ପରିବେଶରେ ପଲିଲାକ୍ଟିକ୍ ଏସିଡ୍‌ରେ ତିଆରି ସାମଗ୍ରୀ କେତେ ଭଲ ଭାବରେ ବାସଯୋଗ୍ୟ ହୋଇପାରିବ ତାହା ଦେଖିବା ପାଇଁ ଏହି ପରୀକ୍ଷଣ କରାଯାଇଥିଲା। ମଙ୍ଗଳରେ ବସତି ସ୍ଥାପନ ପରେ ପୃଥିବୀରୁ ବାରମ୍ବାର ସମ୍ବଳ ପଠାଇବାର ବ୍ୟୟବହୁଳ ଯୋଗାଣ ପ୍ରକ୍ରିୟା ପରିବର୍ତ୍ତେ ଏକ ସ୍ୱୟଂସଂମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀ ସମ୍ବଳିତ ଆତ୍ମନିର୍ଭରଶୀଳ ବାସସ୍ଥାନ ବିକାଶ ଦିଗରେ ଏହି ପରୀକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଆଣିଛି । ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ରବିନ୍ ୱାର୍ଡସୱ୍ୱେର୍ଥଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ପ୍ରଦର୍ଶନ କରିଛନ୍ତି ଯେ ମଙ୍ଗଳ ଗ୍ରହର ପତଳା ଅଙ୍ଗାରକାମ୍ଳ ସମୃଦ୍ଧ ବାୟୁମଣ୍ଡଳ ସଦୃଶ ଚାମ୍ବର ଭିତରେ ସବୁଜ ଶୈବାଳ ଡୁନାଲିଏଲା ଟେର୍ଟିଓଲେକ୍ଟା ବଞ୍ଚି ରହିପାରିବା ସହ ଆଲୋକ ସଂଶ୍ଲେଷଣ ମଧ୍ୟ କରିପାରୁଛୁ । ଗବେଷକମାନଙ୍କ କହିବାନୁଯାୟୀ ମହାକାଶରେ ପୁନଃଚକ୍ରଣ କିମ୍ବା ପରିବହନ କରିବା କଷ୍ଟକର ହେଉଥିବା ପାରମ୍ପାରିକ ଶିଳ୍ପ ସାମଗ୍ରୀ ତୁଳନାରେ ବାୟୋପ୍ଲାଷ୍ଟିକ ଅଧିକ ସୁବିଧା ପ୍ରଦାନ କରେ । ପ୍ରାକୃତିକ ଉତ୍ସରୁ ପଲିଲାକ୍ଟିକ୍ ଏସିଡ୍ ମିଳୁଥିବାରୁ ତାହାକୁ ସମ୍ଭାବ୍ୟ ସ୍ଥାନରେ ଶୈବାଳ ବ୍ୟବହାର ପୂର୍ବକ ଉତ୍ପାଦନ କରାଯାଇପାରିବ। ବାୟୋପ୍ଲାଷ୍ଟିକ୍‌ରେ ଗଠିତ ଏକ ବାସସ୍ଥାନ ଭିତରେ ଶୈବାଳ ବୃଦ୍ଧି କରିଥିଲେ ସେହି ଶୈବାଳ ଅଧିକ ଜୈବପ୍ଲାଷ୍ଟିକ ଉତ୍ପାଦନ କରିପାରିବ ବୋଲି ୱାର୍ଡସୱ୍ୱର୍ଥ ଉଲ୍ଲେଖ କରିଛନ୍ତି।ଏହି ସଫଳତା ପୃଥିବୀ ବାହାରେ ଜୀବନ ନିର୍ବାହ ପାଇଁ ଜୈବିକ ପ୍ରକ୍ରିୟାରୁ ପ୍ରାପ୍ତ ସାମଗ୍ରୀ ବ୍ୟବହରର ସମ୍ଭାବନାକୁ ଦୃଢ଼ କରିଛି।

## ଅନୀଲ ଅମ୍ବାନୀଙ୍କ କମ୍ପାନୀରେ ପଶିଲା ଇଡ଼ି

**ମୁମ୍ବାଇ,୨୪।୭:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଗୁରୁବାର ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ମୁମ୍ବାଇରେ ଥିବା କମ୍ପାନୀଗୁଡ଼ିକ ସହିତ ଜଡିତ ଅନେକ ସ୍ଥାନରେ ଚଢ଼ାଉ କରିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଏହାର ପ୍ରମୋଟର-ନିର୍ଦ୍ଦେଶକ ଅନୀଲ ଡି ଅମ୍ବାନୀଙ୍କୁ 'ଠକେଇ' ଭାବରେ ବର୍ଗୀକୃତ କରିବାର କିଛି ଦିନ ପରେ ଏହି ଚଢ଼ାଉ କରାଯାଇଛି। ଯଦିଓ ଅନୀଲ ଅମ୍ବାନୀଙ୍କ ବ୍ୟକ୍ତିଗତ ବାସଭବନରେ ତଲାସୀ ଅଭିଯାନ କରାଯାଇ ନ ଥିଲା, ଦିଲ୍ଲୀ ଏବଂ ମୁମ୍ବାଇର ଇଡ଼ି ଦଳଗୁଡ଼ିକ ତାଙ୍କ ଗୋଷ୍ଠୀ କମ୍ପାନୀଗୁଡ଼ିକ ସହିତ ଜଡିତ କିଛି ପରିସର ପରିଦର୍ଶନ କରିଥିଲେ। ତଦନ୍ତ ରିଲାଏନ୍ସ ଅନୀଲ ଅମ୍ବାନୀ ଗ୍ରୁପ କମ୍ପାନୀଗୁଡ଼ିକ ଦ୍ୱାରା କଥିତ ମନି ଲଣ୍ଡରିଂ ସହିତ ଜଡିତ। ଇଡି କାର୍ଯ୍ୟାନୁଷ୍ଠାନ ନ୍ୟାଶନାଲ ହାଉସିଂ ବ୍ୟାଙ୍କ, ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ, ନ୍ୟାଶନାଲ ଫାଇନାନ୍ସିଆଲ ରିପୋର୍ଟିଂ ଅଥରିଟି, ବ୍ୟାଙ୍କ ଅଫ ବରୋଦା ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଦାୟର ଦୁଇଟି ଏଫ୍ଆଇଆର୍ ସମେତ ବହୁ ନିୟାମକ ଏବଂ ଆର୍ଥିକ ସଂସ୍ଥାରୁ ପ୍ରାପ୍ତ ଇନପୁଟ ଉପରେ ଆଧାରିତ। ରିପୋର୍ଟ ଅନୁଯାୟୀ, ଅନୀଲ ଅମ୍ବାନୀ ଗ୍ରୁପ ସହିତ ଜଡିତ ବରିଷ୍ଠ ବ୍ୟବସାୟିକ କାର୍ଯ୍ୟନିର୍ବାହୀଙ୍କ ବାସଭବନରେ ମଧ୍ୟ ତଲାସୀ କରାଯାଉଛି। ଇଡ଼ି ଦାବି କରୁଛି ଯେ ଏହା ସାଧାରଣ ଟଙ୍କାର ଅପବ୍ୟବହାରର ଏକ ସୁଚିନ୍ତିତ ଯୋଜନାର ପ୍ରମାଣ ପାଇଛି। ତଦନ୍ତରୁ ଜଣାପଡିଛି ଯେ ଏହି ପ୍ରକ୍ରିୟାରେ ବ୍ୟାଙ୍କ, ଶେୟାରହୋଲ୍ଡର, ନିବେଶକ ଏବଂ ସାର୍ବଜନୀନ ପ୍ରତିଷ୍ଠାନ ସମେତ



**୩,୦୦୦ କୋଟି ଟଙ୍କାର ଠକେଇ ଅଭିଯୋଗ**

ଅନେକ ସଂସ୍ଥାକୁ ଭ୍ରମିତ କରାଯାଇଥିଲା କିମ୍ବା ଠକେଇ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଇଡି ତଦନ୍ତ ୨୦୧୭ ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କରୁ ନିଆଯାଇଥିବା ୩,୦୦୦ କୋଟି ଟଙ୍କାର ଋଣର ସନ୍ଦେହଜନକ ବେଆଇନ ପ୍ରବର୍ତ୍ତନ ଉପରେ ଧ୍ୟାନ ଦେଉଛି। ଇଡି ଅଧିକାରୀଙ୍କ ଅନୁଯାୟୀ, ଗୋଷ୍ଠୀ କମ୍ପାନୀଗୁଡ଼ିକୁ ଋଣ ପ୍ରଦାନ କରାଯିବାର କିଛି ସମୟ ପୂର୍ବରୁ ବ୍ୟାଙ୍କର ପ୍ରମୋଟରମାନଙ୍କ ସହ ଜଡିତ ସଂସ୍ଥାଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର କରାଯାଇଥିଲା। ଅଧିକାରୀମାନେ ଇଡ଼ି ସହିତ ରିଲାଏନ୍ସ ହୋମ ଫାଇନାନ୍ସ ଲିମିଟେଡ ସମ୍ପର୍କିତ ସୂଚନା ସେୟାର କରିଛନ୍ତି। କମ୍ପାନୀର କର୍ପୋରେଟ ଋଣ ୨୦୧୭-୧୮ ଆର୍ଥିକ ବର୍ଷରେ ୩,୭୪୨.୬୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୧୮-୧୯ ଆର୍ଥିକ ବର୍ଷରେ ୮,୬୭୦,୮୦ କୋଟି ଟଙ୍କାରେ ପହଞ୍ଚିଛି। ୟେସ ବ୍ୟାଙ୍କର ପୂର୍ବତନ ପ୍ରମୋଟରମାନଙ୍କ ସହିତ ଜଡିତ ଲାଞ୍ଚ ଦିଗକୁ ମଧ୍ୟ ସମୀକ୍ଷା କରାଯାଉଛି।

## ସ୍ୱାମୀଙ୍କ ଜିଭକାଟି ଗିଳିଦେଲେ ସ୍ତ୍ରୀ

**ପାଟନା,୨୪।୭:** ବିହାରର ଗୟାରୁ ଏକ ଅଜବ ଏବଂ ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଜିଭ କାଟି ଗିଳି ଦେଇଛନ୍ତି। ସ୍ୱାମୀ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ, ସେ ସମସ୍ତ ରକ୍ତ ମଧ୍ୟ ପିଇଦେଲେ। ତା'ପରେ ସେ ଦୌଡ଼ି ପଳାଇଗଲେ। ସ୍ୱାମୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ, ସ୍ୱାମୀ ପୋଲିସକୁ ଯାହା କହିଲେ ତାହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଥିଲା। ପୋଲିସଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଥିଲା। ପୀଡିତାଙ୍କ ନାମ ମୁକେଶ ଦାସ। ତାଙ୍କ ବୟସ ୩୬ ବର୍ଷ। ତାଙ୍କ ଜିଭ କାଟିବା ପରେ, ସେ ଏବେ କିଛି କହିପାରୁ ନାହାଁନ୍ତି। ମାମଲାଟି ଖିଜରାସରାଇ ଅଞ୍ଚଳର। ମୁକେଶଙ୍କ ସ୍ତ୍ରୀ ଜଣେ ଆଶା କର୍ମୀ। ମୁକେଶଙ୍କୁ କହିବା ଅନୁଯାୟୀ, ତାଙ୍କ ସ୍ତ୍ରୀ ତାଙ୍କୁ ମିଠା କଥା କହି ପ୍ରଲୋଭିତ କରି ଏହି ଘଟଣା କରିଥିଲେ। ମୁକେଶ କହିଛନ୍ତି, ମୁଁ ଗତକାଲି ସନ୍ଧ୍ୟାରେ ଘରକୁ ଆସିଥିଲି। ମୁଁ ଆସି ଜଳଜିରା ପିଇଥିଲି। ତା'ପରେ ମୋ ସ୍ତ୍ରୀ ସୁନିତା ମୋ ପାଖକୁ ଆସି କହିବାକୁ ଲାଗିଲେ ଯେ ତୁମେ ବିଷ ପିଇଛ। ମୁଁ ତାଙ୍କୁ ବୁଝାଇଲି ଯେ ଏହା ଏପରି ନୁହେଁ। ସୁନିତା ତାଙ୍କୁ ଜିଭ ଦେଖାଇବାକୁ ଜିଦ କରିବାକୁ ଆରମ୍ଭ କଲେ। ପ୍ରଥମେ ମୁଁ ମୋ ଜିଭ ଦେଖାଇଲି ନାହିଁ। ଏହା ପରେ ସୁନିତା ମୁକେଶଙ୍କୁ ବହୁତ ପ୍ରେମରେ ତାଙ୍କ ଜିଭ ବାହାର କରିବାକୁ କହିବା ଆରମ୍ଭ କଲେ। ଏଥିରେ ମୁଁ ମଧ୍ୟ ତାଙ୍କ କଥାରେ ରାଜି ହୋଇଗଲି। ପ୍ରଥମେ ମୁଁ ମୋ ପାଟିରୁ ଟିକିଏ ଜିଭ ବାହାର କଲି। ସୁନିତା କହିଲେ- ଟିକିଏ ଆଉ ବାହାର କଲି। ମୁଁ ମୋ ଜିଭ ଆଉ ଟିକିଏ ବାହାର କଲି, ସୁନିତା ଶୀଘ୍ର ମୋ ଜିଭକୁ କାମୁଡ଼ି ଗିଳିଦେଲା। ମୋ ଜିଭରୁ ବହୁତ ରକ୍ତ ବାହାରୁଥିଲା, ଯାହାକ ମଧ୍ୟ ସୁନିତା ଚାଟି ଦେଇଥିଲେ। ମୁକେଶଙ୍କର ୨ ପୁଅ ଏବଂ ଗୋଟିଏ ଝିଅ ଅଛି। ତିନିଜଣଙ୍କ ବୟସ ୧୨ ବର୍ଷରୁ କମ। ତିନିଜଣ ବର୍ତ୍ତମାନ ସେମାନଙ୍କ ଜେଜେବାପାଙ୍କ ସହିତ ରହୁଛନ୍ତି। ତାଙ୍କ ସ୍ତ୍ରୀ ସୁନିତାଙ୍କ ବିଷୟରେ କୌଣସି ସୂଚନା ନାହିଁ। ଘଟଣା ପରଠାରୁ ସେ ଘରୁ ପଳାଇ ଯାଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ତ୍ରୀଙ୍କୁ ଖୋଜୁଛି।

## ପ୍ରତି ଘଣ୍ଟାରେ ସଡ଼କ ଦୁର୍ଘଟଣା ନେଇଛି ୬ରୁ ଊର୍ଦ୍ଧ୍ୱ ଜୀବନ



**ନୂଆଦିଲ୍ଲୀ,୨୪।୭:** କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟ ସଭାରେ ଏକ ଚାଞ୍ଚଲ୍ୟକର ତଥ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି,୨୦୨୫ ବର୍ଷର ପ୍ରଥମ ୬ ମାସ (ଜାନୁଆରୀରୁ ଜୁନ) ମଧ୍ୟରେ, ସାରା ଦେଶରେ ଜାତୀୟ ରାଜପଥରେ ୨୬,୭୭୦ ଜଣଙ୍କର ମୃତ୍ୟୁ ହୋଇଛି। ସେହି ସମୟରେ, ୨୦୨୪ ମସିହାରେ ରାଜପଥରେ ୫୨,୬୦୯ ଗୁରୁତର ଦୁର୍ଘଟଣା ରେକର୍ଡ କରାଯାଇଛି। ଜାତୀୟ ରାଜପଥରେ ଦୁର୍ଘଟଣା ଯୋଗୁ ପ୍ରତି ଘଣ୍ଟାରେ ୬ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟୁଛି। ଦୁର୍ଘଟଣା ରୋକିବା ପାଇଁ, ସରକାର ଏଟିଏମ, ସଡ଼କ ସୁରକ୍ଷା ଅଡିଟ ଏବଂ କଠୋର ଟ୍ରାଫିକ ନିୟମ ଲାଗୁ କରିଛନ୍ତି। ଏହା ସହିତ, ଜନସଚେତନତା ଅଭିଯାନ ମଧ୍ୟ ଚାଲିଛି। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) କିଛି ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଏବଂ ଏକ୍ସପ୍ରେସୱେରେ ଆଡଭାନ୍ସଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଏଟିଏମ୍ସ୍) ସ୍ଥାପନ କରିଛି। ଏଥିରେ ଦିଲ୍ଲୀ-ମିରୁଟ ଏକ୍ସପ୍ରେସୱେ, ଟ୍ରାନ୍ସ-ହରିଆଣା, ପୂର୍ବ ପେରିଫେରାଲ ଏକ୍ସପ୍ରେସୱେ ଏବଂ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ଭଳି ରୁଟ ଅନ୍ତର୍ଭୁକ୍ତ। ସେ କହିଛନ୍ତି, ଏହି ସିଷ୍ଟମରେ ଇଲେକ୍ଟ୍ରୋନିକ ମନିଟରିଂ ଡିଭାଇସ ସଜ୍ଜିତ, ଯାହା ଦୁର୍ଘଟଣା କିମ୍ବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ସୂଚନା ଦିଏ। ଏହା ସାହାଯ୍ୟରେ, ଘଟଣାସ୍ଥଳରୁ ତୁରନ୍ତ ସାହାଯ୍ୟ ପଠାଯାଇପାରିବ, ଯାହା ଜୀବନ ରକ୍ଷା କରିବାରେ ସାହାଯ୍ୟ କରେ। ଗଡକାରୀ କହିଛନ୍ତି, ଏନ୍ଏଚ୍ଏଆଇର ସମସ୍ତ ନୂତନ ଉଚ୍ଚ-ଘନତା ଏବଂ ଉଚ୍ଚ-ସ୍ପିଡ କରିଡର ପ୍ରକଳ୍ପରେ ଏଟିଏମ୍ସ୍ ଅନ୍ତର୍ଭୁକ୍ତ କରାଯାଇଛି। ସେହି ସମୟରେ, ଏହାକୁ ପୁରୁଣା ରାଜପଥରେ ଏକ ପୃଥକ ପ୍ରକଳ୍ପ ଭାବରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ଗତ ତିନି ବର୍ଷ ମଧ୍ୟରେ ୧,୧୨,୫୬୧ କିଲୋମିଟର ଜାତୀୟ ରାଜପଥର ସଡ଼କ ସୁରକ୍ଷା ଅଡିଟ କରାଯାଇଛି। ଭାରତରେ ସଡ଼କ ଦୁର୍ଘଟଣା ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ୨୦୨୨ମସିହାରେ, ଦେଶରେ ୪.୫ ଲକ୍ଷରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧.୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣାରେ ଦୁଇ ଚକିଆ ଯାନ ସର୍ବାଧିକ ଜଡିତ। ଦୁର୍ଘଟଣାର କାରଣ ସାଧାରଣତଃ ଦ୍ରୁତ ଗତି, ବିନା ହେଲମେଟରେ ବାଇକ ଚଲାଇବା ଏବଂ ଭୁଲ ଉପାୟରେ ରାସ୍ତା ପାର ହେଉଥିବା ପଦଯାତ୍ରୀମାନେ ସାମିଲ ଅଛନ୍ତି। ସରକାର ଏବେ ନିରନ୍ତର ସଡ଼କ ସୁରକ୍ଷା ଉପରେ କାର୍ଯ୍ୟ କରୁଛନ୍ତି,ଯାହା ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ ଏବଂ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ।

## ନିର୍ବାଚନ ବର୍ଜନ କରିବାକୁ ଧମକ ଦେଲେ ତେଜସ୍ୱୀ



**ନୂଆଦିଲ୍ଲୀ,୨୪।୭:** ବିରୋଧୀ ଦଳ ବିହାରରେ ଚାଲିଥିବା SIRକୁ ଦୃଢ଼ ବିରୋଧ କରୁଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଚଳିତ ବର୍ଷ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ବର୍ଜନ ଘୋଷଣା କରିଛନ୍ତି। ତେଜସ୍ୱୀ ଯାଦବ ଗଣମାଧ୍ୟମକୁ କହିଛନ୍ତି, ଆମେ ନିର୍ବାଚନ ବର୍ଜନ ଉପରେ ଆଲୋଚନା କରିବୁ। ଏହି ବିକଳ୍ପ ଆମ ପାଇଁ ଖୋଲା ଅଛି। ଏସ୍ଆଇଆର୍ ସମ୍ପର୍କରେ ତେଜସ୍ୱୀ ଯାଦବ କହିଛନ୍ତି,ଯେତେବେଳେ ସବୁକିଛି ସ୍ଥିର ହୋଇସାରିଛି ଯେ ବେଇମାନୀ ଖୋଲାଖୋଲି ଭାବରେ କରିବାକୁ ପଡିବ।ଲକ୍ଷ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାକୁ ପଡିବ ଏବଂ ଏହି ଲକ୍ଷ ଲକ୍ଷ ଭୋଟର ଯେଉଁମାନେ ମୋଦି ଜିଙ୍କୁ ଭୋଟ ଦେଇଥିଲେ, ଅନେକ ସରକାରକୁ ନିର୍ବାଚିତ କରିଥିଲେ, ସେତେବେଳେ ଏହା ଠିକ ଥିଲା, ଏବେ ହଠାତ୍ ବେଇମାନୀ କେଉଁଠି ଭୁଲ ହେଲା ? ଏହି ପ୍ରଶ୍ନ ପଚରାଯାଉଛି। ସରକାରଙ୍କ ଲୋକମାନେ ଆଜି ନିଜେ କହୁଥିଲେ, ଆମେ ଠକେଇ ଦ୍ୱାରା ନିର୍ବାଚିତ ହୋଇଛୁ ଏବଂ ପୁଣି ଠକେଇ ଦ୍ୱାରା ନିର୍ବାଚିତ ହେବୁ, ତେଣୁ ଯେତେବେଳେ ଆମକୁ ବେଇମାନୀ କରିବାକୁ ପଡିବ, ସେତେବେଳେ ଆମେ ନିର୍ବାଚନ ବର୍ଜନ କରିବାକୁ ବିଚାର କରିପାରିବା। ଏକ ପ୍ରଶ୍ନରେ, ଆର୍ଜେଡି ନେତା କହିଛନ୍ତି, ଆମେ ସମସ୍ତ ଦଳର (ମହାଗଠବନ୍ଧନର) ଲୋକଙ୍କ ସହ କଥା ହେବୁ। ଯଦି ଜନତା ଭୋଟ ନ ଦିଅନ୍ତି ତେବେ ଗଣତନ୍ତ୍ରର ଅର୍ଥ କ'ଣ ? ସେ କହିଛନ୍ତି, ଯଦି ଆପଣ ଲୋକମାନେ ଚଣ୍ଡିଗଡ଼ ଭଳି କାମ କରନ୍ତି... ତେବେ ଏହାର ଅର୍ଥ କ'ଣ ହେବ ? ତେଣୁ ଆମେ ଏହାକୁ ଗମ୍ଭୀରତାର ସହିତ ନେଇ ନିର୍ବାଚନ ବର୍ଜନ କରିବା ବିଷୟରେ ଆଲୋଚନା କରିବୁ। ଏହି ବିକଳ୍ପ ଆମ ପାଇଁ ଖୋଲା ଅଛି।

## ଭାରତ-ବ୍ରିଟେନ ଡିଲ୍: ଶସ୍ତା ହେବ ମଦ, କପଡ଼ା ଓ ଜୋତା

**ନୂଆଦିଲ୍ଲୀ,୨୪।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁକ୍ତରାଜ୍ୟ (ୟୁକେ) ଗସ୍ତ ସମୟରେ, ଭାରତ ଗୁରୁବାର (ଜୁଲାଇ ୨୪, ୨୦୨୫) ଦିନ ବ୍ରିଟେନ ସହିତ ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍ଟିଏ) ସ୍ୱାକ୍ଷର କରିଥିଲା। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଚେକର୍ସ ହାଉସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ, ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ତାଙ୍କର ବ୍ରିଟିଶ ପ୍ରତିପକ୍ଷ ଜୋନାଥନ ରେନୋଲ୍ଡସ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ।

ଏହି ଚୁକ୍ତି ସହିତ, ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବେ। ଏହି ଚୁକ୍ତିନାମା ଉଭୟ ଦେଶରେ ନିବେଶ ବୃଦ୍ଧି କରିବ ଏବଂ ସାଧାରଣ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଏହି ଚୁକ୍ତିନାମା ଅନୁଯାୟୀ, ଦେଶର ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପଡ଼ିବ, କାରଣ ଏଫ୍ଟିଏ ଅନୁଯାୟୀ, ଔଷଧ, ପୋଷାକ, ଇଲେକ୍ଟ୍ରୋନିକ୍ସଠାରୁ ଆରମ୍ଭ କରି ଫ୍ୟାଶନ ସାମଗ୍ରୀ ଶସ୍ତା ହେବ। ତଥାପି, ଏହା ଯୋଗୁଁ କିଛି ଜିନିଷ ମଧ୍ୟ ମହଙ୍ଗା ହେବ। ଭାରତରୁ ବ୍ରିଟେନକୁ ରପ୍ତାନି ହେଉଥିବା ପୋଷାକ ଏବଂ ଘରୋଇ ବୟନ ସାମଗ୍ରୀ ଉପରେ ବର୍ତ୍ତମାନ ଲାଗୁ ହୋଇଥିବା ୮ ରୁ ୧୨ ପ୍ରତିଶତ ଶୁଳ୍କ ଏବେ ଉଚ୍ଛେଦ କରାଯିବ। ଏହି ଚୁକ୍ତିନାମା ଭାରତର ବୟନକୁ ବାଂଲାଦେଶ ଏବଂ ଭିଏତନାମ ପରି ଦେଶ ତୁଳନାରେ ଅଧିକ ପ୍ରତିଯୋଗିତାମୂଳକ କରିବ। ଏହି



ଚୁକ୍ତିନାମା ପରେ, ସୁନା ଏବଂ ହୀରା ଅଳଙ୍କାର ଭଳି ଉଚ୍ଚ ମୂଲ୍ୟର ଉତ୍ପାଦ ସହିତ ଚମଡା ସାମଗ୍ରୀ ଏବେ ବ୍ରିଟେନରେ ଶୁଳ୍କମୁକ୍ତ ହେବ ଏବଂ ଏଥିରେ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡିବ ନାହିଁ। ଏହି ପଦକ୍ଷେପ ବିଶେଷ ଭାବରେ ଭାରତର ଏମ୍ଏସ୍ଏମ୍ଇ ଏବଂ ଲଗଜରୀ ବ୍ରାଣ୍ଡଗୁଡ଼ିକୁ ଲାଭ ପହଞ୍ଚାଇବ ଏବଂ ବ୍ରିଟେନ ମାଧ୍ୟମରେ ୟୁରୋପୀୟ ବଜାରରେ ଭାରତର ଉପସ୍ଥିତିକୁ ମଜବୁତ କରିବ।

ବ୍ରିଟେନ ଏବେ ଭାରତରେ ନିର୍ମିତ ଯନ୍ତ୍ରପାତି, ଇଞ୍ଜିନିୟରିଂ ଉପକରଣ ଏବଂ ଅଟୋ ପାର୍ଟସ ଉପରେ ଆମଦାନୀ ଶୁଳ୍କ ଉଚ୍ଛେଦ କରିବ। ଏହା ୟୁକେ ଏବଂ ୟୁରୋପର ଶିଳ୍ପ ଯୋଗାଣ ଶୃଙ୍ଖଳରେ ଭାରତର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ।

ଏଫ୍ଟିଏ ଇଞ୍ଜିନିୟରିଂ, ସ୍ଥାପତ୍ୟ ଏବଂ ଆକାଉଣ୍ଟିଂ ଭଳି କ୍ଷେତ୍ରରେ ବୃତ୍ତିଗତ ଯୋଗ୍ୟତାକୁ ସ୍ୱୀକୃତି ଦେବ ଏବଂ ଭିଜା ନିୟମକୁ ଶିଥିଳ କରିବ। ଏହା ଭାରତୀୟ ବୃତ୍ତିଗତମାନଙ୍କୁ ସହଜରେ ବ୍ରିଟେନରେ ଯାଇ କାମ କରିବାକୁ ସକ୍ଷମ କରିବ ଏବଂ ଏହି ଚୁକ୍ତିନାମା ପରେ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆଇଟି, ଅର୍ଥ, ଆଇନ ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ପ୍ରାୟ ୬୦,୦୦୦ ନୂତନ ନିଯୁକ୍ତି ସୃଷ୍ଟି ହେବାର ଆଶା କରାଯାଉଛି।

ଏଫ୍ଟିଏ ୟୁକେରେ ନିୟାମକ ପ୍ରକ୍ରିୟାକୁ ସହଜ କରି ଏବଂ ଔଷଧକୁ ଶସ୍ତା କରି, ବିଶେଷକରି ଜେନେରିକ ଔଷଧ, ବିଶେଷକରି ଜେନେରିକ ଔଷଧକୁ ଶସ୍ତା କରି ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ ଲାଭ ପହଞ୍ଚାଇବ। ଏହା ଏନ୍ଏଚ୍ଏସ୍ ପର୍ଯ୍ୟନ୍ତ ପହଞ୍ଚିବା ସହଜ କରିବ ଏବଂ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଔଷଧ ପାଇଁ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ। ବାସୁମତୀ ଚାଉଳ, ଚିଙ୍ଗୁଡ଼ି ପରି ସାମୁଦ୍ରିକ ଉତ୍ପାଦ, ପ୍ରିମିୟମ ଚା ଏବଂ ମସଲା ସମେତ ଭାରତର ଅନେକ କୃଷି ଏବଂ ଖାଦ୍ୟ ରପ୍ତାନି ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଉଚ୍ଛେଦ କରାଯିବ। ଏହା ଆସାମ, ଗୁଜରାଟ, କେରଳ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ରପ୍ତାନି ସମ୍ବନ୍ଧୀୟ ବ୍ୟବସାୟଗୁଡ଼ିକୁ ଲାଭଦାୟକ କରିବ। ଏଫ୍ଟିଏ କୃଷି ରସାୟନ, ପ୍ଲାଷ୍ଟିକ ଏବଂ ସ୍ୱତନ୍ତ୍ର ରାସାୟନିକ ପଦାର୍ଥ ଉପରେ କମ ଶୁଳ୍କ ମାଧ୍ୟମରେ ଗୁଜୁରାଟ ଏବଂ ମହାରାଷ୍ଟ୍ରର ପ୍ରମୁଖ ଶିଳ୍ପ କେନ୍ଦ୍ରଗୁଡ଼ିକରୁ ରପ୍ତାନିକୁ ବୃଦ୍ଧି କରିବ। ଚୁକ୍ତିନାମା ଅନୁଯାୟୀ ଭାରତ ୨୦୩୦ ସୁଦ୍ଧା ୟୁକେକୁ ଏହାର ରାସାୟନିକ ପଦାର୍ଥ ରପ୍ତାନିକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଚୁକ୍ତିନାମା ସୌର ଶକ୍ତି, ସବୁଜ ହାଇଡ୍ରୋଜେନ ଏବଂ ବୈଦ୍ୟୁତିକ ଯାନ (ଇଭି) ଭିତ୍ତିଭୂମି ସମେତ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତ ଏବଂ ୟୁକେ ମଧ୍ୟରେ ମିଳିତ ଉଦ୍ୟୋଗ ପାଇଁ ପଥ ପ୍ରଶସ୍ତ କରିବ। ଏହା ଭାରତର ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ୟୁକେର ନିବେଶ ବୃଦ୍ଧି କରିବ ଏବଂ ମିଳିତ ଭାବରେ ନୂତନ ଅଭିନବ ପ୍ରଯୁକ୍ତିବିଦ୍ୟା ବିକାଶ କରିବାକୁ ମଧ୍ୟ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି।

ଭାରତ ଏବଂ ବ୍ରିଟେନ ମଧ୍ୟରେ ହୋଇଥିବା ଏଫ୍ଟିଏ ଚୁକ୍ତି ଏବେ ମଦ୍ୟପାନକାରୀଙ୍କ ପାଇଁ ଆନନ୍ଦର ବିଷୟ ହେବ। କାରଣ ଭାରତ ଆଗାମୀ ୧୦ ବର୍ଷ ମଧ୍ୟରେ ସ୍କଚ ହ୍ୱିସ୍କି ଉପରେ ୧୫୦ ପ୍ରତିଶତ ଶୁଳ୍କକୁ ମାତ୍ର ୩୦ ପ୍ରତିଶତକୁ ହ୍ରାସ କରିବ। ଏହା ଭାରତରେ ବ୍ରିଟେନର ବଜାର ଅଂଶକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଭାରତରେ ମଦ୍ୟପାନ ପ୍ରେମୀ ଏବଂ ହୋଟେଲ ବ୍ୟବସାୟ ସହିତ ଜଡିତ ଲୋକମାନେ ସୁଲଭ ମୂଲ୍ୟରେ ମଦ୍ୟପାନ କରିପାରିବେ।

## ଚତୁର୍ଥ ଟେଷ୍ଟ୍‌ରେ ପନ୍ତଙ୍କ ସାହସିକ ଅର୍ଦ୍ଧଶତକ

# ଷ୍ଟୋକ୍ସଙ୍କୁ ୫ ୱିକେଟ୍: ଭାରତ ୩୫୮, ଇଂଲଣ୍ଡର କଡ଼ା ଜବାବ

ମାଞ୍ଚେଷ୍ଟର୍,୨୪।୭: ଏଠାରେ ଚାଲିଥିବା ଭାରତ-ଇଂଲଣ୍ଡ ଟେଷ୍ଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ତା'ର ପ୍ରଥମ ଇନିଂସରେ ୩୫୮ ରନ୍ କରିଛି। ଇଂଲିଶ୍ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ୫ ୱିକେଟ୍‌ର ସଫଳତା ହାସଲ କରିବା ଆଜି ଦ୍ୱିତୀୟ ଦିନର ଅନ୍ୟତମ ପ୍ରମୁଖ ଘଟଣାବଳୀ ଥିବା ବେଳେ ଦଳ ବ୍ୟାଟିଂରେ କଡ଼ା ଜବାବ ଦେବାରେ ସକ୍ଷମ ହୋଇଛି। ଦୁଇ ଓପନର ବେନ୍ ଡକେଟ୍ ଓ ଜ୍ୟାକ୍ କ୍ରଲି ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିଥିବା ବେଳେ ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଇଂଲଣ୍ଡ ୨ ୱିକେଟ୍ ବିନିମୟରେ ୨୨୫ ରନ୍ କରି ବେଶ୍ ଉନ୍ନତ ସ୍ଥିତିରେ ରହିଛି। ଅନ୍ୟପକ୍ଷରେ ଗତକାଲି ଆହତ ହୋଇ ରିଟାୟାର୍ଡ ହର୍ଟ ହୋଇଥିବା ଭାରତୀୟ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଆଜି ସାହସିକ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚିପାରିଛି। ଆହତ ଥିବା ସତ୍ତ୍ୱେ ପନ୍ତ ୫୪ ରନ୍



କରିଥିବା ବେଳେ ତାଙ୍କର ଏହି ଇନିଂସକୁ ବିଶିଷ୍ଟ କ୍ରିକେଟର୍‌ମାନେ ପ୍ରଶଂସା କରିଛନ୍ତି। ଆଜି ପୂର୍ବଦିନର ଖେଳ ୨୬୪/୪ରୁ ଖେଳ ଆରମ୍ଭ କରି ଭାରତର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଲ୍ ଠାକୁର ସେମାନଙ୍କ ବ୍ୟକ୍ତିଗତ ସ୍କୋର୍ ୧୯ରୁ ବ୍ୟାଟିଂ ଆରମ୍ଭ କରିଥିଲେ। କିନ୍ତୁ ଜାଡେଜା ୨୦ ରନ୍‌ରେ ଆଉଟ୍ ହୋଇଯାଇଥିବା ବେଳେ ଠାକୁର ତାଙ୍କ ବ୍ୟାଟିଂ ଜାରି ରଖିଥିଲେ। ସେ ୫ଟି ଚୌକା ସହ ୪୧ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ସେହିପରି ଗତକାଲି ୩୭ ରନ୍‌ରେ ଅପରାଜିତ ଥିବା ପନ୍ତ ୩ଟି ଚୌକା ଓ ୨ଟି ଛକା ସହ ୫୪ ରନ୍ କରି ଦଳୀୟ ସ୍କୋର୍‌କୁ ୩୫୦ ଅତିକ୍ରମ କରାଇଥିଲେ। ସେହିପରି ୱାଶିଂଟନ୍ ସୁନ୍ଦର ୨୭ ରନ୍ କରିଥିଲେ। ପନ୍ତ ପାଦରେ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥିଲେ ମଧ୍ୟ ପିଚ୍‌କୁ ଓହ୍ଲାଇ ସାହସର ପରିଚୟ ଦେଇଥିବାରୁ ତାଙ୍କର ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ବ୍ୟତୀତ ଜୋଫ୍ରା ଆର୍ଚର୍ ୩ଟି ଏବଂ କ୍ରିସ୍ ୱୋକ୍ସ ଓ ଲିଆମ୍ ଡସନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଶିଲ୍ପା ଶିରୋଦକରଙ୍କ ପ୍ରେମରେ ପଡ଼ିଥିଲେ ସଚିନ



ମୁମ୍ବାଇ,୨୪।୭: ଇଣ୍ଡଷ୍ଟ୍ରିରେ ପ୍ରାୟତଃ କୌଣସି ଷ୍ଟାରଙ୍କ ଆଫେୟାର ବିଷୟରେ ଆଲୋଚନା ହୁଏ। ନିକଟରେ ଜଣେ ବଲିଉଡ ଅଭିନେତ୍ରୀ ସଚିନ ତେନ୍ଦୁଲକରଙ୍କ ସହ ତାଙ୍କ ଆଫେୟାର ବିଷୟରେ କହିଛନ୍ତି। ତେବେ ଏହି ଅଭିନେତ୍ରୀ କିଏ ? ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ପ୍ରକୃତରେ, ଆମେ ଯେଉଁ ଅଭିନେତ୍ରୀଙ୍କ ବିଷୟରେ କଥା ହେଉଛୁ ସେ ଆଉ କେହି ନୁହଁନ୍ତି ବରଂ ବଲିଉଡର ଶ୍ରେଷ୍ଠ ଅଭିନେତ୍ରୀ ଶିଲ୍ପା ଶିରୋଦକର। ହଁ, ଶିଲ୍ପା ବଲିଉଡରେ ଅନେକ ହିଟ୍ ଫିଲ୍ମରେ କାମ କରିଛନ୍ତି। ଏହା ସହିତ, କିଛି ସମୟ ପୂର୍ବରୁ ଏହି ଅଭିନେତ୍ରୀଙ୍କୁ ବିଗ ବସରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହି ସମୟରେ, ଶିଲ୍ପା ଶିରୋଦକର ତାଙ୍କ ପ୍ରେମ ଜୀବନକୁ ନେଇ ଖବରରେ ରହିସାରିଛନ୍ତି। ଥରେ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ସହ ତାଙ୍କ ଆଫେୟାର ଖବର ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ସୂଚନାଯୋଗ୍ୟ, ଶିଲ୍ପା ଏକ ପୁରୁଣା ସାକ୍ଷାତକାରରେ ଏହି ବିଷୟରେ କହିଥିଲେ। ଶିଲ୍ପା କହିଥିଲେ ଯେ ସେ 'ହମ' ଫିଲ୍ମ ସମୟରେ ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲେ। ଏହି ସାକ୍ଷାତକାରରେ ଶିଲ୍ପା କହିଥିଲେ ଯେ, 'ଯେତେବେଳେ ମୁଁ 'ହମ' କରୁଥିଲି, ମୁଁ ପ୍ରଥମ ଥର ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲି, କାରଣ ମୋର କଜିନ ଭାଇ ସେଠାରେ ରହୁଥିଲେ ଯେଉଁଠାରେ ସଚିନ ରହୁଥିଲେ। ସଚିନ ଏବଂ ମୋ କଜିନ ଭାଇ ବାନ୍ଦ୍ରା ପୂର୍ବରେ ଏକାଠି କ୍ରିକେଟ ଖେଳୁଥିଲେ, ସେହିପରି ମୁଁ ସଚିନଙ୍କୁ ଭେଟିଥିଲି ଏବଂ ସେହି ସମୟରେ ସଚିନ ଅଞ୍ଜଳିଙ୍କ ସହିତ ସମ୍ପର୍କରେ ଥିଲେ। କେହି ଏ ବିଷୟରେ ଜାଣି ନଥିଲେ। ଆମେ ବନ୍ଧୁ ଥିଲୁ ତେଣୁ ଆମେ ସବୁକିଛି ଜାଣିଥିଲୁ।

## ଇତିହାସ ରଚିଲେ ଯଶସ୍ୱୀ ଜୟସ୍ୱାଲ




ମାଞ୍ଚେଷ୍ଟର,୨୪।୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ ଖେଳାଯାଉଛି। ଏହି ମ୍ୟାଚ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ହେଉଛି। ଏହି ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଇତିହାସ ସୃଷ୍ଟି କରିଛନ୍ତି। ଜୟସ୍ୱାଲ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ସହିତ ଜୟସ୍ୱାଲ ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ଅର୍ଦ୍ଧଶତକ ହାସଲ କରିବାରେ ୫୧ ବର୍ଷ ପରେ ପ୍ରଥମ ଭାରତୀୟ ଓପନର ହୋଇଥିଲେ। ଜୟସ୍ୱାଲଙ୍କ ପୂର୍ବରୁ, ୧୯୭୪ ମସିହାରେ ସୁନୀଲ ଗାଭାସ୍କର ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ୫୦ କିମ୍ବା ତା'ଠାରୁ ଅଧିକ ରନ କରିଥିଲେ। ଜୟସ୍ୱାଲ ଲର୍ଡସ ଟେଷ୍ଟରେ ବିଶେଷ କିଛି କରିପାରି ନ ଥିଲେ। ଏହି ମ୍ୟାଚରେ ଜୟସ୍ୱାଲ ପ୍ରଶଂସକମାନଙ୍କୁ ନିରାଶ କରି ନ ଥିଲେ। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୧୨ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୮ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ଜୟସ୍ୱାଲ ୧୦ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଏହି ଇନିଂସ ସହିତ ଜୟସ୍ୱାଲ ୫୧ ବର୍ଷର ମରୁଡ଼ିର ଅନ୍ତ ଘଟାଇଛନ୍ତି। ଜୟସ୍ୱାଲ ୫୧ ବର୍ଷ ମଧ୍ୟରେ ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ଅର୍ଦ୍ଧଶତକ ହାସଲ କରିଥିବା ପ୍ରଥମ ଭାରତୀୟ ଓପନର ହୋଇଥିଲେ। ଏହା ପୂର୍ବରୁ ଶେଷ ଥର ପାଇଁ ଗାଭାସ୍କର ୧୯୭୪ ମସିହାରେ ଏହି ସଫଳତା ପାଇଥିଲେ।

## ଆୟୁଷ ମହାତ୍ରେଙ୍କ ଦମଦାର ଶତକ

ନୂଆଦିଲ୍ଲୀ,୨୪।୭: ଭାରତୀୟ ଯୁବ କ୍ରିକେଟ ଦଳର ଅଧିନାୟକ ଆୟୁଷ ମହାତ୍ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଯୁବ ଟେଷ୍ଟରେ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମାତ୍ର ୬୪ ବଲରେ ଶତକ ପୂରଣ କରି ସେ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକକୁଲମଙ୍କ ରେକର୍ଡକୁ ଭାଙ୍ଗି ଯୁବ ଟେଷ୍ଟ ଇତିହାସରେ ତୃତୀୟ ଦ୍ରୁତତମ ଶତକର ଗୌରବ ହାସଲ କରିଛନ୍ତି। ଚେଲ୍ମସଫୋର୍ଡରେ ଖେଳାଯାଉଥିବା ଏହି ମ୍ୟାଚରେ ଭାରତୀୟ ଯୁବ ଦଳ ୩୫୫ ରନର ଲକ୍ଷ୍ୟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିଲା। ୧୮ ବର୍ଷୀୟ ମହାତ୍ରେ ୮୦ ବଲରେ ୧୨୬ ରନର ଏକ ବିସ୍ଫୋରକ ପାରି ଖେଳିଥିଲେ, ଯେଉଁଥିରେ ୧୩ଟି ଚୌକା ଓ ୬ଟି ଛକା ସାମିଲ ଥିଲା। ଏହି ପାରି ତାଙ୍କୁ ମ୍ୟାକକୁଲମଙ୍କ ସହ ଏକ ବିରଳ କୀର୍ତ୍ତିମାନରେ ସ୍ଥାନିତ କରିଛି, ଯେଉଁମାନେ ଯୁବ ଟେଷ୍ଟରେ ୧୦୦ରୁ ଅଧିକ ଷ୍ଟ୍ରାଇକ ରେଟରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ମହାତ୍ରେଙ୍କ ଷ୍ଟ୍ରାଇକ ରେଟ ୧୨୧.୧୨ ଥିବା ବେଳେ, ମ୍ୟାକକୁଲମ ୨୦୦୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଯୁବ ଟେଷ୍ଟରେ ୧୦୮.୪୧ ଷ୍ଟ୍ରାଇକ ରେଟରେ ୨୩୨ ରନ ସଂଗ୍ରହ କରିଥିଲେ।

## ପ୍ରସିଦ୍ଧ କୁସ୍ତିଯୋଦ୍ଧା ହଲ୍କ ହୋଗନଙ୍କ ପରଲୋକ

● ୭୧ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ



ନୂଆଦିଲ୍ଲୀ,୨୪।୭: ମହାନ ଆମେରିକୀୟ କୁସ୍ତିଯୋଦ୍ଧା ହଲ୍କ ହୋଗନଙ୍କର ଗୁରୁବାର (୨୪ ଜୁଲାଇରେ) ହୃଦଘାତ ଯୋଗୁଁ ପରଲୋକ ଘଟିଛି। ରିପୋର୍ଟ ଅନୁସାରେ, ୭୧ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗୁରୁବାର ଛାତିରେ ଯନ୍ତ୍ରଣା ହେବାରୁ ଫ୍ଲୋରିଡା ସ୍ଥିତ କ୍ଲିୟରୱାଟରରେ ଥିବା ହଲ୍କ ହୋଗନଙ୍କ ଘରକୁ ଡାକ୍ତରଙ୍କୁ ଡକାଯାଇ ଥିଲା । ଏହାପରେ ମହାନ କୁସ୍ତିଯୋଦ୍ଧାଙ୍କୁ କ୍ଲିୟରୱାଟର ସ୍ଥିତ ତାଙ୍କ ଘରୁ ଆମ୍ବୁଲାନ୍ସରେ ଷ୍ଟ୍ରେଚରରେ ନିଆ ଯାଇଥିଲା। ୧୧ ଅଗଷ୍ଟ, ୧୯୫୩ ରେ ଜର୍ଜିଆର ଅଗଷ୍ଟାରେ ଜନ୍ମିତ ହଲ୍କ ବୃତ୍ତିଗତ କୁସ୍ତି ଇତିହାସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ। ୟୁଏସ୍ ୱିକ୍ଲିର ରିପୋର୍ଟ ଅନୁସାରେ, ଜୁନରେ ହଲ୍କ ହୋଗନଙ୍କ ହାର୍ଟର ବଡ଼ ଅପରେସନ ହୋଇଥିଲା। ଅଗଷ୍ଟ ୧୯୫୩ରେ ଜର୍ଜିଆର ଅଗଷ୍ଟାରେ ଜନ୍ମିତ ଟେରି ଜିନ୍ ବୋଲିଆ (ହୋଗନଙ୍କ ପ୍ରକୃତ ନାଁ) ଫ୍ଲୋରିଡାର ପୋର୍ଟ ଟାମ୍ପାରେ ବଢ଼ି ଥିଲେ। ଅଳ୍ପ ବୟସରୁ ତାଙ୍କର କୁସ୍ତି ପ୍ରତି ରୁଚି ବଢ଼ିଥିଲା , ଏହାପରେ ସେ ଅଗଷ୍ଟ ୧୯୭୭ରେ ବୃତ୍ତିଗତ ଭାବେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ ଏବଂ 'ହଲ୍କ'ର ଉପାଧି ପାଇଥିଲେ।

## ଗୁରୁତର ଆଘାତ ହେଲେ ପନ୍ତ

### ସିରିଜରୁ ବାଦ ପଡ଼ିବା ସମ୍ଭାବନା



ମାଞ୍ଚେଷ୍ଟର,୨୪।୭: ଭାରତୀୟ କ୍ରିକେଟ ଦଳର ଷ୍ଟାର ୱିକେଟକିପର-ବ୍ୟାଟର ଋଷଭ ପନ୍ତ ଡାହାଣ ପାଦ ଆଙ୍ଗୁଠିରେ ଫ୍ରାକଚର ଯୋଗୁଁ ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜର ବାକି ମ୍ୟାଚରୁ ବାଦ ପଡ଼ିବାର ସମ୍ଭାବନା ରହିଛି। ମାଞ୍ଚେଷ୍ଟରରେ ଚାଲିଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଆହତ ହେବା ପରେ ସେ ରିଟାୟାର୍ଡ ହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛି ଏବଂ ତାଙ୍କ ଅବସ୍ଥାର ନିକଟରୁ ନିରୀକ୍ଷଣ କରୁଛି। ଏହି ଟେଷ୍ଟର ବାକି ଅଂଶରେ ୱିକେଟକିପିଂର ଦାୟିତ୍ୱ ଧ୍ରୁବ ଜୁରେଲ ସମ୍ଭାଳିବେ।


ଏହି ଆଘାତ ସିରିଜର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଭାରତ ପାଇଁ ଏକ ବଡ଼ ଆଘାତ। ୬୮ତମ ଓଭରରେ ଋଷଭ ପନ୍ତ ୩୭ ରନରେ ବ୍ୟାଟିଂ କରୁଥିବା ବେଳେ କ୍ରିସ ୱୋକ୍ସଙ୍କ ବଲରେ ରିଭର୍ସ ସୁଇପ ଖେଳିବାକୁ ଚେଷ୍ଟା କରିଥିଲେ। ବଲଟି ତାଙ୍କ ବ୍ୟାଟରେ ସାମାନ୍ୟ ଏଜ ଲାଗି ଡାହାଣ ପାଦ ଆଙ୍ଗୁଠିରେ ଜୋରରେ ଆଘାତ କରିଥିଲା। ଇଂଲଣ୍ଡ ଦଳ ଏଲବିଡବ୍ଲୁ ପାଇଁ ଆପିଲ କରିଥିଲେ, କିନ୍ତୁ ରିପ୍ଲେରେ ଏଜ ନିଶ୍ଚିତ ହେବାରୁ ପନ୍ତ ଆଉଟରୁ ବର୍ତ୍ତିଥିଲେ, ଯଦିଓ ସେ ତୀବ୍ର ଯନ୍ତ୍ରଣାରେ ଥିଲେ।

## ଏସିଆନ କ୍ରିକେଟ୍ କାଉନସିଲ ବୈଠକରେ ଯୋଗଦେବ ବିସିସିଆଇ

● ଜୁଲାଇ ଶେଷ ସପ୍ତାହରେ ଆୟୋଜିତ ହେବ

ନୂଆଦିଲ୍ଲୀ,୨୪।୭: ଏସିଆନ କ୍ରିକେଟ୍ କାଉନସିଲ (ଏସିସି) ବୈଠକ ଚଳିତ ମାସ ଶେଷ ସପ୍ତାହରେ ଢାକାରେ ଆୟୋଜିତ ହେବ। ଏହି ବୈଠକରେ ଏସିଆ କପ୍ ସଂପର୍କରେ ଆଲୋଚନା ହେବ। କିନ୍ତୁ ବିସିସିଆଇ କୌଣସି ଅଧିକାରୀଙ୍କୁ ଢାକା ପଠାଇବାକୁ ଅନିଚ୍ଛୁକ କରିଥିଲା । ମାତ୍ର ପୁଣି ବିସିସିଆଇ ବୈଠକରେ ଯୋଗ ଦେବାକୁ ସହମତି ପ୍ରକାଶ କରିଛି । ଢ଼ାକା ନଯାଇ ଅଧିକାରୀମାନେ ଭର୍ଚୁଆଲରେ ବୈଠକରେ ଯୋଡ଼ି ହେବେ । ବାଂଲାଦେଶ ସହ ଏବେ ଭାରତର ସଂପର୍କ ଭଲ ନାହିଁ। ତେଣୁ ବିସିସିଆଇ ଆସନ୍ତା ଅଗଷ୍ଟରେ ଭାରତୀୟ ଦଳର ଗସ୍ତକୁ ସ୍ଥଗିତ ରଖିଛି। ଏହି ଗସ୍ତରେ ଭାରତ ଦିନିକିଆ ସିରିଜ ଖେଳିଥାନ୍ତା। ଏସିଆ କପ୍ ଆସନ୍ତା ସେପ୍ଟେମ୍ବର ୫ ତାରିଖରୁ ଆରମ୍ଭ ହୋଇପାରେ ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜିତ ହେବା ଏକ ପ୍ରକାର ନିଶ୍ଚିତ ହୋଇ ସାରିଛି ।

## ୨୦୨୬ରେ ପୁଣି ଇଂଲଣ୍ଡ ଗସ୍ତରେ ଯିବ: ଟମ୍ ଇଣ୍ଡିଆ



ନୂଆଦିଲ୍ଲୀ,୨୪।୭: ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଗୁରୁବାର ୨୦୨୬ ଗ୍ରୀଷ୍ମ ଋତୁର ଘରୋଇ ମ୍ୟାଚ ତାଲିକା ଘୋଷଣା କରିଛି। ଏହି ତାଲିକା ଅନୁଯାୟୀ, ଭାରତୀୟ କ୍ରିକେଟ ଦଳ ଆଗାମୀ ବର୍ଷ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳିବ। ବର୍ତ୍ତମାନ ଭାରତ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ପଛରେ ରହିଛି।

ଇଂଲଣ୍ଡର ୨୦୨୬ ଗ୍ରୀଷ୍ମ ଋତୁ କ୍ରିକେଟ ପାଇଁ ବ୍ୟସ୍ତବହୁଳ ରହିବ। ଭାରତ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡ ଓ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଏବଂ ଶ୍ରୀଲଙ୍କା ବିପକ୍ଷରେ ଛଅଟି ହ୍ୱାଇଟ-ବଲ ମ୍ୟାଚ ଖେଳାଯିବ। ଏହା ସହ ଲର୍ଡସ୍ ଷ୍ଟାଡିୟମ ପ୍ରଥମ ଥର ପାଇଁ ମହିଳା ଟେଷ୍ଟ ମ୍ୟାଚର ଆୟୋଜନ କରିବ।

**ପୁରୁଷ ଦଳର ମ୍ୟାଚ**

ଇଂଲଣ୍ଡ ପୁରୁଷ ଦଳ ଜୁନ ମାସ ଆରମ୍ଭରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତିନୋଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ପରେ ଜୁଲାଇରେ ଭାରତ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳାଯିବ। ଅଗଷ୍ଟରେ ପାକିସ୍ତାନ ତିନୋଟି ଟେଷ୍ଟ ମ୍ୟାଚ ଖେଳିବାକୁ ଆସିବ ଏବଂ ସେପ୍ଟେମ୍ବରରେ ଶ୍ରୀଲଙ୍କା । ତିନୋଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ ଖେଳିବ।

**ମହିଳା ଦଳର ମ୍ୟାଚ**

ଇଂଲଣ୍ଡ ମହିଳା ଦଳ ମଇ ମାସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ଓ ତିନୋଟି ଟି-୨୦ ମ୍ୟାଚ ଖେଳିବ। ଏହା ପରେ ଭାରତ ବିପକ୍ଷରେ ତିନୋଟି ଟି-୨୦ ମ୍ୟାଚ ଖେଳାଯିବ, ଯାହା ଘରୋଇ ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଭାବେ କାମ କରିବ। ଜୁଲାଇ ୫ରେ ଲର୍ଡସରେ ବିଶ୍ୱକପ ଶେଷ ହେବା ପରେ, ଜୁଲାଇ ୧୦ରେ ଭାରତ ବିପକ୍ଷରେ ଏକ ଐତିହାସିକ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ। ସେପ୍ଟେମ୍ବରରେ ଆୟର୍ଲାଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ମ୍ୟାଚ ମଧ୍ୟ ଖେଳାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୪ ବିଲିୟନ୍...

ଶୁଳ୍କ ହ୍ରାସ କରି ବାଣିଜ୍ୟକୁ ସହଜ, ଶସ୍ତା ଓ ତ୍ୱରାନ୍ୱିତ କରିବ ବୋଲି ଷ୍ଟାର୍ମର କହିବା ସହ ଏହି ଚୁକ୍ତିକୁ ଐତିହାସିକ ବୋଲି ମଧ୍ୟ ଅଭିହିତ କରିଛନ୍ତି। ଷ୍ଟାର୍ମରଙ୍କ କହିବାନୁସାରେ, ଭାରତ ସହ ଏହି ଚୁକ୍ତି ବ୍ରିଟେନ ପାଇଁ ନିଯୁକ୍ତିକୁ ବ୍ୟାପକ କରିବା ସହ ନିବେଶ ଓ ଅର୍ଥନୈତିକ ଅଭିବୃଦ୍ଧି ଆଣିଦେବ। ଏହା ହଜାର ହଜାର ବ୍ରିଟିଶ ନିଯୁକ୍ତି ସୃଷ୍ଟି କରିବ ଏବଂ ବ୍ୟବସାୟ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଶୁଳ୍କ ହ୍ରାସ ବ୍ୟତୀତ ଚୁକ୍ତିରେ ଏକ ସାମାଜିକ ସୁରକ୍ଷା ଚୁକ୍ତି ମଧ୍ୟ ସାମିଲ୍ ରହିଛି। ଏହା ଭାରତୀୟ କମ୍ପାନୀମାନଙ୍କୁ ବ୍ରିଟେନକୁ କର୍ମଚାରୀ ପଠାଇବାରେ ଦୁଇ ଥର ସାମାଜିକ ସୁରକ୍ଷା ଅବଦାନ ଦେବାରୁ ମୁକ୍ତି ଦେବ। ଯାହା ବ୍ୟବସାୟର ଏଲଇପି ହ୍ରାସ କରିବ। ବ୍ରିଟେନ ଭାରତର ଷଷ୍ଠ ବୃହତ୍ତମ ନିବେଶକ ହୋଇଥିବା ବେଳେ ଏହାର ମୋଟ ନିବେଶ ପରିମାଣ ପ୍ରାୟ ୩୬ ବିଲିୟନ ଡଲାର। ପ୍ରାୟ ଏକ ହଜାର ଭାରତୀୟ କମ୍ପାନୀ ବ୍ରିଟେନରେ କାର୍ଯ୍ୟ କରୁଛନ୍ତି। ସେମାନେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ପ୍ରାୟ ୨ ବିଲିୟନ ଡଲାରର ପୁଞ୍ଜି ନିବେଶ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ବ୍ରିଟେନକୁ ରପ୍ତାନୀ ୧୨.୬ ପ୍ରତିଶତ ବୃଦ୍ଧି ପାଇ ୧୪.୫ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଆମଦାନୀ ୨.୩ ପ୍ରତିଶତ ବୃଦ୍ଧି ପାଇ ୮.୬ ବିଲିୟନ ଡଲାର ହୋଇଛି। ଏହା ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦.୩୬ ବିଲିୟନ ଡଲାରରୁ ୨୧.୩୪ ବିଲିୟନ ଡଲାର୍ ହୋଇଥିଲା। ମୋଟାମୋଟି ଭାବେ ଆଜିର ଏଫ୍‌ଟିଏ ଭାରତ ଓ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ନୂଆ ସୋପାନରେ ପହଞ୍ଚାଇବା ଆଶା ରହିଛି। ଉଭୟ ଦେଶ ଆଗାମୀ ୨୦୩୦ ସୁଦ୍ଧା ବାଣିଜ୍ୟ ମୂଲ୍ୟକୁ ୧୨୦ ବିଲିୟନ ଡଲାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିସ୍ତୃତ ଅର୍ଥନୈତିକ ଓ ବାଣିଜ୍ୟିକ ଚୁକ୍ତି ନାମକ ଏହି ଚୁକ୍ତିରୁ ଭାରତୀୟ ଚାଷୀ ସର୍ବାଧିକ ଲାଭ ପାଇବାର ଆଶା କରାଯାଉଛି। ଭାରତର କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦଗୁଡ଼ିକ ଏବେ ବ୍ରିଟିଶ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ପାଇବେ। ଏହି ଚୁକ୍ତିନାମାରେ ପ୍ରସ୍ତାବ ଦିଆଯାଇଛି ଯେ ବ୍ରିଟିଶ ବଜାରଗୁଡ଼ିକ ଏବେ ଭାରତୀୟ କୃଷି ଉତ୍ପାଦ ପାଇଁ ଖୋଲିବ ଏବଂ ଏଠାକାର ଚାଷୀମାନେ ୟୁରୋପୀୟ ଦେଶଗୁଡ଼ିକର ରପ୍ତାନିକାରୀଙ୍କ ଅପେକ୍ଷା ଭଲ ଲାଭ ପାଇବେ। ନୂତନ ଚୁକ୍ତି ଅନୁଯାୟୀ, ହଳଦୀ, ଗୋଲମରିଚ ଓ କଞ୍ଚାଲଙ୍କା ଭଳି ଭାରତୀୟ କୃଷି ଉତ୍ପାଦ ଏବଂ ଆମ୍ବ ପଲ୍ପ, ଆଚାର ଓ ଡାଲି ଭଳି ପ୍ରକ୍ରିୟାକୃତ ଉତ୍ପାଦଗୁଡ଼ିକୁ ନିଶୁଳ୍କ ପ୍ରବେଶ ମିଳିବ। ଏହା ଚାଷୀଙ୍କ ବଜାର ପହଞ୍ଚିବାକୁ ବୃଦ୍ଧି କରିବ ଓ ସେମାନଙ୍କୁ ଅଧିକ ଲାଭ ପ୍ରଦାନ କରିବ। ଚୁକ୍ତି ଅନୁଯାୟୀ, ଭାରତର ବିଶାଳ ବଜାରରେ ବ୍ରିଟିଶ୍ ଉତ୍ପାଦ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବ। ସରକାର କହିଛନ୍ତି ଯେ ଏହା ସମ୍ବେଦନଶୀଳ କୃଷି କ୍ଷେତ୍ରକୁ ବ୍ରିଟିଶ ଆମଦାନୀରୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛି। ଯେପରି ଘରୋଇ ଚାଷୀମାନେ ପ୍ରଭାବିତ ନହେବ, ତା' ସୁନିଶ୍ଚିତ କରିବା ସକାଶେ ଦୁଗ୍ଧଜାତ ଦ୍ରବ୍ୟ, ସେଓ, ଓଟ୍ସ ଓ ଖାଇବା ତେଲ ଆଦି ଉପରେ କୌଣସି ଶୁଳ୍କ ରିହାତି ନ ଦିଆଯିବା ସକାଶେ ନିଷ୍ପତ୍ତି ହୋଇଛି। ଏଫ୍‌ଟିଏ ଭାରତର ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ବିଶେଷ ଲାଭ ଦେବ। ବିଶେଷକରି ଆନ୍ଧ୍ର ପ୍ରଦେଶ, ଓଡ଼ିଶା, କେରଳ ଓ ତାମିଲନାଡୁ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ଚାଷୀମାନେ ଏହାର ଫାଇଦା ପାଇବେ। ଏଫ୍‌ଟିଏ କାର୍ଯ୍ୟକାରୀ ହେବା ପରେ ପୂର୍ବରୁ ଯେଉଁସବୁ ଖାଦ୍ୟ ସାମଗ୍ରୀ ଉପରେ ୪.୨ରୁ ୮.୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଦେବାକୁ ପଡୁଥିଲା, ସେସବୁ ବ୍ରିଟିଶ ବଜାରରେ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିପାରିବେ। ସେହିପରି ଚମଡା, ଯୋତା ଓ ପୋଷାକ ଆଦି ଉତ୍ପାଦ ରପ୍ତାନି ମଧ୍ୟ ସହଜ ହେବ। ବ୍ରିଟେନ୍‌ରୁ ଆମଦାନୀ ହେଉଥିବା ହ୍ୱିସ୍କି ଓ କାର ଆଦିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ଆହୁରି ଚିକିତ୍ସା ଉପକରଣ ସହ ଆହୁରି କେତେକ ସାମଗ୍ରୀର ଆମଦାନୀ ମଧ୍ୟ ପୂର୍ବାପେକ୍ଷା ଯଥେଷ୍ଟ ଶସ୍ତା ହେବ ବୋଲି ଜଣାପଡ଼ିଛି।

### ଆଉ...

ମିଳିବ ନିଯୁକ୍ତି। ସେହିଭଳି ବିଦ୍ୟା ମିନେରାଲ୍ସ ପକ୍ଷରୁ ସୁନ୍ଦରଗଡ଼ରେ ୬୨୦ କୋଟି ଟଙ୍କା ପୁଞ୍ଜିନିବେଶରେ ପ୍ରତିଷ୍ଠା ହେବ ବାର୍ଷିକ ୦.୨୧ ନିୟୁତ ଟନ କ୍ଷମତା ସମ୍ପନ୍ନ ଇସ୍ପାତ କାରଖାନା। ଯାଜପୁରରେ ଜାଟିଆ ଷ୍ଟିଲ ଲିମିଟେଡ ପକ୍ଷରୁ ୪୫୧ କୋଟି ପୁଞ୍ଜିନିବେଶରେ ପ୍ରତିଷ୍ଠା ହେବ ଇସ୍ପାତ ଷ୍ଟ୍ରକ୍‌ଚର ୟୁନିଟ। ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ ଲିମିଟେଡ ପକ୍ଷରୁ ସୁନ୍ଦରଗଡରେ ୩୨୦ କୋଟି ପୁଞ୍ଜିନିବେଶରେ ପ୍ରତିଷ୍ଠା ହେବ ଏକ ବେଭେରେଜ ୟୁନିଟ। ବାଲେଶ୍ୱରରେ ପ୍ରଗତି ମିଲ୍କ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ ୧୧୪ କୋଟି ଟଙ୍କା ନିବେଶରେ ପ୍ରତିଷ୍ଠା କରିବ ଏକ ଡାଏରୀ କାରଖାନା। ସେହିଭଳି ପୁରୀ, ଗଜପତି, ନୟାଗଡ ଓ କନ୍ଧମାଳରେ ୪୭୯ କୋଟି ଟଙ୍କାର ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପକୁ ମଧ୍ୟ ଆଜି ମଞ୍ଜୁରୀ ମିଳିଛି। ଏହାଛଡ଼ା ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କା ନିବେଶରେ ବନଭି ଟେକ୍ନୋଲୋଜି ପକ୍ଷରୁ ଏକ ଡ୍ରୋନ ପାର୍କ ପ୍ରତିଷ୍ଠା କରାଯିବା ସକାଶେ ଲକ୍ଷ୍ୟ ରହିଥିବା ବେଳେ ଇକୋ ଡାଇନାମିକ୍ସ ପକ୍ଷରୁ ବରଗଡ଼ରେ ସୌର ଶକ୍ତି ପ୍ରକଳ୍ପ, ଲୁମିନସ ପାୱାର ପକ୍ଷରୁ ଗୋପାଳପୁରରେ ଏକ ସୋଲାର ସେଲ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିସହ କଟକରେ ଔଷଧ କାରଖାନା ସାଙ୍ଗକୁ ସୁନ୍ଦରଗଡ଼ରେ ଏୟାର ସେପାରେସନ ୟୁନିଟ ଭଳି ପ୍ରସ୍ତାବକୁ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥୋରିଟିର ଅନୁମୋଦନ ମିଳିଛି।

### ନିଶାମୁକ୍ତ...

ପୋର୍ଟାଲର ଶୁଭାରମ୍ଭ ହୋଇଛି। ଯଦି କୌଣସି କ୍ୟାମ୍ପସରେ ଡ୍ରଗ୍ସ ବ୍ୟବହାର ହେଉଥିବ, ସେନେଇ ଦେଶର କୌଣସି ନାଗରିକ, ଛାତ୍ରଛାତ୍ରୀ, ଯୁବପିଢ଼ି ଜାତୀୟ ହେଲ୍‌ପଲାଇନ୍ ନମ୍ବର '୧୯୩୩' ମାଧ୍ୟମରେ ଅଭିଯୋଗ କରିପାରିବେ। ଏଥିସହ ଇମେଲ୍ ଓ ମୋବାଇଲ୍ ଆପ୍ 'ଉମଙ୍ଗ' ମାଧ୍ୟମରେ ମଧ୍ୟ ଅଭିଯୋଗ କରାଯାଇପାରିବ। ଅଭିଯୋଗକାରୀଙ୍କ ପରିଚୟ ମଧ୍ୟ ଗୋପନ ରଖାଯିବ। ଡ୍ରଗ୍ସ ସମ୍ପର୍କିତ ଅନୁଧ୍ୟାନ, କାଉନସେଲିଂ କେନ୍ଦ୍ର ସମ୍ପର୍କରେ ଉକ୍ତ ପୋର୍ଟାଲରେ ଉତ୍ତର ମିଳିପାରିବ। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକ 'ମାନସ' ପୋର୍ଟାଲ ସମ୍ପର୍କରେ କ୍ୟାମ୍ପସରେ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଦେବା ସକାଶେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ସିସିଟିଭିରେ ...

ବୟାନ ରେକର୍ଡ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇଛି। ବିଏନଏସର ୧୮୩ ଧାରା ଅନୁଯାୟୀ ବୟାନ ରେକର୍ଡ ହୋଇଥିବା ଜଣାପଡ଼ିଛି। ଏହି ଦୁଇ ଛାତ୍ରୀଙ୍କ ବୟାନ ନିଶ୍ଚିତ ଭାବେ ଛାତ୍ରୀ ମୃତ୍ୟୁ ଘଟଣାକୁ ନୂଆମୋଡ଼ ଦେବ ବୋଲି ଆଶା କରାଯାଉଛି। ସମ୍ପୃକ୍ତ ଦୁଇ ଛାତ୍ରୀଙ୍କ ଠିକଣା ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ଫଟୋ ଜାରି କରାଯାଇଥିଲା। କେଉଁ ପରିସ୍ଥିତିରେ ଛାତ୍ରୀ ଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳି ଜୀବନ ହାରିବା ଭଳି ଚରମ ପଦକ୍ଷେପ ନେଲେ, ଛାତ୍ରୀଙ୍କୁ କିଏ ଉସକାଇଥିଲା କି? ଘଟଣାର ଖିଅ ଖୋଜିବା ପାଇଁ କ୍ରାଇମ୍ ବ୍ରାଞ୍ଚ ପ୍ରାୟ ପ୍ରାୟ ୪୦ ଜଣଙ୍କୁ ପଚରାଉଚରା କରାଯାଇସାରିଛି। ଘଟଣା ସହ ଜଡ଼ିତ ୬ ଜଣଙ୍କ ମୋବାଇଲ ମଧ୍ୟ ସିଜ୍ କରାଯାଇଛି।

### ଆଦିବାସୀଙ୍କ...

ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘ ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଓ ପ୍ରାୟ ୧୧ଟି ଜିଲ୍ଲାରୁ ମହାସଂଘର ସଦସ୍ୟମାନେ ଯୋଗଦେଇଥିଲେ।

### ୯ ଆଇଏଏସଙ୍କୁ...

ଏହି ପଦବୀ ବର୍ତ୍ତମାନ ଅତିରିକ୍ତ ସଚିବ ସ୍ତରରେ ଉନ୍ନୀତ ହୋଇଛି।

୨୦୧୪ ବ୍ୟାଚର ଅଧିକାରୀ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲ ସିଇଓ ଭାବେ ନିଯୁକ୍ତ କରାଯାଇଛି। ତେବେ ଏହି ପଦବୀକୁ ଯୁଗ୍ମ ସଚିବ ପଦବୀ ସହ ସମକକ୍ଷ ଘୋଷଣା କରାଯାଇଛି। ଏଥିସହ ୨୦୨୩ ବ୍ୟାଚର ୯ ଜଣ ନୂଆ ଆଇଏଏସ୍ ଅଧିକାରୀମାନଙ୍କୁ ଉପଜିଲ୍ଲାପାଳ ଭାବେ ପ୍ରଥମ ପୋଷ୍ଟିଂ ମିଳିଛି। ପ୍ରେମ ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ପ୍ରଣିତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପିର, କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଅଶ୍ୱି ଏ ଏଲ୍‌ଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସାରଭାନନ୍‌ଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଲଭିଆଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

### ହିଂସାପଥ...

ମଧ୍ୟ ୮ ଜଣ ମାଓବାଦୀ ସ୍ଥାନୀୟ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ମହିଳା ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର ବାବଦରେ ୩୩ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବା ସକାଶେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ପ୍ଲାଟୁନ ନମ୍ବର ୧୬ର କମାଣ୍ଡର କମଳେଶ ଓ ଡାକ୍ତରୀ ଟିମର ସୁଖଲାଲ ରହିଥିବା ଜଣାପଡ଼ିଛି। ଦୀର୍ଘ ବର୍ଷ ଧରି ଏମାନେ ଅବୁଜମାଡ଼ ଜଙ୍ଗଲରେ ସକ୍ରିୟ ରହିଥିଲେ।

### ବିଜେଡି...

ପକାଇଛନ୍ତି। ସିଧାସଳଖ କହିଛନ୍ତି ବିଧାନସଭାରେ ବିଜେପି ସରକାର ବିରୁଦ୍ଧରେ ବିଜେଡି ଏକ ନମ୍ବର ବିରୋଧୀ ଦଳ ଭାବେ ଅନାସ୍ଥା ପ୍ରସ୍ତାବ ଆଣୁ, ନହେଲେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଲେ ବିଜେଡି ତାହାକୁ ସମର୍ଥନ କରୁ। ଭକ୍ତଙ୍କ ଏଭଳି ରଣନୀତି ଏବେ ବିଜେଡିକୁ ଏକପ୍ରକାର କାଠଗଡ଼ାରେ ଛିଡ଼ା କରିଦେଇଛି। ବିଜେପି ବିରୁଦ୍ଧରେ ବିଜେଡି ଏ ପ୍ରସଙ୍ଗରେ କ'ଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ଯଦି କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ, ତା'ହେଲେ ବିଜେଡି ଅକଳରେ ପଡ଼ିଯିବ ବୋଲି ଏବେଠାରୁ ଆକଳନ କରାଗଲାଣି। ତେଣୁ ମୋଟାମୋଟି ଭାବେ କଂଗ୍ରେସର ରଣନୀତି ଦେଖିଲା ପରେ ଏହା ବିଜେଡି ଗଡ଼ ଭାଙ୍ଗିବାକୁ ପୂରା ଦମ୍‌ରେ ଲାଗିଥିବା ଲକ୍ଷ୍ୟ କରାଯାଉଛି। ବିଜେଡିରେ ଏବେ ଏକାଧିକ ଗୋଷ୍ଠୀ ସକ୍ରିୟ ସହ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେଉଥିବାରୁ ଏହି ମଉକାରେ କିଛି ବିଜେଡି ନେତାଙ୍କୁ ନିଜ ଶିବିରକୁ ଆଣିବାକୁ ବି କଂଗ୍ରେସ ଉଦ୍ୟମ ଚଳାଇଛି। ଭୂପିନ୍ଦର ସିଂହଙ୍କ ଭଳି ନେତା ଏଭଳି ସଙ୍କେତ ଦେଇଥିବା ବେଳେ ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳଙ୍କ ଭଳି ନେତା ମଧ୍ୟ ହଠାତ୍ ସକ୍ରିୟ ହୋଇଉଠିଛନ୍ତି। ତେଣୁ ବିଜେପି ସହ ରାଜ୍ୟରେ ଆର ପାର୍ ଲଢ଼େଇ ପୂର୍ବରୁ ବିଜେଡିକୁ ଦୁର୍ବଳ କରି ନିଜର ଶକ୍ତି ବଢ଼ାଇବାକୁ କଂଗ୍ରେସ ଯେଉଁ ରଣନୀତି ଆପଣେଇଛି, ତା' ଆଗାମୀ ଦିନରେ କେଉଁ ରୂପ ନେଉଛି, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ଲୁଚକାଳି...

ବିଜେଡି ସରକାର କ୍ଷମତା ନିଶାରେ ଏହାକୁ ଗୁରୁତ୍ୱ ଦେଇନଥିଲା ବୋଲି ଅଭିଯୋଗ କରୁଛନ୍ତି ପୂର୍ବତନ ଜଳସମ୍ପଦ ମୁଖ୍ୟଯନ୍ତ୍ରୀମାନେ। ପରେ ମହାନଦୀକୁ ନେଇ ଆରମ୍ଭ କରିଥିଲା ରାଜନୀତି। ଆଇନଗତ ଲଢ଼େଇ ନାଁରେ ରାଜନୈତିକ ମାଇଲେଜ ନେବାକୁ ଚେଷ୍ଟା କରିଥିଲେ ନବୀନ ପଟ୍ଟନାୟକ। ଆଉ ଏହି ରାଜନୀତିରେ ବଳି ପଡ଼ିଲା ଓଡ଼ିଶାବାସୀଙ୍କ ସ୍ୱାର୍ଥ। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ଥରେ ପଡ଼ୋଶୀ ଛତିଶଗଡ଼ ସହ ଆଲୋଚନା ମାଧ୍ୟମରେ ବିବାଦ ତୁଟାଇବା ଦିଗରେ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଟ୍ୱିଟ ମାଷ୍ଟର ଆରମ୍ଭ କରିଛନ୍ତି ରାଜନୀତି। ଯଦି ମହାନଦୀକୁ ନେଇ ନବୀନ ଏତେ ଚିନ୍ତିତ, ତା'ହେଲେ ସେ କାହିଁକି ରାସ୍ତାକୁ ଓହ୍ଲାଉନାହାଁନ୍ତି। ଟ୍ୱିଟ କରି ଲୁଚକାଳି କାହିଁକି ଖେଳୁଛନ୍ତି ବୋଲି ବିଜେପି ନେତାମାନେ ପ୍ରଶ୍ନ କରିଛନ୍ତି।

## କିଟ୍ ଓ କିସ୍ ବୁଲିଲେ ରାଜ୍ୟପାଳ

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ଓଡ଼ିଶାର ଉତ୍କର୍ଷ, ପିଲାଙ୍କ କାର୍ଯ୍ୟକଳାପରେ ଅଭିଭୂତ ହୋଇପଡ଼ିଥିଲେ ରାଜ୍ୟପାଳ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଭାବର ଆଦାନ ପ୍ରଦାନ କରିବା ସହ ରାଜ୍ୟପାଳ କିଟ୍ ଓ କିସ୍‌ର ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିଥିଲେ। ଏଥିସହ ରାଜ୍ୟପାଳ ପାଠାଗାରରେ ମଧ୍ୟ କିଛି ସମୟ କଟାଇଥିଲେ। କିଟ୍ ଓ କିସ୍ ବୁଲିବା ପରେ ଏଥିରେ ଅଭିଭୂତ ହୋଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏଭଳି ସୁନ୍ଦର ଅନୁଷ୍ଠାନ ବିଶ୍ୱରେ ବିରଳ ବୋଲି ମତ ରଖିଥିଲେ ରାଜ୍ୟପାଳ। ଏଭଳି ପ୍ରୟାସ ପାଇଁ ରାଜ୍ୟପାଳ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଡ. ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ। ଓଡ଼ିଶାର ଅନନ୍ୟ ପାଠାଗାର ସହ କିଟ୍‌ର କେନ୍ଦ୍ରୀୟ ପାଠାଗାର ଦେଖି ରାଜ୍ୟପାଳ ଖୁସି ବ୍ୟକ୍ତ କରିଛନ୍ତି। ଡ. ସାମନ୍ତ ସୋସିଆଲ ମିଡିଆରେ ଏହି ସମୟର ଫଟୋ ଶେୟାର କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଶୀର୍ବାଦ କରିଥିବାରୁ ଡ. କମ୍ଭମପାଟିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।



# ବୃଦ୍ଧଙ୍କୁ ଖଣ୍ଡାରେ ଆକ୍ରମଣ କରି ୫ ମେଣ୍ଢା ନେଇଗଲେ ଦୁର୍ବୃତ୍ତ



## ● ଗୋଟିଏ ରାତିରେ ୨ସ୍ଥାନରୁ ୧୦ଟି ଛେଳି ମେଣ୍ଢା ଚୋରି

**ଗୋପ, ୨୪।୭ (ସଂଚାର ବ୍ୟୁରୋ):** ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଖଣ୍ଡାରେ ଆକ୍ରମଣ କରି ତାଙ୍କ କୁଡ଼ିଆରେ ଥିବା ୫ମେଣ୍ଢା ନେଇଗଲେ ଦୁର୍ବୃତ୍ତ। ବୃଦ୍ଧ ଜଣକ ଗୋପ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଏନେଇ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଏକ ସ୍ଥାନରୁ ୫ଟି ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ସୁଚନା ମୁତାବକ ଗତ କିଛିଦିନ ହେଲା କେତେକ ଛେଳି ମେଣ୍ଢା ଚୋରି ରାକେଟ ସକ୍ରିୟ ହୋଇଉଠିଥିବା ବେଳେ ଗୋପ ଥାନାର ବିଭିନ୍ନ ଅଞ୍ଚଳରେ ଲଗାତାର ଭାବେ ଛେଳି ଓ ମେଣ୍ଢା ଚୋରି ହେବାରେ ଲାଗିଛି। ଏନେଇ ଗୋପ ଥାନାରେ ଅଭିଯୋଗ ହେଉଥିଲେ ମଧ ପୋଲିସ ଦୁର୍ବୃର୍ତ୍ତ ଙ୍କ କୌଣସି ଟେର୍ ପାଉନି। ସେହିପରି ଗତ ବୁଧବାର ବିଳମ୍ବିତ ରାତିରେ ଥାନ ଠାରୁ ମାତ୍ର ୨ ଶହ ମିଟର ଦୂର ଗୋପ ବାଲି ପଡିଆ ନିକଟରୁ ୫ଟି ମେଣ୍ଢା ଚୋରି ହୋଇଥିବା ବେଳେ ଏହି ଥାନା ଅର୍ନ୍ତଗତ ପୟରା ପଂଚାୟତ ହେଲାରୀ ଗ୍ରାମରୁ ଜଣେ ବ୍ୟକ୍ତି ଙ୍କ ଗୁହାଳୁ ୫ଟି ଛେଳି କେହି ଦୁର୍ବୃର୍ତ୍ତ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗୋପ ବାଲି ପଡ଼ିଆରେ ଏକ କୁଡିଆ କରି ବେଣୁଧର ବେହେରା ନାମକ ଜଣେ ବୃଦ୍ଧ ଦୀର୍ଘ ଦିନ ଗାଇ ଓ ମେଣ୍ଢା ରଖି ତାଙ୍କ ଜୀବିକା ନିର୍ବାହ କରୁଥିଲେ। ପ୍ରତିଦିନ ପରି କାଲି ମଧ ସେ ସେହି କୁଡିଆରେ ଶୋଇଥିବା ବେଳେ ବିଳମ୍ବିତ ରାତ୍ରୀରେ ୫/୬ଜଣ ଦୁର୍ବୃର୍ତ୍ତ ତାଙ୍କ କୁଡ଼ିଆ କବାଟ ଖୋଲି ଭିତରକୁ ଯାଇ ବୃଦ୍ଧଙ୍କୁ ଠେଲି ତଳେ ପକାଇ ଏକ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହିତ ୫ଟି ମେଣ୍ଢା ନେଇ ଆସିଥିବା କାର୍‌ରେ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ସେହିପରି ହେଲାରୀ ଗ୍ରାମର ସୁମନ ବେହେରାଙ୍କ ଗୁହାଳ କବାଟ ଭାଙ୍ଗି କେହି ଦୁର୍ବୃର୍ତ୍ତ ୫ଟି ଛେଳି ନେଇ ପଳାଇଯାଇଥିଲେ। ସକାଳୁ ସୁମନ ଉଠି ତାଙ୍କ ଗୁହାଳରେ ଛେଳି ନଥିବା ଦେଖି ବହୁ ଖୋଜା ଖୋଜି କରି ନପାଇବାରେ ଗୋପ ଥାନାରେ ଅଭିଯୋଗ କରିଛନ୍ତି।

# ଚୋରି ଘଟଣାର ପର୍ଦାଫାସ ନାବାଳକ ସମେତ ୩ କୋର୍ଟ ଚାଲାଣ



**ବୋରିଗୁମ୍ମା, ୨୪।୭ (ସଂଚାର ବ୍ୟୁରୋ):** ଭାରତ ମାଳା କ୍ୟାମ୍ପରୁ ଡକାୟତି ମାମଲାରେ ଚାରି ଗିରଫ।କୋରାପୁଟ ଜିଲ୍ଲା ବୋରିଗୁମ୍ମା କାମରା ଅଞ୍ଚଳରେ ଭାରତ ମାଳା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଶ୍ରମିକ ଏବଂ ସୁପ୍ରଭାଇଜର ଏକ କ୍ୟାମ୍ପ କରି ରହୁଥିଲେ ୨୯/୦୯/୨୪ ତାରିଖ ରାତି ତିନିଟା ସମୟରେ ଚାରି ଡକାୟତ କ୍ୟାମ୍ପ ଭିତରେ ପଶି ସୁପ୍ରଭାଇଜର ଏବଂ ଶ୍ରମିକଙ୍କୁ ଏକ ଦୌଡ଼ି ସାହାଯ୍ୟରେ ବାନ୍ଧି ସେମାନଙ୍କ ଠାରୁ ଏକ ହିରୋ ଏଚ ଏଫ ବାଇକ,ତିନୋଟି ମୋବାଇଲ ଫୋନ,ଷ୍ଟିଲ କଟିଂ ମେସିନ, ରୋଡ଼ କଟିଂ ମେସିନ ଏବଂ ନଗଦ ଆଠ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ।ଏ ସମ୍ପର୍କରେ ବୋରିଗୁମ୍ମା ଥାନାରେ ସୁପ୍ରଭାଇଜର ଏକ ଲିଖିତ ଅଭିଯୋଗ ହୋଇଥିଲା କେସ ୨୧୪, ୧/୧୦/୨୦୨୪, ୟୁଏସ ୩୦୯(୬)ବିଏନଏସ ରୁଜୁ କରି ତଦନ୍ତକାରୀ ଏସଆଇ ଦ୍ରୋଣାଚାର୍ଯ୍ୟ ବାଘ ପରିଚାଳନା କରୁଥିଲେ। ଏହି କେସକୁ ଦ୍ରୋଣାଚାର୍ଯ୍ୟ ବାଘ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସବୁ ଦିଗରୁ ତଦନ୍ତ କରି ଚାରି ଜଣଙ୍କୁ ଗିରଫକରିଥିଲେ। ବୋରିଗୁମ୍ମା ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ପ୍ରେସ ନୋଟ ଜରିଆରେ ମୀନ ହରିଜନ (୨୮ବର୍ଷ )କଙ୍ଗା, ଦଇତ୍ରୀ ଘାଷି (୩୫ବର୍ଷ )ଡାବୁଗୁଡ଼ା, ତ୍ରିପତି ହରିଜନ (୩୨ବର୍ଷ )ଡାବୁଗୁଡ଼ା ଓ ଜଣେ ନାବାଳକ ସମେତ ଚାରି ଜଣ ଅଭିଯୁକ୍ତ ଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମହାକାଳପଡ଼ା,୨୪।୭(ସଂଚାର ବ୍ୟୁରୋ):** ବରକନ୍ଧା ଦଣ୍ଡ ସାହି ପ୍ରାଇମେରୀ ସ୍କୁଲ ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଥିବା କଳ୍ପନା ପରିଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀମତୀ ପରିଡ଼ାଙ୍କୁ ଏହି ସମ୍ବର୍ଦ୍ଧନା ଜଣାଇଥିଲେ କ୍ଲଷ୍ଟରର ଶିକ୍ଷକ ଓ ଶିକ୍ଷୟିତ୍ରୀ। କଳ୍ପନା ଜଣେ କର୍ତ୍ତବ୍ୟ ନିଷ୍ଠ, ଉଦାରବାଦୀ ଓ ମିଳାପୀ ସ୍ୱଭାବର ଶିକ୍ଷୟିତ୍ରୀ ଥିଲେ। ଯେଉଁଥିପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ତାଙ୍କୁ ବହୁତ ଭଲ ପାଉଥିଲେ। ପିଲାମାନଙ୍କ ସହିତ ନିଜକୁ ବିଦ୍ୟାଳୟ ସମୟରେ ନିୟୋଜିତ ପାଠ ପଢାଇବା ସମେତ ବିଦ୍ୟାଳୟ ପରିସରରେ ନାନା ପ୍ରକାର ଗଛ ଲଗାଇବାକୁ ସେ ବେଶ୍ ଭଲ ପାଉଥିଲେ। ଛାତ୍ରଛାତ୍ରୀମାନଙ୍କ ପ୍ରିୟର ଶିକ୍ଷୟିତ୍ରୀ କଳ୍ପନାଙ୍କ ଅବସର ସମସ୍ତେ ଭାବ ବିହ୍ୱଳିତ ହୋଇ ପଡିଛନ୍ତି।



# ଅଗ୍ନିବୀର ଚୟନ ସକାଶେ ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର,୨୪।୭ (ସଂଚାର ବ୍ୟୁରୋ):**ଆସନ୍ତା ଅଗଷ୍ଟ ୧୧ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍ ଠାରେ ଅଗ୍ନିବୀର ସେନା ବାହିନୀ ନିଯୁକ୍ତି ନିମନ୍ତେ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଏଥି ସକାଶେ ଆଜି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଶେଷ ବୃତାନ୍ତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଭାଗୃହ ପ୍ରକୋଷ୍ଠ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମିଲିଟାରୀ ବିଭାଗୀୟ ଚୟନ ଅଧିକାରୀ ପୂର୍ବ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପ୍ରକାରେ କେଉଁ ସବୁ ବ୍ୟବସ୍ଥା କରାଯିବ ସେସମ୍ପର୍କରେ ସବିଶେଷ ମତ ରଖିଥିଲେ।

ଅଗ୍ନିବୀର ସେନାବାହିନୀରେ ଭର୍ତ୍ତି ହେବା ନିମନ୍ତେ ୧୦ଟି ଜିଲ୍ଲାର ପଞ୍ଜିକରଣ କରିଥିବା ପ୍ରାର୍ଥୀ ମାନଙ୍କର ଶାରୀରିକ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ୬ ଦିନ ଧରି ଚାଲିବାକୁ ଥିବା ଏହି ଚୟନ ପ୍ରକ୍ରିୟା ସକାଶେ ଚୟନ ପଡିଆ ସଫେଇ ଓ ପ୍ରସ୍ତୁତି, ଜଳଯୋଗାଣ, ଚିକିତ୍ସା ବ୍ୟବସ୍ଥା, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ଷ୍ଟାଫ୍ ମୁତୟନ, ପ୍ରତିଯୋଗୀଙ୍କ ସକାଶେ ଖାଦ୍ୟପେୟ ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ବାରିକେଡ୍ ବ୍ୟବସ୍ଥା, ଆଇନଶୃଙ୍ଖଳା ପରିସ୍ଥିତି, ବିଦ୍ୟୁତ୍ ଯୋଗାଣ, ଡାକବାଜି ଯନ୍ତ୍ର ବ୍ୟବସ୍ଥା, ଚୟନ ପରୀକ୍ଷାରେ ଅଂଶ ଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କ ଯାତାୟତ ବାବଦକୁ ବସ୍ ଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଥିଲା।

ପ୍ରାର୍ଥୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ପ୍ରାଥମିକତା ଦିଆଯିବ। ଏହା ଏକ ଜାତୀୟ ସ୍ତରୀୟ ଆର୍ମିଚୟନ ପରୀକ୍ଷା ହୋଇଥିବା ହେତୁ ସମସ୍ତ ପରିଚାଳନା ଯେପରି ସଠିକ୍ ହେବ ସେଥି ସକାଶେ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ନିର୍ଦ୍ଦେଶ ଦେଇ ଚୟନ ପ୍ରକ୍ରିୟା ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେଥି ସକାଶେ ଆଶା ପ୍ରକଟ କରିଥିଲେ।

# ନର୍ସିଂ ଛାତ୍ରୀଙ୍କ ଚିକିତ୍ସାରେ ଅବ୍ୟବସ୍ଥା ନେଇ କ୍ଷୋଭ



**ନବରଙ୍ଗପୁର/ରାଇଘର, ୨୪।୭ (ସଂଚାର ବ୍ୟୁରୋ):** ରାଇଘର ନର୍ସିଂ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଭୁବେନେଶ୍ୱର ଏମ୍ସକୁ ଗତକାଲି ଅଧିକ ଚିକିତ୍ସା ଆଶାରେ ସ୍ଥାନାନ୍ତର କରାଗଲା। ଗତକାଲି ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁରରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସ ଆଜି ସକାଳେ ପହଁଚିଲେ। କିନ୍ତୁ ଏମ୍ସରେ ସେମିତି ବିଶେଷ ଚିକିତ୍ସା ହୋଇ ନଥିବାରୁ ଫୋନ ଯୋଗେ ପୀଡ଼ିତାଙ୍କ ପରିବାରଠାରୁ ଜାଣିବା ପରେ ଆଜି ନବରଙ୍ଗପୁର ମାତୃ ଆଶ୍ରୟ ଆଶ୍ରମର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ପ୍ରଶାସନ ଓ ସରକାର ଉପରେ ବର୍ଷିଛନ୍ତି। ପୀଡିତାଙ୍କୁ ଉପଯୁକ୍ତ ଚିକିତ୍ସା ଦିଅ। ଯଦି ଭୁବନେଶ୍ୱରରେ ଚିକତ୍ସା ସମ୍ଭବ ହେଉନାହି ଦିଲ୍ଲୀ ଏମ୍ସକୁ ପଠାଯାଉ ବୋଲି ଦାବୀ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଶାସକ ଦଳ ମନ୍ତ୍ରୀ, ବିଧାୟକ ଅଛନ୍ତି ନେତା ଅଛନ୍ତି କାହାକୁ ସମୟ ନାହିଁ ପୀଡିତାଙ୍କୁ ଭେଟିବା ପାଇଁ। ଯଦି ପୀଡିତାକୁ ଚିକିତ୍ସା ଅବହେଳାରେ କିଛି ଅଘଟଣ ହୁଏ ତେବେ ଜିଲ୍ଲାରେ ନେତା ମନ୍ତ୍ରୀଙ୍କୁ ପ୍ରବେଶ କରାଇବାକୁ ଦେବୁ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଲଘୁ ଖଣିଜସମ୍ପଦ ଚୋରାଚାଲାଣ ରୋକିବାକୁ ଏସ୍‌ପିଙ୍କୁ ଚିଠି ଲେଖିଲେ ସାଂସଦ

**ନୀଳଗିରି, ୨୪।୭ (ସଂଚାର ବ୍ୟୁରୋ):** ଲଘୁ ଖଣିଜସମ୍ପଦରେ ଭରା ନୀଳଗିରିରେ ବୃଦ୍ଧିପାଇଛି ଲୁଟେରାଙ୍କ ଦୌରାତ୍ମ୍ୟ। ଦୈନନ୍ଦିନ ଶହଶହ ଟ୍ରିପ, ନାଲିମୋରମ, ବାଲି, ପଥର ଚୋରାରେ ଉତ୍ତୋଳନ କରିବା ସହିତ ବାହାରକୁ ଚାଲାଣକରି ମାଲାମାଲ ହେଉଛନ୍ତି। ଫଳରେ କୋଟିକୋଟି ଟଙ୍କା ସରକାର ରାଜସ୍ୱ ହରାଉଛନ୍ତି। ବାରମ୍ବାର ଏନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲେ ମଧ ପ୍ରଶାସନ ମାଫିଆଙ୍କୁ ଦମନ କରିବାରେ ବିଫଳ ହୋଇଥିଲା। ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମାଫିଆଙ୍କ ଦୌରାତ୍ମ୍ୟରେ ଅଞ୍ଚଳର ପ୍ରାକୃତିକ ସମ୍ପଦ ଉତ୍ତୋଳନ ଓ ଚୋରାଚାଲାଣ ହେବା ଯୋଗୁଁ ସାଧାରଣ ଲୋକଙ୍କ ଜୀବନହାନି ହେବା ସହ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟୁଛି। ନିକଟରେ ଦୁଇଜଣଙ୍କ ଅମୂଲ୍ୟଜୀବନ ଯାଇଥିବା ନଜିର ରହିଥିବା କହିଛନ୍ତି। ଏହାକୁ ରୋକଦେବା ପାଇଁ ପୋଲିସ, ବନବିଭାଗ ଏବଂ ଖଣିଜ ସଂପଦ ବିଭାଗର ମିଳିତ ଅପରେସନ ମାଧମରେ ମାଫିଆଙ୍କୁ ଚେକ୍ ଦେବାପାଇଁ ବାଘମରା, ନୀଳଗିରି ଚେକଗେଟ୍ ଏବଂ ମିତ୍ରପୁର ନିକଟରେ ପୋଲିସଫୋର୍ସ ସହିତ ବନବିଭାଗ, ଖଣିଜବିଭାଗର କର୍ମଚାରୀ ମୁତୟନ କରିବାକୁ ବାଲେଶ୍ୱର ଏସପିଙ୍କୁ ଚିଠିଲେଖିବା ସହିତ ଜିଲ୍ଲାପାଳ, ଖଣି ଅଧିକାରୀ, ଡିଏଫଓ, ନୀଳଗିରି ରେଞ୍ଜର ଓ କୁଳଡିହା ରେଞ୍ଜରଙ୍କୁ ଚିଠି ଲେଖିଛନ୍ତି।

## ଝାଡ଼ାବାନ୍ତି ଆକ୍ରାନ୍ତରେ ୩ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ



**ଦାମପୁର ଗ୍ରାମରେ ବ୍ୟାପକ ପରିମଳ ଅବ୍ୟବସ୍ଥା**

**ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷେ ହେଲା ନାହାନ୍ତି ଡାକ୍ତର**

**ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ):** ଗଂଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଟି-ଗୋବିନ୍ଦପୁର ପଂଚାୟତର ଆଦିବାସୀ ଅଧ୍ୟୁଷିତ ଦାମପୁର ଗ୍ରାମରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସ ବର୍ମା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ଗସ୍ତ କରିଥିଲେ। ଗତ ଦୁଇ ଦିନ ଭିତରେ ପ୍ରାଣ ହରାଇଥିବା ସମ୍ବାରୁ ମଲିକ, ସୁକୁରି ମଲିକ ଓ କାଁଦାରା ମଲିକଙ୍କ ପରିବାରବର୍ଗଙ୍କୁ ଭେଟି ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମବେଦନା ଜଣାଇଥିଲେ। ଏହା ସହ ଅନ୍ୟ ଆକ୍ରାନ୍ତ ପରିବାରକୁ ଭେଟି ଆଲୋଚନା କରିଥିଲେ।

ସ୍ଥିତି ଅନୁଧାନ କରିବା ବେଳେ ଗତ ଏକ ବର୍ଷ ଧରି ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ପାଣି ଟାଙ୍କି ସଫା ହୋଇନଥିବା ଜଣାପଡିଥିଲା। ସେହିପରି ଗ୍ରାମବାସୀ ନିର୍ଭର କରୁଥିବା ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ବି ଡାକ୍ତର ନାହାନ୍ତି। ଅଂଚଳରେ ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ଆବଶ୍ୟକ କର୍ମଚାରୀ ମଧ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିଲା ପରେ ମଧ ସରକାରୀ ଉଦାସୀନତା ଲାଗି ତିନୋଟି ଅମୂଲ୍ୟ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ଆଜି ସକାଳୁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏମକେସିଜି ମେଡିକାଲ କଲେଜର ଏକ ବିଶେଷଜ୍ଞ ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉପସ୍ଥିତ ଥିବା ସମୟରେ ଆସି ପହଞ୍ଚିଥିଲେ। ଡାଇରିଆ ଜନିତ କୌଣସି ମୃତ୍ୟୁ ହୋଇ ନାହିଁ ବୋଲି ଗଂଜାମ ସିଡିଏମ୍ଓ ଯେଉଁ ବିବୃତ୍ତି ଜାରି କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସ ବର୍ମା କହିଛନ୍ତି। ଉପସ୍ଥିତ ଡାକ୍ତର ଓ ସିଡିପିଓଙ୍କ ସହ ଆଲୋଚନା କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ।

## ଠିକାଦାରକୁ ଅପହରଣ କଲେ ଦୁର୍ବୃତ୍ତ

# ପରିବାର ଲୋକଙ୍କ ଅଭିଯୋଗ ପରେ ଉଦ୍ଧାର କଲା ପୁଲିସ୍



**କେନ୍ଦ୍ରାପଡା, ୨୪।୭ (ସଂଚାର ବ୍ୟୁରୋ):** ଦିନ ଦ୍ୱିପ୍ରହରରେ ଏବଂ କେନ୍ଦ୍ରାପଡା ଟାଉନ୍ ଥାନାରୁ ମାତ୍ର ୫ ଶହ ମିଟର ଦୂରରୁ ଜଣେ ଠିକାଦାରଙ୍କୁ ଅପହରଣ କରିନେଲେ ଦୁର୍ବୃତ୍ତ । ସେହି ସମୟରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ମଧ କାହାରିକୁ ଟିକେବି ହେଲେ ଭୟ କଲେନି। ବହୁ ଖୋଜା ଖୋଜି କରି ନିରାଶ ହେବା ପରେ ଶେଷରେ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ ।

ପରିବାର ଲୋକଙ୍କ ଅଭିଯୋଗ ପରେ ୧୨ ଘଣ୍ଟା ମଧରେ ପୋଲିସ ଅପହର୍ତ୍ତାଙ୍କ କବଳରୁ ଠିକାଦାର ସୁନୀଲ ମହାନ୍ତିଙ୍କୁ ଉଦ୍ଧାର କରିବା ସହ ଦୁଇ ଅପହର୍ତ୍ତାଙ୍କୁ ଅଟକ ରଖିଛି । ଅଭିଯୋଗ ଅନୁଯାୟୀ ଠିକାଦାର ସୁନୀଲ ବୁଧବାର ଦିନ ନିଜ ବନ୍ଧୁ ମାନଙ୍କ ସହ ଟାଉନ୍ ଥାନା ପାଖ ପୋଲ ନିକଟରେ ଭୋଜି କରୁଥିଲେ। ଦିନ ପ୍ରାୟ ୩ଟା ବେଳେ ପ୍ରାୟ ୮/୧୦ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ସୁନୀଲଙ୍କୁ ଜୋରଜବରଦସ୍ତ ଏକ କଳା କାର୍ରେ ପୁରାଇ ନେଇ ଯାଇଥିଲେ। ପରିବାର ଲୋକେ ଖବର ପାଇ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସୁନୀଲଙ୍କ ମୋବାଇଲ ନମ୍ବର ଟ୍ରାକ୍ କରି ତାଙ୍କୁ ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବାବର ଅଂଚଳରୁ ରାତି ପ୍ରାୟ ୩ଟା ବେଳେ ଉଦ୍ଧାର କରିଥିଲା। ଘଟଣାରେ ସମ୍ପୃକ୍ତ ୨ ଅପହର୍ତ୍ତା ଙ୍କୁ ପୋଲିସ ଅଟକ୍ ରଖିଛି । ବ୍ୟବସାୟିକ ଶତ୍ରୁତାରୁ ଏହି ଅପହରଣ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି । ଅଟକ୍ ଦୁଇଜଣଙ୍କ ଘର ଟାଉନ୍ ଥାନା ଅନ୍ତର୍ଗତ ଦେପୁରା ବୋଲି ଜଣାପଡିଛି ।

# ବରିଷ୍ଠ କଳାକାର ସଂଘ ପକ୍ଷରୁ କଳାକାର ଦିବସ

**ବ୍ରହ୍ମପୁର, ୨୪।୭ (ସଂଚାର ବ୍ୟୁରୋ):** କଳା ଓ କଳାକାର ହିତୈଷୀ ମହାମଞ୍ଚ "ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ" ପକ୍ଷରୁ ପବିତ୍ର ଆନ୍ତର୍ଜାତୀୟ କଳାକାର ଦିବସ ପାଳିତ ହୋଇଯାଇଛି।

ସଂଘ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସ୍ଥାନୀୟ ସିଟି ହାଇସ୍କୁଲ ରୋଡ଼ ସ୍ଥିତ ମାନସ ଭବନ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ପଣ୍ଡିତ ବିଶ୍ୱନାଥ ଶତପଥୀ, ଗ୍ରାମୀଣ ନାଟ୍ୟ ନିର୍ଦ୍ଦେଶକ ଅଭିରାମ ରାଉଳ, ବରିଷ୍ଠ ପାରାୟଣବିତ୍ ବଳଦେବ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କଳାକାରମାନେ ଜଣେ ଜଣେ ସମାଜ ସଂସ୍କାରକ ହେତୁ ସରକାରୀ କଳ ହେଉ ଅବା ସାମାଜିକ ସ୍ତର , ପ୍ରତିଟି କ୍ଷେତ୍ରରେ ତାଙ୍କୁ ଉଚିତ ସମ୍ମାନ ଦେଲେ ସମାଜର ମଙ୍ଗଳ ସାଧିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ କ୍ରମରେ କଳାକାର ଦିବସ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ବ୍ୟକ୍ତ କରିବା ସହ ଜଗତ କଲ୍ୟାଣ କାମନା କରିଥିଲେ।




ଏହି ଅବସରରେ ଦାସକାଠିଆ, ବିଭିନ୍ନ ଯନ୍ତ୍ର ସଂଗୀତ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ ମହେନ୍ଦ୍ର ସାହୁଙ୍କ ତତ୍ୱାବଧାନରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ବିଜୟ କୁମାର ସାହୁ, କୁନୁ ବେହେରା, ଭଗବାନ ପାତ୍ର, ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରଦୀପ କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଗୀଙ୍କ ଉପରେ ବିରକ୍ତ ହୋଇ ଚିରିଦେଲେ ପ୍ରେସ୍କ୍ରିପ୍‌ସନ

**କାକଟପୁର/ଅସ୍ତରଙ୍ଗ, ୨୪।୭ (ସଂଚାର ବ୍ୟୁରୋ):** ରୋଗୀଙ୍କ ଉପରେ ରାଗିଯାଇ ରୋଗୀ ଚିକିତ୍ସା କରିବା ବଦଳରେ ଡକ୍ଟର ମ୍ୟାଡମ୍ ଚିରିଦେଲେ ପ୍ରେସ୍କ୍ରିପସନ। ଯାହା ଫଳରେ ମେଡ଼ିକାଲ ପରିସରରେ କିଛି ସମୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଖବର ମୁତାବକ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନଗର ପଂଚାୟତ ନଗର ଗ୍ରାମର ପଙ୍କଜ ବେହେରା ଓ ତାଙ୍କ ପତ୍ନୀ ଗୁରୁବାର ଅସୁସ୍ଥ ଥିବାରୁ ମେଡ଼ିକାଲ ଯାଇଥିଲେ। ପଙ୍କଜ ବେହେରାଙ୍କ ପୁତ୍ରର ଚର୍ମରୋଗ ସମ୍ପର୍କିତ ଚିକିତ୍ସା ମେଡ଼ିକାଲରେ କାର୍ଯ୍ୟରତ ମହିଳା ଡକ୍ଟରଙ୍କ ନିକଟରେ ପୂର୍ବରୁ ଚିକିତ୍ସା କରାଉଥିଲେ। ମାତ୍ର ଚିକିତ୍ସାରେ ଶିଶୁ ପୁତ୍ରର କୌଣସି ପରିବର୍ତ୍ତନ ନ ହେବାରୁ ମହିଳା ଜଣକ ଡକ୍ଟରଙ୍କୁ ଜଣାଇବା ପରେ ରକ୍ତ ପରୀକ୍ଷା କରିବାକୁ ସୂଚନା ଦେଇଥିଲେ। କିନ୍ତୁ ଜଣେ ମହିଳା ଡାକ୍ତର ନିକଟରେ ବାରମ୍ବାର ଦେଖାଇବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ପରିବର୍ତ୍ତନ ନ ହେବାରୁ ମେଡ଼ିକାଲରେ ଚିକିତ୍ସାଧିନ ଅନ୍ୟ ଜଣେ ଡାକ୍ତରଙ୍କୁ ଶିଶୁପୁତ୍ରକୁ ଦେଖାଇଥିଲେ। ଯାହା ଫଳରେ ପୂର୍ବରୁ ଲେଖାଥିବା ଔଷଧ ବଦଳାଇ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଅନ୍ୟ ଔଷଧ ଲେଖିଥିଲେ। କିନ୍ତୁ କିଛି ସମୟ ପରେ ପଙ୍କଜ ନିଜ ପତ୍ନୀଙ୍କ ଚିକିତ୍ସା ପାଇଁ ମହିଳା ଡକ୍ଟର ନିକଟରେ ପହଂଚିଥିଲେ, କିନ୍ତୁ ପଙ୍କଜ ପତ୍ନୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ମହିଳା ଡକ୍ଟର ସୂଚନା ଦେଇଥିଲେ ତୁମ ଶିଶୁପୁତ୍ର ଭଲ ହେଉନି, ମୁଁ ତୁମ ପତ୍ନୀଙ୍କୁ ଚିକିତ୍ସା କରିପାରିବି ନାହିଁ। ଏହାରି ମଧରେ ରୋଗୀ ଓ ମହିଳା ଡକ୍ଟର ମଧରେ ଯୁକ୍ତିତର୍କ ହୋଇଥିଲା। ଏହାରି ମଧରେ ପଙ୍କଜଙ୍କ ପତ୍ନୀଙ୍କ ନିଦାନ ରକ୍ତ ପରୀକ୍ଷା ସହ ପ୍ରେସକ୍ରିସନ ମହିଳା ଡାକ୍ତର ରୋଗୀଙ୍କ ସାମ୍ନାରେ ଚିରିଦେଇଥିଲେ। ରୋଗୀଙ୍କୁ ଉତ୍ତମ ବ୍ୟବହାର ବଦଳରେ ମହିଳା ଡାକ୍ତରଙ୍କ ଏଭଳି ବ୍ୟବହାର ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ କହିଛନ୍ତି ଏ ଘଟଣା ସମ୍ପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଜଣାଇବି।

**ରୋଗୀଙ୍କୁ ଉତ୍ତମ ବ୍ୟବହାର ପରିବର୍ତ୍ତେ ରାଗ ଜର୍ଜରିତ ମହିଳା ଡାକ୍ତର**



# ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟସ୍ତରୀୟ ନବଜାତ ଏନ୍‌ଆଇଭି କର୍ମଶାଳା



**ଭୁବନେଶ୍ୱର,୨୪।୭ (ସଂଚାର ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ନିକଟରେ ରାଜ୍ୟସ୍ତରୀୟ ନବଜାତ ନନ୍ ଇନ୍‌ଭାସିଭ ଭେଣ୍ଟିଲେସନ୍ (ଏନଆଇଭି) କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୪୬ ଜଣ ଡାକ୍ତର ଓ ନର୍ସ ଯୋଗ ଦେଇଥିଲେ।

ନନ୍ ଇନ୍‌ଭାସିଭ ଭେଣ୍ଟିଲେସନ୍ ପ୍ରକ୍ରିୟାର ବିଭିନ୍ନ ପ୍ରୟୋଗ ସମେତ କନ୍‌ଟିନ୍ୟୁଅସ ପଜିଟିଭ୍ ଏୟାରୱେ ପ୍ରେସର (ସିପିଏପି), ହାଇ ଫ୍ଲୋ ନାଜାଲ କାନୁଲା (ଏଚ୍‌ଏଫ୍‌ଏନ୍‌ସି) ଏବଂ ନନ୍ ଇନ୍‌ଭାସିଭ୍ ପଜିଟିଭ ପ୍ରେସର ଭେଣ୍ଟିଲେସନ୍ (ଏନ୍‌ଆଇପିପିଭି) ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚଏମ୍), ନ୍ୟାସ୍‌ନାଲ୍ ନିଓନାଟୋଲଜି ଫୋରମ୍ (ଏନ୍‌ଏନ୍‌ଏଫ୍), ଓଡ଼ିଶା ଓ ୟୁନିସେଫର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଏହି କର୍ମଶାଳାର ସଂଯୋଜକ ଥିଲେ। କର୍ମଶାଳାରେ ଡାକ୍ତର ନନ୍ଦଙ୍କ ସହିତ ଏମ୍‌ସ ଭୁବନେଶ୍ୱରର ନବଜାତ ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ତାପସ ସୋମ, ପ୍ରଫେସର (ଡାକ୍ତର) ପଙ୍କଜ ମହାନ୍ତି, କିମ୍ସ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ସନ୍ତୋଷ ପଣ୍ଡା, ସମ୍ ହସ୍ପିଟାଲର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ରତନ କୁମାର ଦାସ ଏବଂ ଆସୋସିଏଟ୍ ପ୍ରଫେସର (ଡାକ୍ତର) ବିଜୟ କୁମାର ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ଏହି କର୍ମଶାଳାରେ ଏନଏନ୍‌ଏଫ୍ ଓଡ଼ିଶାର ସଭାପତି ଡାକ୍ତର ଆଲୋକ ସ୍ୱାଇଁ, ୟୁନିସେଫର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବ୍ରଜେଶ ରାଜ ମେହେତା, ଚାଇଲ୍ଡ ହେଲ୍‌ଥର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପ୍ରତିଭା ପ୍ରଧାନ ଏବଂ କନ୍‌ସଲ୍‌ଟାଂଟ ଡାକ୍ତର ଅନିନ୍ଦିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ରାଜ୍ୟରେ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଏପରି କର୍ମଶାଳା ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ସୋଆ ଏସ୍‌ଏଚ୍‌ଏମ୍‌ର ବାର୍ଷିକ ଉତ୍ସବ ପାଳିତ



**ଭୁବନେଶ୍ୱର,୨୪।୭ (ସଂଚାର ବ୍ୟୁରୋ):**ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ବୁଧବାର ଏସଏଚ୍‌ଏମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଲିଉଡ୍ ଅଭିନେତା ପୁପିନ୍ଦର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟ୍ରାଇଡେଂଟ ହୋଟେଲର ଜେନେରାଲ ମ୍ୟାନେଜର ଶ୍ରୀ ରୋହିତ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶାର ଖାଦ୍ୟ ଆସନ୍ତା ୪ ରୁ ୫ ବର୍ଷ ମଧରେ ସାରା ବିଶ୍ୱରେ ଅଧିକ ପ୍ରସିଦ୍ଧି ଲାଭ କରିବ ବୋଲି ପୁପିନ୍ଦର କହିବା ସହ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀଙ୍କ କାର୍ଯ୍ୟ ଓ ଦକ୍ଷତାକୁ ପ୍ରଶଂସା କରିଥିଲେ। ସେହିପରି ଶ୍ରୀ ତିୱାରୀ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀ ଖୁବ ଭଲ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ମଧ କରାଯାଇଥିଲା।

# ନାଗରିକକେନ୍ଦ୍ରିକ ସେବା ପ୍ରଦାନରେ ସୂଚନାଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ପରସ୍ପର ପରିପୂରକ। ଜନସାଧାରଣଙ୍କୁ ସେବା ପ୍ରଦାନରେ ସୂଚନା ଅଧିକାରୀ ବା ଲୋକସମ୍ପର୍କ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକସମ୍ପର୍କ ବୃଦ୍ଧି କରି ବିଭିନ୍ନ ବିଭାଗର ସୂଚନା ପାଇବା ସହ ସୂଚନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏକ ପ୍ରମୁଖ ଆବଶ୍ୟକତା। ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରାଜସ୍ୱ, ଆଇନ୍ ଆଦି ବିଭିନ୍ନ ବିଭାଗରେ କରାଯାଉଥିବା ନାଗରିକକେନ୍ଦ୍ରିକ ସେବା ପ୍ରଦାନ ସମ୍ପର୍କିତ ସୂଚନା ଓ ଏହାର ପ୍ରଚାର ପ୍ରସାରରେ ସୂଚନା ଲୋକସମ୍ପର୍କ ଅଧିକାରୀମାନେ ଗୁରୁତ୍ୱ ଭୂମିକା ନିର୍ବାହ କରୁଛନ୍ତି। ଏହି ପ୍ରୟାସ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ ହେବା ସମ୍ପର୍କରେ ନୂତନ ଭାବେ ଦାୟିତ୍ୱ ନେଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ଗତକାଲି ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଲୋକସମ୍ପର୍କ ଭବନସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଯାଇ ପ୍ରଥମେ ବିଭାଗୀୟ ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଅନନ୍ତ କୁମାର ଦାସ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ସଚିବଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସୂଚନା ସେବା ଅଧିକାରୀ ଓ କର୍ମଚାରୀଙ୍କ ସହ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ସୂଚନା ସେବା ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ମନେ ପକାଇ ଦେଇଥିଲେ। ସେ କହିଥିଲେ ଯେ ସୂଚନା ପ୍ରଦାନ କରୁଥିବା ବିଭିନ୍ନ ବିଭାଗ, ସୂଚନାକୁ ସର୍ବସାଧାରଣରେ ପ୍ରକାଶନ ଓ ପ୍ରସାରଣ କରାଉଥିବା ଗଣମାଧ୍ୟମ ଓ ସୂଚନା ପାଉଥିବା ଜନସାଧାରଣ ଲୋକସମ୍ପର୍କ ବିଭାଗର ପ୍ରମୁଖ ଅଂଶୀଦାର। ଠିକ୍ ସମୟରେ ଓ ସଠିକ ସମ୍ବାଦ ପ୍ରେରଣ ଗୁରୁତ୍ୱପୂର୍ଣ୍ଣ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗର ମନ୍ତ୍ରୀ, ସଚିବ ଓ ଅନ୍ୟ ଅନୁଷ୍ଠାନରେ ନିୟୋଜିତ ସୂଚନା ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଅଭିନବତ୍ୱ ଆଣିବା ଲକ୍ଷ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଭାଗର ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନଙ୍କ ସେ ବିଭାଗୀୟ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାରସ୍ପରିକ ସୁସମ୍ପର୍କ ଓ ସଦଭାବନା ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବା, ବିଭାଗର ସୁନାମ ଓ ସମ୍ମାନ ବଜାୟ ରଖିବାକୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ବିଭାଗୀୟ ଅନ୍ୟ ବିଭିନ୍ନ କାର୍ଯ୍ୟ ସହ ସାମ୍ବାଦିକମାନଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକରେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି, ୬ ଗିରଫ

ଛତ୍ରପୁର,୨୪।୭ (ସଂଚାର ବ୍ୟୁରୋ) : ଛତ୍ରପୁର ଥାନା ଅଧିନ ଉଜ୍ଜଳେଶ୍ୱରୀ ମନ୍ଦିର ଓ ଚମାଖଣ୍ଡି ଥାନା ଅଧିନ କଣମଣା ଗାଁରେ ଥିବା ମା' କନକ ଦୁର୍ଗାଙ୍କ ମନ୍ଦିରରୁ ଚୋରି ହୋଇଥିଲା। ଏନେଇ ଆଜି ୬ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଛି । ଯାହାକୁ ନେଇ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ୍ ଅଭିଯୁକ୍ତମାନେ ହେଲେ ଚମାଖଣ୍ଡି ଥାନା ଚନ୍ଦ୍ରପଡା ଗାଁର ଅମିତ ପ୍ରଧାନ, ରୁଦ୍ର ପ୍ରଧାନ, ଟୁକୁନା ପ୍ରଧାନ, ଦାସ ପ୍ରଧାନ, ରଘୁ ପ୍ରଧାନ ଓ ଦେବରାଜ ପ୍ରଧାନ। ସେମାନଙ୍କ ଠାରୁ



ଗୋଟିଏ ସାନ ରୁପା ମୁକୁଟ, ଦୁଇ ଗୋଟି ବଡ ରୁପା ମୁକୁଟ, ଗୋଟିଏ ଷ୍ଟିଲ ହୁଣ୍ଡି, ଏକ ହଜାର ଟଙ୍କା ଓ ଏକ ବାଇକ ଜବତ କରାଯାଇଛି । ଏନେଇ ଛତ୍ରପୁର ଥାନାରେ ୪୫୩ ଓ ଚମାଖଣ୍ଡି ଥାନାରେ ୩୨୭ ପ୍ରକାରେ ୨ଟି ମାମଲା ରୁଜୁ କରାଯାଇଥିଲା। ପରେ ଛତ୍ରପୁର ଥାନା ଓ ଚମାଖଣ୍ଡି ଥାନା ପୋଲିସକୁ ନେଇ ଏକ ଟିମ୍ ଗଠନ କରାଯାଇ ୬ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଥିଲା।

## ସମ୍ପତ୍ତି ପାଇଁ ବାପାକୁ ତାଲା ପକାଇଲା ପୁଅ, ବାପା ବି ଛାଡ଼ିଲେନି



ବ୍ରହ୍ମପୁର,୨୪।୭(ସଂଚାର ବ୍ୟୁରୋ): ସମ୍ପତ୍ତି ବିବାଦର ନୂଆ ଚିତ୍ର ଦେଖିବାକୁ ମିଳିଛି ବ୍ରହ୍ମପୁର ଗାନ୍ଧି ନଗର ଚତୁର୍ଥ ଲେନ୍‌ରେ। ଗୋଟିଏ ଘରେ ପରସ୍ପରକୁ ତାଲା ପକାଇ ଦେଇଛନ୍ତି ବାପା ଓ ପୁଅ। ଗୋଟିଏ ପଟେ ବାପା ଭିତର ପଟୁ ତାଲା ପକାଇଥିବା ବେଳେ ପୁଅ ବାହାର ପଟୁ ତାଲା ପକାଇ କୁଆଡ଼େ ଚାଲିଯାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ପହଞ୍ଚିବା ପରେ ହସ୍ତକ୍ଷେପରୁ ପୁଅ ଖୋଲିଥିଲା। ଚତୁର୍ଥ ଲେନ୍‌ରେ ରହୁଥିବା ପ୍ରକାଶ କୋଠିଆ ଓ ତାଙ୍କ ପୁଅ ଦୀପକଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ ଗଣ୍ଡଗୋଳ ଲାଗି ରହିଥିବା ବେଳେ ଏବେ ଏହାର ଏକ ଭିନ୍ନ ରୂପ ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନାନୁସାରେ, ସମ୍ପତ୍ତିବାଡ଼ିକୁ ନେଇ ଅଧିକାଂଶ ସମୟରେ ଉଭୟ ବାପ ଓ ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଆସୁଥିଲା। ପ୍ରକାଶଙ୍କ ଅଭିଯୋଗ ଅନୁସାରେ ପୁଅ ଦୀପକ ତାଙ୍କୁ ସବୁବେଳେ ଆକ୍ରମଣ କରିବା ସହ ଗାଳିଗୁଲଜ କରିଆସୁଛି। ଏଥିପାଇଁ ସେ ଆଜି ଘରର ଭିତର ପଟୁ ତାଲା ପକାଇ ଦେଇଥିଲେ। ତେବେ ପୁଅ ଦୀପକ ଏହା ଦେଖି ଉତ୍ତ୍ୟକ୍ତ ହୋଇ ବାପାଙ୍କୁ ଘର ବାହାର ପଟୁ ତାଲା ଦେଇ ପଳାଇଯାଇଥିଲା। ଏନେଇ ପ୍ରକାଶ ଟାଉନ ଥାନାକୁ ଜଣାଇବା ପରେ ପୁଲିସ ଆସି ତାଲା ଖୋଲିଥିଲା। ଦୀପକ ଏବେ ରାୟଗଡ଼ାରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରୁଥିବା ବେଳେ ସେ ବାପା ପ୍ରକାଶଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଯେ ତାଙ୍କ ପତ୍ନୀଙ୍କୁ ବାପା ଅଧିକ ଯୌତୁକ ଦାବି କରିବା ସହ ଘରୁ ବାହାର କରିଦେଇଛନ୍ତି। ତେବେ ଏନେଇ ସ୍ଥାନୀୟ ପୁଲିସ୍ କୌଣସି ପ୍ରକାର ପ୍ରତିକ୍ରିୟା ଦେଇନାହାଁନ୍ତି।

## ବସ୍-ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

ହରଭଙ୍ଗା,୨୪।୭(ସଂଚାର ବ୍ୟୁରୋ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଜିଲ୍ଲା ପୁରୁଣାକଟକଠାରେ ବସ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ସେହିପରି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକ ଜଣଙ୍କ ପୁରୁଣାକଟକ ଥାନା ବଘୁଆକଟା ଗ୍ରାମର କାହ୍ନା ମଲିକ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କାହ୍ନା ରାମ୍ପିକଟା ଗ୍ରାମର ନିଜ ଭଉଣୀ ମମତା ନାଏକ, ଭିଣୋଇ ବିମଳ ନାଏକ ଓ ୨ ବର୍ଷର ଭଣଜାକୁ ନେଇ ବାଇକ ଯୋଗେ କୌଣସି କାମରେ ଚାରିଛକ ଯାଉଥିଲେ। ତେବେ ବିପରୀତ ଦିଗରୁ ଆସୁଥିବା ଡ୍ରାଇଭର ସଂଘର ରିଜର୍ଭେସନ ବସ୍ ସହ ବାଇକ୍‌ଟି ପୁରୁଣାକଟକ ବଜାର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କାହ୍ନାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ମମତା, ବିମଳ ଓ କୁନି ପିଲା ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉକ୍ତ ବସଟି କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ରିଜର୍ଭେସନରେ ଦେବଗଡ଼ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ଏକ ବୈଠକକୁ ଯାଉଥିଲା। ଖବର ପାଇ ପୁରୁଣାକଟକ ପୁଲିସ ଉକ୍ତ ବସ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

● କ୍ଷତିପୂରଣ ଦାବିରେ ୧୨ ଘଣ୍ଟା ରାସ୍ତା ଅବରୋଧ



ବୌଦ୍ଧ,୨୪।୭(ସଂଚାର ବ୍ୟୁରୋ): କ୍ଷତିପୂରଣ ଦାବିରେ ଦୀର୍ଘ ୧୨ ଘଣ୍ଟା ଧରି ବୌଦ୍ଧ ଜିଲ୍ଲା ୪୧ ନଂ ଜାତୀୟ ରାଜପଥ ଅବରୋଧ। ରାସ୍ତା ଉପରେ ବସି ରହିଛନ୍ତି ପରିବାର ଲୋକେ। ଘଟଣାସ୍ଥଳରେ ଲୋକଙ୍କୁ ବୁଝାସୁଝା କରୁଛି ପୁଲିସ। ବୌଦ୍ଧ ଜିଲ୍ଲା ମନମୁଣ୍ଡାରୁ କଣ୍ଟାମାଳ ୪୧ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତକ ଜଣଙ୍କ ହେଲେ ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣା। କ୍ଷତିପୂରଣ ଦାବିରେ ଦୀର୍ଘ ୧୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି ପରିବାର ଲୋକେ। ପଲସାଗୋରା ଅଞ୍ଚଳରୁ ସାଇକେଲ ସଜାଡ଼ି ଘରକୁ ଫେରୁଥିବା ସମୟରେ ସୁଲିଆ ନିକଟରେ ଏକ ଅଜଣା ଗାଡି ଦୟାନିଧିଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ସେଠାରୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଣ୍ଟାମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଶାଲିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ



ସମ୍ବଲପୁର,୨୪।୭(ସଂଚାର ବ୍ୟୁରୋ): ଟ୍ରାକରୁ ଖସିଲା ଟ୍ରେନ୍। ଶାଲିମାର-ସମ୍ବଲପୁର ମହିମା ଗୋସ୍ୱାମୀ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ସମ୍ବଲପୁର ନିକଟରେ ଏହି ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଥିବା ନେଇ ପୂର୍ବତଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରେନଟି ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ସମୟରେ ଏହାର ଜେନେରାଲ୍ କୋଚ୍‌ର ଗୋଟିଏ ବଗି ଲାଇନ୍‌ଚ୍ୟୁତ ହୋଇଛି। କିନ୍ତୁ ଏଥିରେ କୌଣସି ଯାତ୍ରୀଙ୍କର କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ସକାଳ ସାଢ଼େ ୯ଟାରୁ ୧୦ଟା ମଧ୍ୟରେ ଉକ୍ତ ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ତେବେ ଲାଇନଚ୍ୟୁତ ହୋଇଥିବା ବଗିକୁ ବାଦ୍ ଦେଇ ଉକ୍ତ ଟ୍ରେନ୍‌ଟି ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି। ଖବର ପାଇ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

## ମାଛ ମାରିବାକୁ ଯାଇ ବଜ୍ରପାତରେ ଜଣେ ମୃତ

କାମାକ୍ଷାନଗର,୨୪।୭(ସଂଚାର ବ୍ୟୁରୋ): କଙ୍କଡାହାଡ଼ ଥାନା ଘୁଟୁରି ଗାଁରେ ସଂନ୍ଧ୍ୟା ସମୟରେ ଦଣ୍ଡାଧର ଡ୍ୟାମକୁ ମାଛ ମାରିବାକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ମୃତ ଓ ଜଣେ ଗୁରୁତର । ମୃତକ ଜଣକ ସେହି ଗ୍ରାମର ବିକ୍ରମ ଦେହୁରୀ ହୋଇଥିବା ବେଳେ ଗୁରୁତର ଜଣକ ତ୍ରିଲୋଚନ ଦେହୁରୀ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ବିକ୍ରମ ଓ ତ୍ରିଲୋଚନ ଆଜି ସଂନ୍ଧ୍ୟା ସମୟରେ ଗାଁ ନିକଟରେ ଥିବା ଦଣ୍ଡାଧର ଡ୍ୟାମକୁ ମାଛ ମାରିବା ପାଇଁ ଯାଇଥିଲେ । ସେହି ସମୟରେ ହଟାତ ବଜ୍ରପାତ ହୋଇଥିବା ବେଳେ ମାଛ ମାରୁଥିବା ଅବସ୍ଥାରେ ବିକ୍ରମ ଓ ତ୍ରିଲୋଚନ ଉଭୟ ପାଣିରେ ଟଳି ପଡ଼ିଥିଲେ ।

## ବିଜେପିରେ ମିଶିଲେ ୧୦ ସରପଞ୍ଚଙ୍କ ସମେତ ବହୁ ବିଜେଡି କର୍ମୀ



ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ କେନ୍ଦ୍ର ସରକାର ଓ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପକ୍ଷରେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଉଥିବା ବେଳେ ଏହି କ୍ରମରେ ଆଜି ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ

### ଆଗକୁ ବଢ଼ିବ ସ୍ଥାନୀୟ ଅଞ୍ଚଳର ବିକାଶ: ରାଜସ୍ୱ ମନ୍ତ୍ରୀ

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଲଖନପୁର ବ୍ଲକର ଏହି ବିଜେଡି କର୍ମୀମାନେ ବିଜେପିରେ ସାମିଲ୍ ହେବା ଫଳରେ ସ୍ଥାନୀୟ ଅଞ୍ଚଳର ବିକାଶ ଦ୍ରୁତଗାମୀ ହୋଇପାରିବ ଏବଂ ଏହା ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏଥିସହ ଆଗାମୀ ଦିନରେ ମଧ୍ୟ ଅନେକ ବିଜେଡି କର୍ମୀ ବିଜେପିକୁ ଆସିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର କଣ୍ଢେଇକେଲା ସରପଞ୍ଚ ଅଶୋକ କୁମାର ସେଠ୍, ରେମତା ସରପଞ୍ଚ ପ୍ରଫୁଲ୍ଲ କୁମାର ସିଂ, ଚାରପାଲି ସରପଞ୍ଚ ଅରୁଣ ସୁନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ସୁନା, କାଦମଡ଼ିହି ସରପଞ୍ଚ ତାରୁଲତା ବାରିକ, ବାଘମୁଣ୍ଡା ସରପଞ୍ଚ ସୁନିମା ପ୍ରଧାନ, ଜାମଗାଁ ସରପଞ୍ଚ ଗୋପୀନାଥ ସାଇ, ରେମେଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ସାରନ୍ଦା ମାଲ ସରପଞ୍ଚ ଝରଣା ସେଠ୍, ବଞ୍ଜାରୀ ସରପଞ୍ଚ ସୀମା ସାହୁ ଓ ତାଙ୍କ ସ୍ୱାମୀ ରାଧାରମଣ ସାହୁ, ପିପିଲିମାଲ ସରପଞ୍ଚ ରଙ୍ଗଧର ଡିଲା ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର, ଝାରସୁଗୁଡା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

## ● ପ୍ରବଳ ବର୍ଷାରେ ଧୋଇଗଲା ପୋଲ
## ବାହ୍ୟ ଜଗତରୁ ୧୦ ଗାଁ ବିଚ୍ଛିନ୍ନ

ନୂଆପଡ଼ା,୨୪।୭(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ସୁନାବେଡ଼ାରେ ପ୍ରବଳ ବର୍ଷା ହେବା ଫଳରେ ଏକ ପୋଲ ଧୋଇଯାଇଥିବା ଜଣାପଡ଼ିଛି। ଫଳରେ ସୁନାବେଡ଼ା ଓ ଗାତିବେଡ଼ା ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଏହା ପ୍ରଭାବରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ୧୦ଟି ଗାଁ। ସେପଟେ ଚେରେଚୁଆଁ-ଜାମଗାଁ ଘାଟିର ମୁଖ୍ୟ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ଖସିଥିବା ବେଳେ ଏଥିସହ ବଡ଼ ବଡ଼ ଗଛ ଓ ବିଦ୍ୟୁତ ଖୁଣ୍ଟ ମଧ୍ୟ ଉପୁଡ଼ି ପଡିଛି। ରିପୋର୍ଟ



ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ସଫା ହୋଇନଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଜଣାପଡ଼ିଛି। ଗୋଟିଏ ପୋଲ ବର୍ଷାରେ ଧୋଇ ହୋଇଯାଇଥିବା ବେଳେ ଅନ୍ୟ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଚାରିଆଡ଼େ ଜଳମଗ୍ନ ହୋଇଯାଇଛି। ଅନ୍ୟପଟେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ୨୪ ଘଣ୍ଟାରେ ଆହୁରି ଘନୀଭୂତ ହେବା ସହ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି।

## ସିଏମ୍‌ସି ଆଇନ ଅଧିକାରୀଙ୍କ ସମ୍ପର୍କରେ ମିଳୁନି ସୂଚନା

● କାହା ଆର୍ଶୀବାଦରେ ଅବସର ପରେ ମିଳୁଚି ଲଗାତାର ପୁନଃନିଯୁକ୍ତି

କଟକ,୨୪।୭(ସଂଚାର ବ୍ୟୁରୋ): କଟକ ମହାନଗର ନିଗମରେ ଦୀର୍ଘ ୪୬ ବର୍ଷ ଧରି କନିଷ୍ଠ ସହାୟକରୁ କାର୍ଯ୍ୟରତ ଆଇନ ଅଧିକାରୀ ଦିଗାମ୍ବର ସ୍ୱାଇଁ ଅବସର ପରେ ଦୁଇ ଦୁଇ ଥର ପୁନଃନିଯୁକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ବର୍ତ୍ତମାନ କେଉଁ ଆଧାରରେ ପୁନଃନିଯୁକ୍ତି ପାଇଛନ୍ତି ଓ କେତେଦିନ କାର୍ଯ୍ୟ କରୁଛନ୍ତି, କେତେଦିନ ଛୁଟିରେ ରହୁଛନ୍ତି, ଏହାର ତଥ୍ୟ ସୂଚନା ଅଧିକାର ଆଇନରେ ମିଳୁନାହିଁ। ତେଣୁ ଏହି ମାମଲାରେ ବଡ଼ ଧରଣର ଅନିୟମିତତା ଓ ଦୁର୍ନୀତିକୁ ଘୋଡାଯିବା ସକାଶେ ଉଦ୍ୟମ ହେଉଥିବା ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଅଭିଯୋଗ କରିଛନ୍ତି। ସିଏମସି କାର୍ଯ୍ୟାଳୟରେ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ସହ ଶ୍ରୀ ସ୍ୱାଇଁ ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡ଼ି ବ୍ୟବହାର କରୁଥିବା, କାର୍ଯ୍ୟାଳୟରେ ତାଙ୍କର କାର୍ଯ୍ୟ କ'ଣ ଓ ସେ କେବେଠାରୁ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ଜାଣିବା ସକାଶେ ଗତ ମେ ୨୧ ତାରିଖରେ ଶ୍ରୀ ସାହୁ ସିଏମସି ଜନସୂଚନା ଅଧିକାରୀଙ୍କୁ ଆରଟିଆଇରେ ତଥ୍ୟ ମାଗିଥିଲେ। କିନ୍ତୁ ଶ୍ରୀ ସାହୁଙ୍କୁ ଏ ନେଇ କୌଣସି ତଥ୍ୟ ଦିଆଯାଇନାହିଁ। ତେଣୁ ସାମାନ୍ୟ କନିଷ୍ଠ ସହାୟକ ଥିବା ଶ୍ରୀ ସ୍ୱାଇଁଙ୍କୁ କେଉଁ ଆଧାରରେ ସିଏମସିର ଆଇନ ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି, ତାକୁ ନେଇ ବିଭିନ୍ନ ମହଲରେ ନାନାଦି ପ୍ରଶ୍ନ ଉଙ୍କି ମାରୁଛି। ତା'ଛଡ଼ା




କେଉଁଥିପାଇଁ ସିଏମ୍‌ସି ପକ୍ଷରୁ ଶ୍ରୀ ସ୍ୱାଇଁଙ୍କ ସଂକ୍ରାନ୍ତରେ କୌଣସି ତଥ୍ୟ ଦିଆଯାଉନାହିଁ, ତା' ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସିଏମସି ମାଲିକାନାରେ ଥିବା ବିଭିନ୍ନ ଯାଗାକୁ ବେଆଇନ ଭାବେ ଜବରଦଖଲ କରାଯାଇଥିବା ବେଳେ ଏହା ପଛରେ ଶ୍ରୀ ସ୍ୱାଇଁଙ୍କ ଭୂମିକା ଥିବା ଅନେକ ସମୟରେ ଆଲୋଚନା ହୋଇଆସିଛି। ଶ୍ରୀ ସ୍ୱାଇଁଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ ଥିଲେ ମଧ୍ୟ ସିଏମ୍‌ସି କେଉଁ ଉଦ୍ଦେଶ୍ୟ ନେଇ ତାଙ୍କୁ ନିୟମିତ ଭାବେ ପୁନଃନିଯୁକ୍ତି ଦେଇଚାଲିଛି, ତାହା ମଧ୍ୟ ଅନେକଙ୍କ ପାଇଁ ଅବୁଝା ରହିଛି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ରାଜ୍ୟ ସରକାର ଯୁବପିଢ଼ିକୁ ନିଯୁକ୍ତ ଦେବା ଉପରେ ଗୁରୁତ୍ୱାରୋପ କରିଆସୁଥିଲେ ହେଁ ସିଏମ୍‌ସିରେ ଶ୍ରୀ ସ୍ୱାଇଁ କୋଳିଖାଇ ମଞ୍ଜି ପୋତିଲା ପରି ଅବସର ପରେ ବି ହଟୁନାହାନ୍ତି। ଏହାକୁ ନେଇ ଯୁବପିଢ଼ି ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ଶ୍ରୀ ସ୍ୱାଇଁଙ୍କ ପୁନଃନିଯୁକ୍ତି, କାର୍ଯ୍ୟ ପ୍ରଣାଳୀ, ଉପସ୍ଥାନ ଆଦି ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନରେ ମଗାଯାଇଥିଲେ ମଧ୍ୟ ଏହା ନ ମିଳିବାରୁ ଶ୍ରୀ ସାହୁ ପ୍ରଥମ ଅପିଲ ସହ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ତେଣୁ ଶ୍ରୀ ସ୍ୱାଇଁଙ୍କ ପୁନଃନିଯୁକ୍ତି, କାର୍ଯ୍ୟ ଆଦି ସମ୍ପର୍କରେ ତଦନ୍ତ କରି ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସକାଶେ ଶ୍ରୀ ସାହୁ ଦାବି କରିଛନ୍ତି।

## ଉଦ୍ଧାର ହେଲେ ଫସିଥିବା ୧୭ ପର୍ଯ୍ୟଟକ

ପଦ୍ମପୁର,୨୪।୭(ସଂଚାର ବ୍ୟୁରୋ): ଦୀର୍ଘ ୧୬ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ପାହାଡ଼ ଉପରୁ ଉଦ୍ଧାର ହୋଇଛନ୍ତି ୧୭ ପର୍ଯ୍ୟଟକ। ଏହି ପର୍ଯ୍ୟଯକମାନେ ଛତିଶଗଡ଼ରୁ ଆସି ସ୍ଥାନୀୟ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଫସିଯାଇଥିଲେ। ସେମାନଙ୍କୁ ଆଜି ଉକ୍ତ ପାହାଡ଼ ଉପରୁ ଉଦ୍ଧାର କରିଛି ଉଦ୍ଧାରକାରୀ ଦଳ। ସ୍ଥାନୀୟ ଫରେଷ୍ଟ ରେଞ୍ଜରଙ୍କ ନେତୃତ୍ୱରେ ଉକ୍ତ ଉଦ୍ଧାରକାରୀ ଦଳ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ତଳକୁ ଆଣିଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ



ପାହାଡ଼ ଉପରେ ୩ ଶିଶୁଙ୍କ ସମେତ ମୋଟ ୧୭ ଜଣ ଛତିଶଗଡ଼ି ପର୍ଯ୍ୟଟକ ଫସିରହିଥିଲେ। ଉକ୍ତ ପର୍ଯ୍ୟଟକମାନେ ହରିଶଙ୍କର ପଟୁ ପାହାଡ଼ ଚଢ଼ି ନୃସିଂହନାଥ ଆସୁଥିବା ସମୟରେ ବାଟ ହୁଡ଼ି ନୃସିଂହନାଥଠାରୁ ୫ କିମି ଦୂର କପିଳଧାରା ଜଳପ୍ରପାତଠାରୁ ପ୍ରାୟ ୧.୫ କିମି ଦୂରରେ ଫସି ରହିଥିଲେ। ଏନେଇ ଖବର ପାଇବା ପରେ ଉଦ୍ଧାରକାରୀ ଦଳ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରିବା ସକାଶେ ସ୍ୱତନ୍ତ୍ର ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିରେ ପୁଲିସ୍ ଓ ଅଗ୍ନିଶମ ବାହିନୀ ସହ ମନ୍ଦିରର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଉଦ୍ଧାରକାରୀ ଦଳରେ ପ୍ରାୟ ୪୦ ଜଣ ସଦସ୍ୟ ରହିଥିଲେ। ଉକ୍ତ ଟିମ୍ ପର୍ଯ୍ୟଟକମାନଙ୍କ ମୋବାଇଲ ଲୋକେସନ୍ ଟ୍ରାକ୍ କରି ସେମାନଙ୍କ ନିକଟରେ ପହଞ୍ଚିବା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି।

## କାଗଜବିହୀନ ଟିକେଟ୍ ପ୍ରଣାଳୀରେ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ନୂଆ ମାଇଲଖୁଣ୍ଟ

ଖୋର୍ଦ୍ଧା,୨୪।୭(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କାଗଜବିହୀନ ଟିକେଟ ପ୍ରଣାଳୀ ଗ୍ରହଣରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହା ଭାରତୀୟ ରେଳବାଇରେ ଡିଜିଟାଲ୍ ପରିବର୍ତ୍ତନ ଦିଗରେ ଏକ ନୂତନ ମାନଦଣ୍ଡ। ମୋବାଇଲ୍ ପ୍ଲାଟଫର୍ମରେ ୟୁଟିଏସ ବ୍ୟବହାର କରି ଯାତ୍ରୀମାନେ ଏବେ ସିଧାସଳଖ ସେମାନଙ୍କ ସ୍ମାର୍ଟ ଫୋନ୍‌ରୁ ଯାତ୍ରା ଟିକେଟ୍, ସିଜନ୍ ଟିକେଟ୍ ଓ ପ୍ଲାଟଫର୍ମ ଟିକେଟ୍ ବୁକ୍ କରୁଛନ୍ତି, ଯାହାଦ୍ୱାରା ଛପାକାଗଜ ଟିକେଟର ଆବଶ୍ୟକତାକୁ ଦୂର କରାଯାଇପାରୁଛି।

ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ ଦେଇ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୟୁଟିଏସ (ଅଣସଂରକ୍ଷିତ ଟିକେଟିଂ ସିଷ୍ଟମ୍) ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାରରେ ଏକ ପ୍ରଭାବଶାଳୀ ବୃଦ୍ଧି ଆଣିପାରିଛି। ଏହି ପଦକ୍ଷେପ କେବଳ ଟିକେଟିଂ ପ୍ରକ୍ରିୟାକୁ ସରଳ କରୁନାହିଁ, ବରଂ ଡିଜିଟାଲ୍ ଓ ସମ୍ପର୍କହୀନ ସେବାକୁ ପ୍ରୋତ୍ସାହିତ କରିବାର ଭାରତୀୟ ରେଳବାଇର ବ୍ୟାପକ ଲକ୍ଷ୍ୟ ସାଧନ କରିପାରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୋବାଇଲ୍ ଆପ୍ ଉପରେ ୟୁଟିଏସ ମାଧ୍ୟମରେ ୫ ଲକ୍ଷ ୩୫ ହଜାର ୭୦୧ ଟିକଟ୍ ଜାରି କରିଥିଲା। ଏହା ୨୨ ଲକ୍ଷ ୪୧ ହଜାର ୬୯୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ସେବା ଯୋଗାଇଥିଲା ଓ ଏହି ବାବଦରେ ପ୍ରାୟ ୪ କୋଟି ୭୬ ଲକ୍ଷ ୬୭ ହଜାର ୭୧୦ ଟଙ୍କା ରାଜସ୍ୱ ଆକାରରେ ଆୟ କରିଥିଲା।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ (ଏପ୍ରିଲରୁ ଜୁନ୍)ର ପ୍ରଥମ ତ୍ରୈମାସିକରେ ରେଳମଣ୍ଡଳ କାଗଜବିହୀନ ଅଣସଂରକ୍ଷିତ




ଟିକେଟ ବାବଦରେ କ୍ରମାଗତ ବୃଦ୍ଧିର ଯଥେଷ୍ଟ ଉନ୍ନତି ଆଣିପାରିଛି। ୨୦୨୪-୨୫ ବର୍ଷରେ ଜାରି ହୋଇଥିବା ଟିକେଟ ସଂଖ୍ୟା ୯୦ ହଜାର ୫ରୁ ବୃଦ୍ଧି ପାଇ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ୧ ଲକ୍ଷ ୮୩ ହଜାର ୨୫୧ରେ ପହଞ୍ଚିଛି, ଯାହା ୧୦୩.୬ ପ୍ରତିଶତ ଅଧିକ। ସେହିପରି ଆଲୋଚ୍ୟ ସମୟ ମଧ୍ୟରେ ଯାତ୍ରୀ ସଂଖ୍ୟା ୪ ଲକ୍ଷ ୪୨ ହଜାର ୪୧୩ରୁ ବୃଦ୍ଧି ପାଇ ୬ ଲକ୍ଷ ୭୦ ହଜାର ୩୦୨ରେ ପହଞ୍ଚିଛି, ଯାହା ୫୧.୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରାଜସ୍ୱ ବାବଦରେ ଗତ ଆର୍ଥିକ ବର୍ଷର ପ୍ରଥମ ୩ ମାସର ଆୟ ୮୫ ଲକ୍ଷ ୧୭ ହଜାର ୨୫ରୁ ବୃଦ୍ଧି ପାଇଁ ୧ କୋଟି ୫୫ ଲକ୍ଷ ୪୪ ହଜାର ୮୨୦ରେ ପହଞ୍ଚିଛି, ଯାହାକି ଏ ବାବଦରେ ସାଢ଼େ ୮୨ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଅପ୍ରତ୍ୟାଶିତ ବୃଦ୍ଧି ବ୍ୟାପକ ଜନସାଧାରଣଙ୍କ ଗ୍ରହଣୀୟତା, ବ୍ୟବହାରକାରୀ-ଅନୁକୂଳ ପ୍ରଯୁକ୍ତିବିଦ୍ୟା ଓ ୟୁପିଆଇ/ୟୁପିଆଇ-ଆଧାରିତ କ୍ୟୁଆର୍ କୋଡ୍ କାରବାର ଭଳି ବର୍ଦ୍ଧିତ ପେମେଣ୍ଟ ବିକଳ୍ପଗୁଡ଼ିକ ଦ୍ୱାରା କରାଯାଇଛି, ଯାହା ଫଳରେ ଷ୍ଟେସନମାନଙ୍କରେ ଥିବା ବୁକିଂ କାଉଣ୍ଟରଗୁଡ଼ିକରେ ଧାଡ଼ି ଛୋଟ ଓ ଦ୍ରୁତ ପ୍ରକ୍ରିୟାକରଣ ହେଉଛି।


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତର କ୍ୟାସଲେସ ଅର୍ଥନୀତି ସ୍ୱପ୍ନ ସାମ୍ନାରେ ଚ୍ୟାଲେଞ୍ଜ

## ଛୋଟ ଦୋକାନୀମାନେ ୟୁପିଆଇ ଛାଡ଼ି ନଗଦ ପସନ୍ଦ କରୁଛନ୍ତି

**ନୂଆଦିଲ୍ଲୀ,୨୪।୭:** ଭାରତର ନଗଦହୀନ(କ୍ୟାସଲେସ) ଅର୍ଥନୀତି ଆଡ଼କୁ ଯାତ୍ରା ଏକ ବାସ୍ତବତାର ସମ୍ମୁଖୀନ ହେଉଛି। ଛୋଟ ଦୋକାନୀମାନେ ୟୁପିଆଇ ପେମେଣ୍ଟ ଛାଡ଼ି ନଗଦ ପସନ୍ଦ କରୁଛନ୍ତି। ଆର୍ଥିକ ବିଶେଷଜ୍ଞ ଏହି ପରିବର୍ତ୍ତନର କାରଣ ଭାବେ ବୃଦ୍ଧି ପାଉଥିବା ନିୟମ ପାଳନ ଖର୍ଚ୍ଚ, ଟିକସ ଚିନ୍ତା ଏବଂ କ୍ଷୁଦ୍ର-ବ୍ୟବସାୟ ପାଇଁ ଅନୁପଯୁକ୍ତ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଛୋଟ ବିକ୍ରେତାମାନେ କାହିଁକି ନଗଦ ପସନ୍ଦ କରୁଛନ୍ତି? ଅକ୍ଷତ ଶ୍ରୀବାସ୍ତବ ଏକ ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି, "ଛୋଟ ବ୍ୟବସାୟୀଙ୍କର ଲାଭ ମାର୍ଜିନ ବହୁତ କମ। ଯଦି ସେମାନେ ଜିଏସ୍‌ଟି ଅଧୀନରେ ନିଜକୁ ନିବନ୍ଧନ କରନ୍ତି, ତେବେ ସେମାନଙ୍କୁ ବିଲରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଯୋଗ କରିବାକୁ ପଡ଼ିବ।" ଏହି ଟିକସ ସାମଗ୍ରୀର ମୂଲ୍ୟ ବୃଦ୍ଧି କରେ ଓ ଗ୍ରାହକଙ୍କୁ ଦୂରେଇ ଦିଏ। ସେ ଆହୁରି କହିଛନ୍ତି, "ବିକ୍ରେତା ଅଧିକ ବିକ୍ରି କରିବାକୁ ଚାହାଁନ୍ତି, ଗ୍ରାହକ ଶସ୍ତାରେ କିଣିବାକୁ ଚାହାଁନ୍ତି। ଜିଏସ୍‌ଟି ଯୋଗ ହେଲେ ବିକ୍ରି ହ୍ରାସ ପାଏ।" ଏହି ଚିନ୍ତା ବାସ୍ତବ ସ୍ତରରେ ମଧ ପ୍ରତିଧ୍ୱନିତ ହେଉଛି। ମନିକଣ୍ଟ୍ରୋଲ ରିପୋର୍ଟ ଅନୁଯାୟୀ, କର୍ଣ୍ଣାଟକର ଜିଏସ୍‌ଟି ବିଭାଗ ପ୍ରାୟ ୧୪,୦୦୦ ଅନିବନ୍ଧିତ ବ୍ୟବସାୟୀଙ୍କୁ ନୋଟିସ ଜାରି କରିଛି, ଯେଉଁମାନଙ୍କର ୟୁପିଆଇ ଲେଣଦେଣ ବାର୍ଷିକ ୪୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏହା ବେଙ୍ଗାଲୁରୁ ଓ ହୁବଲୀ ଭଳି ସ୍ଥାନରେ ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି, ଯାହାଫଳରେ ଅନେକେ ୟୁପିଆଇ କୋଡ ହଟାଇ କେବଳ ନଗଦ ଗ୍ରହଣ କରୁଛନ୍ତି। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, କେତେକ ଖୁଚୁରା ବିକ୍ରେତା ଟିକସ ଯାଞ୍ଚ ଓ ଭାରୀ ଜୋରିମାନାର ଭୟରେ ହାତରେ ଲେଖା "କେବଳ ନଗଦ, ୟୁପିଆଇ ନୁହେଁ" ଲେଖିଥିବା ସାଇନବୋର୍ଡ ପ୍ରଦର୍ଶନ କରୁଛନ୍ତି। କ୍ଷୁଦ୍ର-ବ୍ୟବସାୟ ପାଇଁ ବ୍ୟବସ୍ଥା ଅନୁପଯୁକ୍ତ ବିଶେଷଜ୍ଞ ଆହୁରି କହିଛନ୍ତି ଯେ ଅଧିକାଂଶ ଛୋଟ ବିକ୍ରେତାଙ୍କର ବ୍ୟବସାୟ ଓ ବ୍ୟକ୍ତିଗତ ବ୍ୟାଙ୍କ ଖାତା ଅଲଗା ନଥାଏ। ସେ କହିଛନ୍ତି, "ଏକ ପିତା ଦୋକାନ ଚଳାଉଥିବେ ଏବଂ ତାଙ୍କ ପୁଅ, ଝିଅ, ପତ୍ନୀ କିମ୍ବା ଭାଇଙ୍କ ନାମରେ ଟଙ୍କା ନେଇଥାନ୍ତି। ଏହା ସବୁ 'ଆୟ' ଭାବେ ଗଣାଯାଇ ପାରେ ଏବଂ ଏହା ଉପରେ ଜିଏସ୍‌ଟି ଲାଗୁ ହୋଇପାରେ।"




## ମିନ୍ତ୍ରା ବିରୋଧରେ ୧୬୫୪ କୋଟିର ଜାଲିଆତି ମାମଲା ରୁଜୁ

**ନୂଆଦିଲ୍ଲୀ,୨୪।୭:** ଅନ୍‌ଲାଇନ ଶପିଂ ପ୍ଲାଟଫର୍ମ ମିନ୍ତ୍ରା ଏବଂ ଏହାର ସହଯୋଗୀ କମ୍ପାନି ଗୁଡ଼ିକ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୬୫୪ କୋଟିର ଜାଲିଆତି ମାମଲା ରୁଜୁ କରିଛି । ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଘଂନ ନେଇ ଏହି କମ୍ପାନି ବିରୋଧରେ ଅଭିଯୋଗ ରହିଛି ।
ମିନ୍ତ୍ରା ଡିଜାଇନ୍ସ ପ୍ରାଇଭେଟ ଲିମିଟେଡ ଏବଂ ଏହାର ସହଯୋଗୀ କମ୍ପାନି ହୋଲ୍‌ସେଲ୍ କ୍ୟାଶ ଆଣ୍ଡ୍ କ୍ୟାରି ନାମରେ ମଲ୍ଟି ବ୍ରାଣ୍ଡ୍ ରିଟେଲ୍ କାରବାର କରୁଥିବା ନେଇ ଇଡିକୁ ଅଭିଯୋଗ ମିଳିଥିଲା । ଏହା ଏଫ୍‌ଡିଆଇ ନିୟମର ଉଲ୍ଲଘଂନ । ଏହି ଘଟଣାରେ ଇଡି କମ୍ପାନିର କିଛି ଦସ୍ତାବିଜ ଏବଂ ଆର୍ଥିକ ରେକର୍ଡ ଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରିଛି । ଏହି ଘଟଣାରେ କମ୍ପାନି ବିଦେଶୀ ପାଣ୍ଠିର ବ୍ୟବହାର ଏବଂ ନିୟମ ଉଲ୍ଲଘଂନ ଭଳି ବିଭିନ୍ନ ଦିଗକୁ ଏବେ ତର୍ଜମା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଏଫ୍‌ଡିଆଇ ନିୟମର ଉଲ୍ଲଘଂନ ଅଭିଯୋଗ




## ବାତିଲ ହୋଇପାରେ ଆପଣଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ

**ନୂଆଦିଲ୍ଲୀ,୨୪।୭:** ଆପଣଙ୍କ ଗାଡ଼ିରେ ଚାଲାଣ କଟିଛି କି ? ତେବେ ତୁରନ୍ତ ପୈଠ କରନ୍ତୁ । ନହେଲେ ବାତିଲ ହୋଇପାରେ ଆପଣଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ। ମେରଠ, ଆଗ୍ରା, ଲକ୍ଷ୍ନୌ ଜୋନ୍ ସମେତ ଅନେକ ଜିଲ୍ଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଗଲାଣି । ଟ୍ରାଫିକ୍ ନିୟମର ସର୍ବାଧିକ ଉଲ୍ଲଂଘନ ବରେଲି ଜୋନ୍‌ରେ ଘଟିଛି ବୋଲି ଜଣାପଡିଛି । ଯେଉଁଠାରେ ୨୧୦୦୦ରୁ ଅଧିକ ମାମଲା ରିପୋର୍ଟ ହୋଇଛି ଓ ୫୮୩୩ ଟି ଡିଏଲ୍ ସସପେନ୍ସନ ସୁପାରିଶ କରାଯାଇଛି। ଉତ୍ତର ପ୍ରଦେଶରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ୫୦୦୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ଚାଲାଣ ବିରୋଧରେ ଏକ ବଡ଼ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ, ୩ ଲକ୍ଷରୁ ଅଧିକ ଯାନର ଆରସି ବାତିଲ କରାଯିବା ସହିତ ୫୮୮୯୩ ଡ୍ରାଇଭିଂ ଲାଇସେନ୍ସକୁ ନିଲମ୍ବିତ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଲକ୍ଷ୍ନୌ ଜୋନରେ ୪୩୫୧ ଯାନ ଏବଂ ୧୮୨୦ ଲାଇସେନ୍ସ ଧାରକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ କରାଯାଇଛି। ଏପର୍ଯ୍ୟନ୍ତ ୧୦୦୬ ଡ୍ରାଇଭିଂ ଲାଇସେନ୍ସ ଏବଂ ୩୯୬୪ ଆର୍‌ସିକୁ ନିଲମ୍ବିତ କିମ୍ବା ବାତିଲ କରାଯାଇଛି ।



**ତୁରନ୍ତ ପୈଠ କରନ୍ତୁ ଗାଡ଼ିରେ କଟିଥିବା ଚାଲାଣ**

## ବିରଳ ଖଣିଜ ପଦାର୍ଥ ଓ ପେଟ୍ରୋଲ, ଡିଜେଲ ଉତ୍ପାଦନ କରିବ ଭାରତ

**ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ):** ଭାରତ ବିରଳ ଖଣିଜ ପଦାର୍ଥ ପାଇଁ ଆଉ ଚୀନ ଉପରେ ନିର୍ଭର କରିବନି। କାରଣ ରାଜସ୍ଥାନରେ ମିଳିଛି ବିରଳ ଖଣିଜ ପଦାର୍ଥର ବିଶାଳ ଭଣ୍ଡାର। ଏଗୁଡ଼ିକୁ ଖନନ କରି ଭାରତ ଏବେ ଚୀନକୁ ଟକ୍କର ଦେବ। ଇଲେକ୍ଟ୍ରୋନିକ୍ସ, ଗ୍ରୀନ ଏନର୍ଜୀ, ପ୍ରତିରକ୍ଷା, ହାଇପାୱାର ଚୁମ୍ବକ, ମହାକାଶ ଏବଂ ଅନ୍ୟାନ୍ୟ ଉପକରଣର ତିଆରି କ୍ଷେତ୍ରରେ ରେୟାର ଆର୍ଥ ମ୍ୟାଟେରିଆଲ୍‌ର ଆବଶ୍ୟକ। ଏହା ଚୀନ ପାଖରେ ୯୦ ପ୍ରତିଶତ ଭାଗ ଥିବାରୁ ସେ ଅନେକ ସମୟରେ ମନମାନି କରି ଭାରତକୁ ହଇରାଣ କରୁଥିଲା। ହେଲେ ଏବେ ଆଉ ଏହା ହେବନି। ସେହିପରି ଆଉ ଏକ ଖୁସୀ ଖବର ହେଲା ଭାରତର ପ୍ରଥମ ରାଜ୍ୟ ଭାବେ ଆସାମ ଏବେ ଡିଜେଲ୍, ପେଟ୍ରୋଲ ପ୍ରଡକ୍ସନ କରିବ। ଫଳରେ ଭାରତ ଅର୍ଥନୀତି ଦ୍ରୁତ ଗତିରେ ଦୌଡ଼ିବ। ବୁଧବାର କେନ୍ଦ୍ର ସରକାର ସଂସଦରେ ଦେଇଥିବା ସୂଚନା ଅନୁସାରେ, ଭାରତରେ ପ୍ରାୟ ୭.୨୩ ମିଲିୟନ ଟନ୍ ବିରଳ ରେୟାର ଆର୍ଥ ଏଲିମେଣ୍ଟ୍ସ ଅକ୍ସାଇଡ୍ (ଆରଇଓ) ରହିଛି ଯାହା ୧୨.୧୫ ମିଲିଅନ ଟନ ମୋନାଜାଇଟ୍ (ଥୋରିୟମ୍ ଏବଂ ବିରଳ ପୃଥିବୀର ଏକ ଖଣିଜ ପଦାର୍ଥ) ରେ ମିଶି ରହିଛି।



### ପୂର୍ବରୁ ୬.୭% ପୂର୍ବାନୁମାନ ରହିଥିଲା

## ୬.୫%କୁ ଖସିବ ଜିଡିପି ଅଭିବୃଦ୍ଧି: ଏଡିବି

**ନୂଆଦିଲ୍ଲୀ,୨୪।୭:** ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ଖସାଇଛି।ଆଲୋଚ୍ୟ ଆର୍ଥିକବର୍ଷରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୫% ବଢ଼ିବ ବୋଲି ଏହା ପୂର୍ବାନୁମାନ କରିଛି।ପୂର୍ବରୁ ୬.୭% ଅନୁମାନ କରିଥିଲା ଏଡିବି। ଜୁଲାଇ ୨୩ରେ ଜାରି ହୋଇଥିବା ଏସିଆନ୍ ଡେଭଲପ୍‌ମେଣ୍ଟ୍ ଆଉଟ୍‌ଲୁକ୍ ରିପୋର୍ଟରେ ଏହା କୁହାଯାଇଛି। ତେବେ ଏସବୁ ସତ୍ତ୍ୱେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବେ ଏହାର ମାନ୍ୟତା ବଜାୟ ରଖିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଆମେରିକା ଟାରିଫ୍ ଏବଂ ନୀତିଗତ ଅନିଶ୍ଚିତତା କାରଣରୁ ରପ୍ତାନି ଏବଂ ନିବେଶ ପ୍ରଭାବିତ ହେବା ଆଶଙ୍କା ଯୋଗୁ ଭାରତର ଅଭିବୃଦ୍ଧି ଅନୁମାନକୁ ସଂଶୋଧିତ କରିଛି ଏଡିବି । ତେବେ ଏଡିବି ଅନୁସାରେ, ମଜଭୁତ ଘରୋଇ ଚାହିଦା, ଉତ୍ତମ ମୌସୁମୀ, ସେବା ଏବଂ କୃଷି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଭାରତୀୟ ଅର୍ଥବ୍ୟବସ୍ଥାକୁ ଦିଗ ପ୍ରଦାନ କରୁଛି । ଏହାବ୍ୟତୀତ ଏଡିବି ୨୦୨୬-୨୭ ପାଇଁ ବି ଅଭିବୃଦ୍ଧି ଅନୁମାନକୁ ୬.୮%ରୁ ଖସାଇ ୬.୭% କରିଛି । ଏହାସତ୍ତ୍ୱେ ଭାରତର ଅର୍ଥବ୍ୟବସ୍ଥା ମଜଭୁତ ରହିଛି । କାରଣ ଗ୍ରାମୀଣ ଚାହିଦାରେ ସୁଧାର ଏବଂ ସେବା କ୍ଷେତ୍ରରେ ଦ୍ରୁତ ବୃଦ୍ଧି ଅର୍ଥନୀତିକୁ ବଳ ପ୍ରଦାନ କରୁଛି। ଏଡିବି ପ୍ରକାଶ କରିଛି ଯେ, ଭାରତର ଆର୍ଥିକ ଗତିବିଧି ମଜଭୁତ ରହିଛି ଏବଂ ଗ୍ରାମୀଣ ଚାହିଦାରେ ବୃଦ୍ଧି ଯୋଗୁ ଘରୋଇ ଚାହିଦା ବଢ଼ିବ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୫- ୨୬ରେ ଭାରତୀୟ ଅର୍ଥବ୍ୟବସ୍ଥାକୁ କୃଷି ଏବଂ ସେବା କ୍ଷେତ୍ରରୁ ବଡ଼ ସମର୍ଥନ ମିଳିବ । ଏ ବର୍ଷ ମୌସୁମୀ ୬% ଭଲ ରହିବା ଅନୁମାନ ଅଛି, ଯାହାଦ୍ୱାରା ଫସଲ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୪%ରୁ ଅଧିକ ବଢ଼ିପାରେ । ଏହାଦ୍ୱାରା ଗ୍ରାମୀଣ ଆୟ ବଢ଼ିବ, ଯାହା ଚାହିଦାକୁ ବଢ଼ାଇବ । ଏହାବ୍ୟତୀତ ଅଶୋଧିତ ତୈଳ ଦର ନିମ୍ନ ସ୍ତରରେ ରହିବା ଦ୍ୱାରା ୨୦୨୫-୨୬ ଏବଂ ୨୦୨୬-୨୭ରେ ଆର୍ଥିକ ଗତିବିଧିକୁ ବଳ ମିଳିବ। ସରକାରଙ୍କ ନୀତି, ଯେପରି ଟିକସ ରିହାତି ଏବଂ ସାର୍ବଜନିକ ନିବେଶରେ ବୃଦ୍ଧି ବି ବିକାଶକୁ ତ୍ୱରାନ୍ୱିତ କରିବ ।
ପ୍ରକାଶଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୦୨୫-୨୬ ପାଇଁ ବିକାଶ ଅନୁମାନକୁ ୬.୭% ରୁ ଖସାଇ ୬.୫% କରିଛି ।




### ସେନ୍‌ସେକ୍ସ ଖସିଲା ୪୫୨ ପଏଣ୍ଟ

## ନିବେଶକ ହରାଇଲେ ୨.୨୬ ଲକ୍ଷ କୋଟି ଟଙ୍କା



**ନୂଆଦିଲ୍ଲୀ:** ଭାରତୀୟ ସେୟାର ବଜାର ଆଜି ଜୁଲାଇ ୨୪ରେ ବଡ଼ ହ୍ରାସ ସହ ଦେଖିବାକୁ ମିଳିଛି । କମ୍ପାନିଗୁଡ଼ିକର ଦୁର୍ବଳ ପରିଣାମ ଓ ବିଦେଶୀ ନିବେଶକଙ୍କ ବିକ୍ରି ଯୋଗୁଁ ଘରୋଇ ନିବେଶକଙ୍କ ସେଣ୍ଟିମେଣ୍ଟ ମଧ ଦୁର୍ବଳ ରହିଛି । କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୫୪୨.୪୭ ଅଙ୍କ ବା ୦.୬୬ ପ୍ରତିଶତ ହ୍ରାସ ପାଇ ୮୨,୧୮୪.୧୭ ସ୍ତରରେ ବନ୍ଦ ହୋଇଛି । ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ୫୦ ସେୟାର ବିଶିଷ୍ଟ ନିଫ୍ଟି ୫୦, ୧୫୭.୮୦ ଅଙ୍କ ବା ୦.୬୩ ପ୍ରତିଶତ ହ୍ରାସ ପାଇ ୨୫,୦୬୨.୧୦ ସ୍ତରରେ ବନ୍ଦ ହୋଇଛି। ଏହି କାରଣରୁ ଆଜି ନିବେଶକଙ୍କୁ ୨ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଓ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ବି ଆଧା ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଛି । ନିଫ୍ଟି ପିଏସ୍‌ୟୁ ଇଣ୍ଡେକ୍ସରେ ୧.୨ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି, ସେହିପରି ନିଫ୍ଟି ଫାର୍ମାରେ ୦.୬ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଅନ୍ୟପଟେ ଆଜିର କାରବାରରେ ଆଇଟି ସେୟାରଗୁଡ଼ିକ ସବୁଠୁ ଖରାପ ପ୍ରଦର୍ଶନ କରିଥିଲେ । ନିଫ୍ଟି ଆଇଟି ୨.୨ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି ।

### ଏମର୍ଜେନ୍ସି କୋଟାରେ ଟ୍ରେନ୍ ଟିକଟ ବୁକିଂ ନିୟମରେ ପରିବର୍ତ୍ତନ

## ଦିନକ ଆଗରୁ ଆବେଦନ ଜରୁରି

**ନୂଆଦିଲ୍ଲୀ,୨୪।୭:** ଭାରତୀୟ ରେଲୱେ ପକ୍ଷରୁ ଏମର୍ଜେନ୍ସି କୋଟା (ଇକ୍ୟୁ) ଟିକଟ ବୁକିଂ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଯାତ୍ରୀଙ୍କୁ ଜରୁରି ଟିକଟ ଲାଗି ଗୋଟିଏ ଦିନ ଆଗରୁ ଆବେଦନ କରିବାକୁ ପଡ଼ିବ । ଯାତ୍ରା ଦିନ କରାଯାଇଥିବା ଆବେଦନକୁ ଗ୍ରହଣ କରାଯିବନି। ବୁଧବାର ଠାରୁ ଲାଗୁ ହୋଇଛି ନୂଆ ନିୟମ । ଯାତ୍ରୀଙ୍କ ଚାର୍ଟ ପ୍ରସ୍ତୁତି ପ୍ରକ୍ରିୟାକୁ ସହଜ କରିବା ଏବଂ ଟିକଟ କଳାବଜାରୀକୁ ରୋକିବାରେ ନୂଆ ନିୟମ ସହାୟକ ହେବ ବୋଲି ରେଳ ବୋର୍ଡ ପକ୍ଷରୁ କୁହାଯାଇଛି । ଯେଉଁ ଟ୍ରେନର ଯାତ୍ରା ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ମଧ୍ୟରେ ରହିଛି, ସେ କ୍ଷେତ୍ରରେ ଏମର୍ଜେନ୍ସି କୋଟା ଆବେଦନ ଯାତ୍ରାର ଗୋଟିଏ ଦିନ ପୂର୍ବରୁ ପୂର୍ବାହ୍ନ ୧୨ଟା ସୁଦ୍ଧା କରିବାକୁ ହେବ ।



### ଆଜିର ସୁନା ଦର



ସାମାନ୍ୟ ଆଶ୍ୱସ୍ତି । କମିଲା ସୁନା ଦାମ୍ । ଜୁଲାଇ ୨୪ ଅର୍ଥାତ୍ ଗୁରୁବାର କମିଛି ସୁନା ଦାମ୍ । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦,୯୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୫୫୦ ଟଙ୍କା ଛୁଇଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୦,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୧,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୫୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୦,୯୭୦ ଓ ୯୨ ହଜାର ୫୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୮ ,୦୦୦ ଟଙ୍କା ହୋଇଛି ।

### ଆଜିର ପେଟ୍ରୋଲ, ଡିଜେଲ ଦର



ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି । କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି ।

# ଚିତାଲାଗି ଅମାବାସ୍ୟାରେ ଗେଣ୍ଡାପୂଜା

**କାକଟପୁର/ଅସ୍ତରଙ୍ଗ,୨୪।୭ (ସଂଚାର ବ୍ୟୁରୋ):**ଶ୍ରାବଣ ଅମାବାସ୍ୟା ତଥା ଚିତାଲାଗି ଅମାବାସ୍ୟା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ଗୁରୁବାର ଅପରାହ୍ନ ରେ ଗେଣ୍ଡାଙ୍କୁ ପୂଜା କରାଯିବା ସହ ସେମାନଙ୍କୁ ଅରୁଆ ଚାଉଳରେ ପ୍ରସ୍ତୁତ ଚିତଉ ପିଠା ଖାଇବାକୁ ଦିଆଯାଇଥିଲା। ଚାଷ ଜମିର ମିତ ଭାବେ ପରିଚିତ ଗେଣ୍ଡା କୃଷକଙ୍କ ବନ୍ଧୁ ଅଟେ। ବର୍ଷାଦିନେ ତଥା ଶ୍ରାବଣ ମାସରେ ଚାଷ ଜମିରେ ଅସଂଖ୍ୟ ଗେଣ୍ଡା ଜନ୍ମଲାଭ କରୁଥିବା ବେଳେ ମାଟିକୁ ହାଲୁକା ଛିଦ୍ରଯୁକ୍ତ କରାଇ ଉର୍ବର କରିଥାନ୍ତି। ଚାଷଜମିରେ



ଗେଣ୍ଡା ରହି ଅପକାରୀ ଶୈବାଳ, ଚକଡା ପୋକ ଆଦିକୁ ଭକ୍ଷଣ କରିବା ସହ ଚାଷକୁ ସୁରକ୍ଷା ଦେଇଥାଏ। ମୃତ୍ତିକାର ଉପକାର କଲେ ମଧ କ୍ଷେତରେ ଚାଷୀଙ୍କ ପାଦକୁ ଗେଣ୍ଡା କାଟି ଦେଇଥାଏ। ତେଣୁ ଚିତାଲାଗି ଅମାବାସ୍ୟାରେ ପ୍ରତ୍ୟେକ ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପିଠା କରାଯାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଖାଇବା ପାଇଁ ଜମିରେ ଦିଆଯାଇଥିଲା। ଏଥିସହ ବନ୍ୟା ଜଳରୁ ଫସଲର ସୁରକ୍ଷା ପାଇଁ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ପାଣିରେ ଚିତଉ ପିଠାକୁ ଚାଷୀମାନେ ଭସାଇଥିବା ପରିଲକ୍ଷିତ ହୋଇଥିଲା। ଏହା ଦ୍ୱାରା ଗେଣ୍ଡାମାନେ କୃଷିର ସୁରକ୍ଷା କରିବା ସହ କୃଷକଙ୍କୁ ନିଜର ବନ୍ଧୁ ବୋଲି ଭାବି ଆକ୍ରମଣ କରିବେ ନାହିଁ ଓ ବରୁଣ ଦେବତାଙ୍କ ଆର୍ଶୀବାଦରୁ ବର୍ଷା ଓ ବନ୍ୟାରେ ଫସଲ କ୍ଷତି ହେବ ନାହିଁ ବୋଲି ଲୋକକଥା ରହିଥିବା ସଂପର୍କରେ ଅସ୍ତରଙ୍ଗ ଅଞ୍ଚଳର ଚାଷୀ ତଥା ଶିକ୍ଷାବିତି ରବୀନ୍ଦ୍ର ମହାନ୍ତି,ଗ୍ରାମର ଅଗ୍ରଣୀ ଚାଷୀ ବ୍ରଜକିଶୋର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ଅସ୍ତରଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ନବଘନ ବେହେରା ପ୍ରକାଶ କରିଛନ୍ତି।

# ଭିନ୍ନକ୍ଷମଙ୍କୁ ଅନଲାଇନ ପ୍ରମାଣପତ୍ର କେବେ ?

## ଆରଟିଆଇରେ ଉତ୍ତର ରଖୁନାହାନ୍ତି ସରକାରୀ ବାବୁ

**ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ୮୦ ପ୍ରତିଶତ ଓ ତଦୁର୍ଦ୍ଧ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ ଘୋଷଣା ପରେ ଭିନ୍ନକ୍ଷମଙ୍କ ମନରେ ଖୁସିର ଲହରୀ ଖେଳିଥିଲା। ମାତ୍ର ଯୋଜନା କାର୍ଯ୍ୟକାରୀ ହେଲା ପରେ ତୃଣମୂଳ ସ୍ତରରେ ବହୁ ପ୍ରକୃତ ଭିନ୍ନକ୍ଷମଙ୍କ ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହୋଉଛନ୍ତି ଭିନ୍ନକ୍ଷମ ହିତାଧିକାରୀ। ପୂର୍ବ ସରକାରଙ୍କ ଅମଳରୁ ଭିନ୍ନକ୍ଷମ ଭତ୍ତା ପାଉଥିବା ବହୁ ହିତାଧିକାରୀଙ୍କ ଭତ୍ତାକୁ ନୂତନ ସରକାର ଅନଲାଇନ ପ୍ରମାଣପତ୍ର ବାହାନାରେ ବନ୍ଦ କରିଦେଇଥିବା ନେଇ ବହୁ ଭିନ୍ନକ୍ଷମ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି। ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଏବେ ଭିନ୍ନକ୍ଷମଙ୍କୁ ବାରଦୁଆର ହେବାକୁ ପଡୁଛି।

ବ୍ଲକ ସ୍ତରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ହେଉ ଅବା ଜିଲ୍ଲା ଚିକିତ୍ସାଳୟରେ ଭିନ୍ନକ୍ଷମ ଚିହ୍ନଟ ଶିବିର ସବୁ ଜାଗାରେ ଆବେଦନ କରି ବହୁ ଭିନ୍ନକ୍ଷମ ବ୍ୟକ୍ତି ମାନେ ଏବେ ଅନଲାଇନ ପ୍ରମାଣପତ୍ର ପାଇଁ ଚାତକ ପରି ଚାହିଁ ବସିଛନ୍ତି। ଅସ୍ତି ପଞ୍ଚାୟତର କନକ ପ୍ରଧାନ, ବଣିଆଡିହା ପଞ୍ଚାୟତର ମଣ୍ଟୁ ଦାସ, ବାଲିକୁଟି ପଞ୍ଚାୟତର ରୁପାଲି ଭୂୟାଁ, ସୁଶୀଲ



ଦାସ, ବିଭୁତି ମହାନ୍ତି ପରି ବହୁ ପ୍ରକୃତ ଭିନ୍ନକ୍ଷମ ଯେଉଁମାନେକି ନିଜର ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ହେତୁ ଜନ୍ମରୁ ଅନ୍ୟ ଉପରେ ନିର୍ଭର କରିଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଅନଲାଇନ ପ୍ରମାଣପତ୍ର ମିଳିପାରୁନାହିଁ। ଯାହା ଫଳରେ ସେମାନେ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକ ସେହିପରି ବଣିଆଡିହା ପଞ୍ଚାୟତର କୈଳାସ ପଟ୍ଟାୟତ, ସାଇଜାଦେ ବିବି, ସାଉଡି ପଞ୍ଚାୟତର ରାଜଶ୍ରୀ ସାମନ୍ତ, ବାଲିକୁଟି ପଞ୍ଚାୟତର ବଳରାମ ଜେନା, ଝୁନାରାଣୀ ଜେନାଙ୍କ ପରି ବହୁ ଭିନ୍ନକ୍ଷମ ବ୍ୟକ୍ତି ଜନ୍ମରୁ ଏବଂ ବହୁବର୍ଷ ଧରି ଭିନ୍ନକ୍ଷମ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ଭିନ୍ନକ୍ଷମ ଭତ୍ତା ଆବେଦନ କରିପାରୁ ନାହାଁନ୍ତି। ତେବେ ଭିନ୍ନକ୍ଷମଙ୍କ ପ୍ରତି ପ୍ରଶାସନର ଏଭଳି ଖାମଖିଆଲି ନୀତିକୁ ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ନାପସନ୍ଦ କରିଛି। ସଂଗଠନ ତରଫରୁ ଗତ ମାର୍ଚ୍ଚ ମାସ ଏହି ଭିନ୍ନକ୍ଷମଙ୍କୁ ଅନଲାଇନ ପ୍ରମାଣପତ୍ର ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ବାଲେଶ୍ୱର ଠାରେ ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନାହିଁ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପଞ୍ଜିକୃତ ଆବେଦନକାରୀ ସଂଖ୍ୟା, ଅନଲାଇନ ପ୍ରମାଣପତ୍ର ପାଇଥିବା ଭିନ୍ନକ୍ଷମଙ୍କ ତାଲିକା ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ବିଳମ୍ବର କାରଣ ଆଦି ବିଷୟରେ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ନିମନ୍ତେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଜିଲ୍ଲା ଚିକିତ୍ସାଳୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ଅଫିସ, ବାଲେଶ୍ୱରକୁ ଅନୁରୋଧ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଉତ୍ତର ନଆସିବା ଉଭୟ ଅଫିସରେ କାର୍ଯ୍ୟକରୁଥିବା ସରକାରୀ ବାବୁଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଆଗକୁ ପ୍ରକୃତ ଭିନ୍ନକ୍ଷମଙ୍କୁ ଅନଲାଇନ ପ୍ରମାଣପତ୍ର ନମିଳେ ତେବେ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବା ସହିତ ଜିଲ୍ଲପାଳଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ସଂଗଠନର ସମସ୍ତ ସଦସ୍ୟ ପ୍ରକାଶ କରିଛନ୍ତ।

# ପରିବହନ ବିଭାଗ ଓ ବୈଶିଙ୍ଗା ପୁଲିସର ମିଳିତ ଯାଞ୍ଚ:୪ଲକ୍ଷ ଜୋରିମାନା ଆଦାୟ

**ବୈଶିଙ୍ଗା,୨୪।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ପରିବହନ ବିଭାଗ ଓ ବୈଶିଙ୍ଗା ପୁଲିସର ମିଳିତ ସହଯୋଗରେ ବୁଧବାର ରାତି ଦଶଟା ସମୟରେ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ରୁପସା ମୂଖ୍ୟ ରାସ୍ତାର କଦଳିଆ ଛକ ଓ ବୈଶିଙ୍ଗା ବଡ଼ସାହି ମୂଖ୍ୟ ରାସ୍ତାର ମୋହନପୁର ଛକଠାରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ମଦ୍ୟପାନ କରି ଗାଡ଼ି ଚାଳନା , ନାବାଳକ ଗାଡ଼ି ଚାଳକ , ବିନା ହେଲମେଟ ଓ ବିନା ସିଟବେଲ୍ଟ ଗାଡ଼ି ଚାଳନା ସହ ଟ୍ରାଫିକ ନିୟମର ଉଲ୍ଲଂଘନ ଆଦି ଅଭିଯୋଗରେ ୪ ଲକ୍ଷ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ତେବେ ପରିବହନ ବିଭାଗ ଓ ବୈଶିଙ୍ଗା ପୋଲିସର ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍‌ବାଗତ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ କରାଗଲେ ରାସ୍ତା ଦୁର୍ଘଟଣାକୁ ବହୁ ମାତ୍ରାରେ ଏଡାଇବା ସମ୍ଭବ ହେବା ସହିତ ଚୋରା ଗାଡି, ଚୋରା ତସ୍କରୀ ର ଖୁଲାସା ହୋଇପାରନ୍ତା ବୋଲି ଜନସାଧାରଣଙ୍କ ମଧରେ ମତ ପ୍ରକାଶ ପାଇଛି।

# ସହପାଠୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

**ବୈଶିଙ୍ଗା,୨୪।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ପୁଲିସ ପ୍ରଶାସନ ପକ୍ଷରୁ ଜନୈକା ବାଳିକାଙ୍କ ଅଶ୍ଳୀଳ ଫଟ ଭାଇରାଲ କରିଥିବା ଏକ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ଗୁ ପ୍ରକାଶ ଖୁଣ୍ଟା ଥାନା ଅଞ୍ଚଳର କେଶ ମୁର୍ମୁ ଙ୍କ ପୁତ୍ର ଭବାନୀଶଙ୍କର (୨୦) ଜନୈକା ସହପାଠୀଙ୍କ ସହିତ ବନ୍ଧୁତା ସ୍ଥାପନ କରି ଦୁର୍ବଳତାର ସୁଯୋଗ ନେଇ ବିଭିନ୍ନ ଅଶ୍ଳୀଳ ଫଟ ଉଠାଇ ଦୀର୍ଘ ଦିନ ଧରି ବ୍ଲାକ ମେଲିଂ କରି ଚାଲିଥିଲା । ଅନ୍ୟନ୍ୟ ଉପାୟ ନପାଇ ସହପାଠୀ ଜଣଙ୍କ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଥାନାଧିକାରୀ ବାରିଣି ଦାସ ପୁଲିସ ଟିମ୍ ସହିତ ଯୁବକ ଜଣକ ର ଠାବ କରି ଖୁଣ୍ଟା ଥାନା ଅଞ୍ଚଳରୁ ବୁଧବାର ରାତିରେ ଚଢାଉ କରି ବୈଶିଙ୍ଗା ଥାନାକୁ ଆଣିଥିଲେ । ଏ ନେଇ ୩୭୧/୨୫ ମୂଳେ ମାମଲା ରୁଜୁ କରି ଆଜି ଗୁରୁବାର ପୂର୍ବାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବୈଶିଙ୍ଗା,୨୪।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଗବପାଳ ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ରୁ ପ୍ରକାଶ ଆଗରିଆ ପଞ୍ଚାୟତ ର ଗବପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଈଶ୍ୱର ଦତ୍ତ ମହାନ୍ତ (୪୪ ) ବୁଧବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳୁ ଏହି ଘଟଣା ଜଣାପଡିବାପରେ ପରିବାର ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନାକୁ ନେଇଥିଲେ ମାତ୍ର ସେଠାରେ ଦାୟିତ୍ୱ ରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ପୁଲିସ ୩୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।ମୃତ୍ୟୁର କାରଣ ଜଣାପଡିନଥିବାରୁ ପୁଲିସ ତଦନ୍ତ କରୁଥିବା ଜଣାଯାଇଛି । ଡାକ୍ତରଖାନାରେ ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘରେ ପରିବାର ସମେତ ତାଙ୍କ ବିଧବା ସ୍ତ୍ରୀ ଦୁଇଟି ଝିଅ ଓ ଜଣେ ପୁଅ ଅଛନ୍ତି। ଗ୍ରାମ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ। ଏହି ଘଟଣା ଗବପାଳ ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

# ପାଣିରେ ବୁଡି ଭିନ୍ନକ୍ଷମ ମହିଳା ମୃତ



**ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ):**ବାଲେଶ୍ୱର ଜିଲ୍ଲା ବାଲିପାଳ ବ୍ଲକ ମହାବଳା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାଣିରେ ବୁଡି ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଗତକାଲି ମୃତ୍ୟୁ ହୋଇଛି। ଯୁବତୀଙ୍କ ମୃତ୍ୟୁକୁ ନେଇ ଆଖପାଖ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁସାରେ ମହାବଳା ଗ୍ରାମର ପ୍ରଦୀପ କୁମାର ସିଂଙ୍କ ସାନ ଝିଅ ବିନୟା ସିଂ(୩୮) ଜନ୍ମରୁ ବାତ ରୋଗରେ ପୀଡିତ ଥିଲେ। ଯୁବତୀ ଜଣକ ଗତକାଲି ସକାଳୁ ଘରେ କାହାରିକୁ ନଜଣାଇ କୁଆଡେ ଚାଲିଯାଇଥିଲେ। କିଛି ଘଣ୍ଟା ପରେ ଘର ଲୋକେ ଖୋଜା ଖୋଜି କରିବାରୁ ବାଡ଼ି ପଟେ ଦେଇ ଯାଇଥିବା ନଦୀରେ ଝିଅଟି ଭାସୁ ଥିବାର ଦେଖିବାକୁ ପାଇଥିଲେ। ପାଣିରେ ଭାସୁଥିବା ଦେଖି ମା ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଆପାଳ ପୋଲିସ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଘରକୁ ଆସି ସାନ୍ଧ୍ୟାରେ ଝିଅର ଅନ୍ତିମ ସଂସ୍କାର କରିଥିଲେ। ବିନୟା ଭିନ୍ନକ୍ଷମ ଝିଅ ହୋଇଥିଲେ ମଧ ଘରର ସମସ୍ତ ଦାୟିତ୍ୱ ନିଜେ ବୁଝିବା ସହ ଗାଁ ଗାଁ ବୁଲି ବହୁ ଲୋକଙ୍କୁ ସରକାରୀ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସରକାରୀ ପ୍ରମାଣପତ୍ର ପାଇବାରେ ସହଯୋଗ କରୁଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ଜନ ସେବାକେନ୍ଦ୍ରର ମାଲିକ ଏବଂ ଜନସାଧାରଣ ଦୁଃଖ ପ୍ରକାଶ କରିଛନ୍ତି ।

## ରେଲୱେ ଗଳିପୋଲ ନିର୍ମାଣରେ ବ୍ୟାପକ ଅନିୟମିତତା

# ତଦନ୍ତ ଦାବି କଲା କୋରାଇ ସଂଗ୍ରାମ ସମିତି

**ଯାଜପୁର ରୋଡ଼,୨୪।୭ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନ ଦଳର ଦୀର୍ଘଦିନର ଆନ୍ଦୋଳନ ପରେ ଇଷ୍ଟକଷ୍ଟ ରେଳ ବିଭାଗ ପକ୍ଷରୁ ଯାଜପୁର ରୋଡ ସ୍ଥିତ ଗୋପବନ୍ଧୁଛକ ଠାରୁ ଡ଼ାକବଙ୍ଗଳା ଛକ ପର୍ଯ୍ୟନ୍ତ ୫ କୋଟି ୧୬ ଲକ୍ଷ ଟଙ୍କା ଅଟକଳରେ ଯାଜପୁର କେନ୍ଦୁଝର ରୋଡ ରେଳ ଷ୍ଟେସନର ଏକ ଗଳିପୋଲନିର୍ମିତ ହୋଇଛି । ଯାହା ଏବେ ଏକମରଣ ଯନ୍ତାରେ ପରିଣତ ହୋଇଯାଇଛି ।

ଏକ ବର୍ଷ ପରେ ଠିକାଦାର ଓ ଯାଜପୁର କେନ୍ଦୁଝର ରୋଡ ଠାରେ ଥିବା ଏଡ଼ିଇ.ଏନ ମଧରେ ଥିବା ମଧୁଚନ୍ଦ୍ରିକା ଫଳରେ ଏହିନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେବା ସହ



କାର୍ଯ୍ୟଟି ସମ୍ପୂର୍ଣ ନକରି ତରବରିଆ ଭାବେ ଖୋଲି ଦେଇ ଚୁପକରି ବସି ରହିଛି । ତେବେ ଏହାକୁ ନେଇ ଏହାର ପ୍ରତିବାଦରେ କୋରାଇ ସଂଗ୍ରାମ ସମିତି ପକ୍ଷରୁ ସଭାପତି ବିଦ୍ୟାଧର ମହାନ୍ତି ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ଗତ ୨୧ ତାରିଖରେ ରେଳବିଭାଗର ଜେନେରାଲ ମ୍ୟାନେଜରଙ୍କୁ ଭିଜିଲାନ୍ସ ଦ୍ୱାରା କାର୍ଯ୍ୟଟିକୁ ତଦନ୍ତ କରିବା ସହିତ ଏହାର ଭୁଲ ଡିଜାଇନ ସଂଶୋଧନ ନକଲେ ଖୁବ ଶୀଘ୍ର ଯାଜପୁର ରୋଡ଼ ରେଳ ଷ୍ଟେସନ ସମ୍ମୁଖ ଠାରେ ଜନଆନ୍ଦୋଳନ କରିବାକୁ ଏକ ଚିଠିରେ ଉଲ୍ଲେଖ କରିଛନ୍ତି।

ଏପରିକି ଏହି ଗଳି ପୋଲରେ ୨ ଫୁଟ ଡ୍ରେନ ପାଣି ରହିବା ଦ୍ୱାରା ଯାତାୟାତ କ୍ଷେତ୍ରରେ ବଡକଷ୍ଟ ହେବାସହିତ ଦୈନିକ ଛୋଟ, ବଡ ଦୁର୍ଘଟଣା ଦେଖାଦେବା ସହ ଜନସାଧାରଣ ମାନଙ୍କୁ ଚର୍ମ ରୋଗ ହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ଯାଜପୁର ରୋଡ ପ୍ରତି ରେଳବିଭାଗର ଏପରି ବୈମାତୃକ ମନଭାବ ଯୋଗୁଁ ଏହି ଷ୍ଟେସନ ଠାରେ ଅନେକ ଦ୍ରୁତଗାମୀ ଟ୍ରେନ ରହଣି ହୋଇପାରୁନଥିବା ବେଳେ ସ୍ଥାନୀୟ ସାଇମନ୍ଦିର ପାଖ ଓଭରବ୍ରିଜ କାର୍ଯ୍ୟ ମଧ ନହେବାକୁ କଥାକୁ ନେଇ ଶ୍ରୀ ମହାନ୍ତି ଦୃଢ଼ନିନ୍ଦା କରିବା ସହ ଗଣମାଧମ ଆଗରେ ସୁଚନା ଦେଇଛନ୍ତି।



# ସବରେଜିଷ୍ଟ୍ରାର ଅଫିସକୁ ଠିକ୍ ସମୟରେ ଆସୁନାହାନ୍ତି କର୍ମଚାରୀ, ଲୋକେ ହଇରାଣ

**ବେତନଟୀ,୨୪।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ସବରେଜିଷ୍ଟ୍ରାର ଅଫିସରେ ପ୍ରଶାସନିକ ଅବହେଳା ଯୋଗୁଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ସାଢ଼େ ୧୦ଟା ପରେ ମଧ ଅଫିସରେ କୌଣସି କର୍ମଚାରୀ ଉପସ୍ଥିତ ନଥିବା ଅଭିଯୋଗ ଉଠିଛି। ଯଦିଓ ଟ୍ରଷ୍ଟ ଡିଡ୍ ଓ ପ୍ଲଟ ବିକ୍ରି ସମ୍ପର୍କିତ କାର୍ଯ୍ୟ ପାଇଁ ସମୟ ୧୦ଟାରେ ନିର୍ଦ୍ଧାରିତ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଅଫିସରେ କର୍ମଚାରୀମାନେ ନିଜ ଇଚ୍ଛାମୁତାବକ ସମୟରେ ଆସୁଥିବା ଅଭିଯୋଗ ରହିଛି। ଏହା ଯୋଗୁଁ ଜମି ରେଜିଷ୍ଟ୍ରୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ କାର୍ଯ୍ୟ ପାଇଁ ଅଫିସକୁ ଆସୁଥିବା ଜନସାଧାରଣଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏହି ଭଳି ଅବହେଳା ଯୋଗୁଁ ଜନସାଧାରଣ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ସବରେଜିଷ୍ଟ୍ରାର ଅଫିସରେ କର୍ମଚାରୀଙ୍କ ଅନୁପସ୍ଥିତି ଓ ଅସମୟରେ ଅଫିସ ଆସିବା ନିୟମିତ ଘଟଣା ହୋଇପଡ଼ିଛି। ଏହା ଜନସେବାକୁ ବାଧାପ୍ରାପ୍ତ କରୁଥିବା ସହ ଜମି କିଣାବିକା ଓ ଅନ୍ୟାନ୍ୟ ଦସ୍ତାବିଜ ସମ୍ପର୍କିତ କାର୍ଯ୍ୟରେ ବିଳମ୍ବ ଘଟାଉଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ସବରେଜିଷ୍ଟ୍ରାର ଅଫିସରେ ଦାୟିତ୍ୱଶୀଳ କର୍ମଚାରୀ ନିଯୁକ୍ତି ଓ ସମୟାନୁବର୍ତ୍ତିତା ନିଶ୍ଚିତ କରିବାକୁ ଜନସାଧାରଣ ଦାବି କରିଛନ୍ତି।

ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଶାସନିକ ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ହୋଇଛି। ଜନସାଧାରଣ ପ୍ରଶାସନକୁ ତୁରନ୍ତ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛନ୍ତି, ଯାହା ଦ୍ୱାରା ସବରେଜିଷ୍ଟ୍ରାର ଅଫିସରେ ସୁଗମ ଓ ସମୟାନୁକୂଳ ସେବା ସୁନିଶ୍ଚିତ ହୋଇପାରିବ।

# ଚିକିତ୍ସାଧୀନ ଛାତ୍ରୀ ନିଖୋଜ, ଅପହରଣ ସନ୍ଦେହ

**ନୀଳଗିରି,୨୪।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଭଉଁରିଆଁବାଡ଼ ପଞ୍ଚାୟତ ବଣଭୂଇଁ ଏସ.ଏସ.ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ନିଖୋଜ। ପ୍ରାପ୍ତ ସୂଚନା ଅନୁସାରେ ଉକ୍ତ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ (ଛଦ୍ମ ନାମ) ଫୁଲ ଗତ ୨୧ ତାରିଖ ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହେଉଥିବା ସମୟରେ ବିଦ୍ୟାଳୟର (ଶିଶିଏ) ରୋଷେୟା କମ୍ ଅନୁଚର ପ୍ରତିମା ମଲ୍ଲିକ ଏବଂ ଝିଅର ମା ମେଡିକାଲ ବେଡ଼ରେ ଜଗିଥିଲେ। ମାତ୍ର ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ଛାତ୍ରୀ ଜଣକ ଶୌଚ ଯିବା ଆଳରେ କୁଆଡ଼େ ନିଖୋଜ ହୋଇ ଯାଇଥିଲେ ଅଭିଯୋଗ ହୋଇଛି। ପରେ ଶିଶିଏ ଏବଂ ମା ମିଶି ଝିଅକୁ ମେଡିକାଲ ପରିସରରେ ବହୁ ଖୋଜାଖୋଜି କରିବା ପରେ ମଧ ଝିଅର ସନ୍ଧାନ ପାଇନଥିଲେ। ତେବେ ତାଙ୍କୁ ଅପହରଣ ନେଇ ସନ୍ଦେହ କରାଯାଉଛି ବୋଲି ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି।



# ଏଫ୍‌ଏମ୍ ଛାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା ଓ ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

**ବେତନଟୀ,୨୪।୭ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟିର ସମ୍ମାନନୀୟ ଭକ୍ତ ଦାସଙ୍କ ଆହ୍ୱାନ କ୍ରମେ ଆଜି ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ କଂଗ୍ରେସ ବ୍ଲକ ସଭାପତି ସମ୍ମାନନୀୟ କୁଶଧର ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ପିସିସି ସଦସ୍ୟ ସୁଭାଷ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବେତନଟୀ ବ୍ଲକ ଅନ୍ତର୍ଗତ ବଙ୍ଗଳାଛକ ଠାରେ ଥିବା ଦିବଂଗତ ଭୁତପୁର୍ବ ଓଡିଶା ର ବାଚସ୍ପତି ପ୍ରଶନ୍ନ କୁମାର ଦାସ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଫକିର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପାର୍ଥନା କରାଯିବା ସହିତ ବଳଙ୍ଗା ପିଡ଼ିତା ଛାତ୍ରୀଙ୍କର ଆଶୁଆରୋଗ୍ୟ କାମନା କରାଯାଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

## ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ

# ବେନିୟମ ପାର୍କିଂ ଉଚ୍ଛେଦ, ଏନଫୋର୍ସମେଣ୍ଟ୍ ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼,୨୪।୭ (ସଂଚାର ବ୍ୟୁରୋ):** ଗୁରୁବାର ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ଙ୍କ ଅଧକ୍ଷତାରେ ସଦଭାବନା ଭବନ ଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ରାଉରକେଲାଙ୍କ ତରଫରୁ ନିଜ ନିଜ ଅଞ୍ଚଳ ଅନ୍ତର୍ଗତ ସଡ଼କ ଦୁର୍ଘଟଣା ତଥ୍ୟ, ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ବୈଠକରେ କ୍ରମାଗତ ଏନଫୋର୍ସମେଣ୍ଟ କରାଯିବା, ସଡ଼କ ସୁରକ୍ଷା ନିୟମ ଉଲଂଘନ କରୁଥିବା ଚାଳକ ମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା, ପେଟ୍ରୋଲିଂକୁ ବଢେଇବା ,



ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବେନିୟମ ପାର୍କିଂ ଉଚ୍ଛେଦ, ନିୟମିତ ଏନଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାସ୍ତା ମରାମତି, ରାସ୍ତାରେ ଆଲୋକିକରଣ, ବ୍ଲାକ ସ୍ପଟ, ରାସ୍ତା ନିକଟରେ ଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ସଡ଼କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବା ଉପରେ ମଧ ଆଲୋଚନା କରାଯାଇଥିଲା। ବିଶେଷ କରି ରାସ୍ତାରେ ଗୋରୁ ଗାଈ ମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବାରୁ ଏଥି ପ୍ରତି ପଦକ୍ଷେପ ଗ୍ରହଣ କରାଯିବାକୁ ପୌରପାଳିକାର ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ସୋଲାସିୟମ ଯୋଜନା ଉପରେ ମଧ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇଥିଲା।

## ଦାଦନ ଶ୍ରମିକ ଜୀବନରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ଉଚ୍ଚଶିକ୍ଷା ପାଇଁ ବାଟ ଫିଟାଇଲେ ଜିଲ୍ଲାପାଳ

**ଲାଞ୍ଜିଗଡ,୨୪।୭ (ସଂଚାର ବ୍ୟୁରୋ):** ଦଶମ ବୋର୍ଡ ପରୀକ୍ଷାରେ ଏ-୨ ଗ୍ରେଡ ପାଇ ୪୯୮ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ସମଗ୍ର ବ୍ଲକକୁ ଗୌରବାନ୍ୱିତ କରିଥିବା ଲାଞ୍ଜିଗଡ ବ୍ଲକ କୁମଖାଳ ପଞ୍ଚାୟତ ଟିମନଭାଡ଼ି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ର ସୁରଜ୍ ନାଗ ଜଣେ ଅତି ଗରିବ ଘରର ପିଲା। ଦଶମ ବୋର୍ଡ ପରୀକ୍ଷାରେ ସଫଳତାକୁ ନେଇ ନିଜ ପରିବାର ଓ ଗାଁ ଲୋକ ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ବେଶ୍ ଖୁସି ହୋଇଥିଲେ। ଏହି ସଫଳତା ପାଇଁ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମେଧାବୀ ଛାତ୍ର ସୁରଜ୍ ଓ ଆଉ ଦୁଇ ଜଣ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ହେଲେ ଏହି କାର୍ଯ୍ୟକ୍ରମରେ ଅନ୍ୟ ଦୁଇ ଜଣ ଛାତ୍ରଙ୍କ ସହିତ ସୁରଜ୍ ନାଗ ସାମିଲ ହୋଇପାରିନଥିଲେ। ପରିବାରର ଦାରିଦ୍ରତା ସ୍ଥିତି ପ୍ରତିବନ୍ଧକ ସାଜିଥିଲା। ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ପାସ କରିଥିଲେ ମଧ କଲେଜରେ ନାମ ଲେଖାଇ ପାଠ ପଢ଼ିବାର ସ୍ୱପ୍ନ ଓ ଆଶାକୁ ପଛରେ ପକାଇ ଅର୍ଥ ଉପାର୍ଜନ ପାଇଁ ଚାଲିଯାଇଥିଲା ସୁଦୂର କେରଳ।

ପାଠପଢ଼ାରେ ଡୋରି, ମାଟ୍ରିକ ଟପ୍ପର ସୁରଜ୍



ପରିବାର ପାଇଁ କେରଳରେ ଦାଦନ ଶ୍ରମିକ ଖବର ଜିଲ୍ଲାପାଳଙ୍କ ନଜରକୁ ଆସିବା ସଙ୍ଗେ ସଙ୍ଗେ ଏହାର ତଦନ୍ତ କରି ସୁରଜକୁ କେରଳରୁ ଆଣି ତାର ପାଠ ପଢ଼ିବାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦାରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହଯୋଗରେ କେରଳରୁ ସୁରଜ୍ ନାଗଙ୍କୁ ଠାବ କରି ତାକୁ କଳାହାଣ୍ଡି ଜିଲ୍ଲାକୁ ଅଣାଯାଇଥିଲା। ସୁରଜ୍ ନାଗ ନିଜ ଜିଲ୍ଲାକୁ ଫେରି ଜିଲ୍ଲାପାଳ କଳାହାଣ୍ଡିଙ୍କୁ ଭେଟି ନିଜର ସବୁ ଦୁଃଖ ଜଣାଇଥିଲେ। ସେ ଜଣେ ମେଧାବୀ ଛାତ୍ର ହେଲେ ସୁଧା ପରିବାରର ଆର୍ଥିକ ସମ୍ବଳ ନଥିବାରୁ କଲେଜରେ ପାଠ ପଢିବା ତା ପାଇଁ ସମ୍ଭବ ନ ଥିବା ହେତୁ ଜିଲ୍ଲା ପ୍ରଶାସନ ତରଫରୁ ତାର ପାଠ ପଢ଼ା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କୁ ବିନମ୍ର ନିବେଦନ କରିଥିଲେ। ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଉଦାର ହୃଦୟରେ ଏହାର ସୁବିଚାର କରି ତୁରନ୍ତ କଲେଜରେ ସୁରଜ୍ ର ପାଠପଢ଼ା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫୬,୭୨୦ ଟଙ୍କା ମଞ୍ଜୁର କରି ପ୍ରଦାନ କରିଥିଲେ ଏବଂ ସୁରଜର ଉନ୍ନତ ଭବିଷ୍ୟତ କାମନା କରିବା ସହିତ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ତା ସହିତ ସୁରଜ୍ ର ପାଠ ପଢା ପାଇଁ ଆବଶ୍ୟକ ପାଠ୍ୟ ପୁସ୍ତକ ମଧ ଜିଲ୍ଲାପାଳ ସୁରଜ୍ କୁ ସ୍ୱହସ୍ତରେ ପ୍ରଦାନ କରିଥିଲେ । ସୁରଜ୍ ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଯୁକ୍ତ ଦୁଇ କଳା ଶ୍ରେଣୀର ପ୍ରଥମ ବର୍ଷ ଛାତ୍ର ଭାବେ ନିଜର ଆଡ଼ମିସନ କରିସାରିଛି ଏବଂ ହଷ୍ଟେଲରେ ରହିବାର ସହିତ ତାର ସମସ୍ତ ଆବଶ୍ୟକତାକୁ ବ୍ୟବସ୍ଥିତ ଢଙ୍ଗରେ ଜିଲ୍ଲା ପ୍ରଶାସନ କଳାହାଣ୍ଡି ତରଫରୁ କରାଯାଇଛି। ଜିଲ୍ଲାପାଳଙ୍କ ଉଦ୍ୟମରେ ଜିଲ୍ଲା ପ୍ରଶାସନ ତରଫରୁ ସୁରଜକୁ କଲେଜରେ ପାଠ ପଢ଼ିବାର ସୁଯୋଗ ମିଳିଥିବାରୁ ସୁରଜ୍ ଜିଲ୍ଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ।


ସଂଚାର SANCHAR ଶୁକ୍ରବାର ୨୫ ଜୁଲାଇ ୨୦୨୫

# ପର୍ଯ୍ୟଟନ

# ଗୋଟିଏ ରେଖାରେ ଅଛି ୭ ଶିବ ମନ୍ଦିର

## କଣ ରହିଛି ଶିବଶକ୍ତି ରେଖାର ରହସ୍ୟ ?







ଧାର୍ମିକ ରହସ୍ୟରେ ଭରପୁର ଭାରତ। ଏହି ରହସ୍ୟ ମଧ୍ୟରୁ ଅନ୍ୟତମ ଶିବ ଶକ୍ତି ରେଖା। ଏହି ଅଦ୍ଭୁତ ରେଖା ଉତ୍ତରାଖଣ୍ଡର କେଦାରନାଥରୁ ଆରମ୍ଭ ହୋଇ ତାମିଲନାଡୁର ରାମେଶ୍ୱରରେ ସରିଛି। ୨ ହଜାର ୩୮୨ କିଲୋମିଟର ବିଶିଷ୍ଟ ଏହି ରେଖାରେ ଭାରତର ପ୍ରମୁଖ ୭ଟି ଶିବ ଲିଙ୍ଗ ରହିଛି। ଏହି ସବୁ ମନ୍ଦିର ପ୍ରାୟତଃ ୭୯ ଡିଗ୍ରୀ ଦେଶାନ୍ତରରେ ଅବସ୍ଥିତ। ଯାହାକି ଏକ ଅଦ୍ଭୁତ ସଂଯୋଗ ଏବଂ ରହସ୍ୟ ସୃଷ୍ଟି କରୁଛି। ଅଦ୍ଭୁତ ଶିବ ଶକ୍ତି ରେଖାରେ ପଞ୍ଚତତ୍ତ୍ୱ ଜଳ, ବାୟୁ, ଅଗ୍ନି, ପୃଥିବୀ ଏବଂ ଆକାଅକୁ ଦର୍ଶାଉଥିବା ୫ଟି ଶିବ ମନ୍ଦିର ଆସୁଛି। ଏହି ସଂଯୋଜନା ଆଧାତ୍ମିକତା ଦୃଷ୍ଟିରୁ ଖୁବ ମହତ୍ତ୍ୱପୂର୍ଣ୍ଣ।

### କେଦାରନାଥ ଧାମ

ହିମାଳୟ କୋଳରେ ଅବସ୍ଥିତ କେଦାରନାଥ ମନ୍ଦିର ରୁଦ୍ରପ୍ରୟାଗ ଜିଲ୍ଲାରେ ଅବସ୍ଥିତ। ଏହା ଭଗବାନ ଶିବଙ୍କ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏହାକୁ ଅର୍ଦ୍ଧେଜ୍ୟୋତିର୍ଲିଙ୍ଗ ମଧ କୁହାଯାଏ।

### ଶ୍ରୀକାଲାହସ୍ତି ମନ୍ଦିର

ଆନ୍ଧ୍ର ପ୍ରଦେଶ ଚିତ୍ତୁର ଜିଲ୍ଲାରେ ଅବସ୍ଥିତ ମନ୍ଦିର ବାୟୁ ତତ୍ତ୍ୱକୁ ପ୍ରତିନିଧିତ୍ୱ କରୁଛି। ଏହି ଲିଙ୍ଗକୁ ସ୍ୱୟମ୍ଭୂ ଏବଂ ଜୀବିତ ଲିଙ୍ଗ କୁହାଯାଏ। ଏହି ମନ୍ଦିର ତିରୁପତି ଠାରୁ କିଛି ଦୂରରେ ଅବସ୍ଥିତ।

### ଏକାମ୍ରେଶ୍ୱରନାଥ ମନ୍ଦିର

ଏହି ମନ୍ଦିର ପୃଥିବୀ ତତ୍ତ୍ୱବକୁ ପ୍ରତିନିଧିତ୍ୱ କରେ। ଏହା କାଞ୍ଚିପୁରମର ପ୍ରମୁଖ ଶିବ ମଧ୍ୟରୁ ଅନ୍ୟତମ। କୁହାଯାଏ ମାତା ପାର୍ବତୀ ଏଠାରେ ମାଟିରେ ଶିବଲିଙ୍ଗ କରି ପୂଜା କରିଥିଲେ।

### ଅରୁଣାଚଳେଶ୍ୱର ମନ୍ଦିର

ଏହି ମନ୍ଦିର ଅଗ୍ନି ତତ୍ତ୍ୱର ପ୍ରତୀକ। ଏହା ଅରୁଣାଚଳ ପର୍ବତର ତଟରେ ଅବସ୍ଥିତ। ଏଠାରେ ଦୀପମ୍ ପର୍ବ ଏବଂ କାର୍ତ୍ତିଗଇ ଦୀପୋତ୍ସବ ଖୁବ୍ ପ୍ରସିଦ୍ଧ।

### ଜମ୍ବୁକେଶ୍ୱର ମନ୍ଦିର

ଏହି ମନ୍ଦିର ଜଳ ତତ୍ତ୍ୱକୁ ପ୍ରତିଧିତ୍ୱ କରୁଛି। ଏହି ମନ୍ଦିର ପ୍ରାୟତଃ ୧୮୦୦ ବର୍ଷ ପୁରୁଣା। ଏଠାରେ ଏକ ଜଳସ୍ରୋତ ନିକଟରେ ଶିବଙ୍କ ପୂଜା କରାଯାଏ।

### ଥିଲ୍ଲଇ ନଟରାଜ ମନ୍ଦିର

ଏହି ମନ୍ଦିର ଆକାଶ ତତ୍ତ୍ୱର ପ୍ରତୀକ। ଏଠାରେ ଭଗବାନ ଶିବ ନୃତ୍ୟ ମୁଦ୍ରାରେ ପୂଜା ପାଆନ୍ତି। ନୃତ୍ୟର ୧୦୮ ଭଙ୍ଗୀକୁ ଏଠାରେ ଦର୍ଶା ଯାଇଛି।

### ରାମେଶ୍ୱର ମନ୍ଦିର :

ଭଗବାନ ରାମଙ୍କ ସହ ଜଡ଼ିତ ରାମେଶ୍ୱର ମନ୍ଦିର। ଏହାକୁ ରାମଲିଙ୍ଗେଶ୍ୱର ମଧ କୁହାଯାଏ। ଏହା ଶିବ ଶକ୍ତି ରେଖାର ଅନ୍ତିମ ମନ୍ଦିର। ଏହି ରେଖା ଭାରତର ଅନନ୍ୟ ସଂସ୍କୃତିକୁ ଦର୍ଶାଉଛି। ଏହା ଦର୍ଶାଉଛି ଯେ, ଭାରତରେ ଆଧାତ୍ମିକ ଉର୍ଜା ସହ ଭୂଗୋଳର ଗଭୀର ସମ୍ପର୍କ ରହିଛି।





# ୟୁପିର ଏକ ଚମତ୍କାରୀ ମନ୍ଦିର

ସାଓ୍ୱନ ମାସକୁ ଭୋଲେନାଥଙ୍କର ପ୍ରିୟ ମାସ ବୋଲି ବିବେଚନା କରାଯାଏ। ଏହି ମାସରେ ଭୋଲେନାଥଙ୍କ ପୂଜା କରିବା ଦ୍ୱାରା ସେ ଶୀଘ୍ର ଖୁସି ହୋଇଯାଆନ୍ତି ଏବଂ ତାଙ୍କ ଭକ୍ତମାନଙ୍କୁ ଆଶୀର୍ବାଦ କରନ୍ତି ଏବଂ ସେମାନଙ୍କର ଇଚ୍ଛା ମଧ ପୂରଣ କରନ୍ତି । ଶାବଣ ମାସରେ, ଭଗବାନ ଶିବଙ୍କ ମନ୍ଦିର ଏବଂ ଶିବାଳୟଗୁଡ଼ିକରେ ଭକ୍ତମାନଙ୍କର ଧାଡି ଛୁଟିଥାଏ ଏବଂ ସମସ୍ତେ ଦେବତାମାନଙ୍କ ଦେବତା ମହାଦେବଙ୍କୁ ପୂଜା କରିବାକୁ ଏବଂ ତାଙ୍କ ଉପରେ ଜଳାଭିଷେକ କରିବାକୁ ଚାହାଁନ୍ତି । ଶାବଣର ବିଶେଷ ଅବସରରେ, ଆସନ୍ତୁ ଜାଣିବା ଏପରି ଏକ ମନ୍ଦିର ବିଷୟରେ ଯେଉଁଠାରେ ପହଞ୍ଚିବା ପାଇଁ ଡଙ୍ଗାର ସାହାଯ୍ୟ ନେବାକୁ ପଡ଼ିଥାଏ । ସୁଜବନ ଦେବ ମନ୍ଦିର, ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । ଏହି ମନ୍ଦିର ପ୍ରୟାଗରାଜରେ ଅବସ୍ଥିତ । ଏହା ଭଗବାନ ଶିବଙ୍କ ପ୍ରାଚୀନ ମନ୍ଦିର ମଧ୍ୟରୁ ଗୋଟିଏ । ଏହି ମନ୍ଦିର ଯମୁନା ନଦୀର ମଧଭାଗରେ ଅବସ୍ଥିତ । ଏହି ମନ୍ଦିରକୁ ଯିବା ପାଇଁ ଭକ୍ତମାନଙ୍କୁ ଡଙ୍ଗାର ସାହାଯ୍ୟ ନେବାକୁ ପଡ଼ିଥାଏ । ଏହି ମନ୍ଦିରରେ, ଦେବତାମାନଙ୍କ ଦେବତା ମହାଦେବଙ୍କ ସହିତ, ମାତା ଯମୁନାଙ୍କୁ ମଧ ପୂଜା କରାଯାଏ । ଏହି ମନ୍ଦିର ମହାଦେବଙ୍କ ପ୍ରତି ଅନନ୍ୟ ଭକ୍ତିର ପ୍ରତୀକ । ଶହ ଶହ ବର୍ଷ ପୁରୁଣା ଏହି ମନ୍ଦିରକୁ ଦର୍ଶନ ପାଇଁ ଭକ୍ତମାନଙ୍କୁ ଡଙ୍ଗାର ସାହାଯ୍ୟ ନେବାକୁ ପଡିଥାଏ । ଏହି ମନ୍ଦିରର ସୌନ୍ଦର୍ଯ୍ୟ, ଚାରିପାଖରେ ପାଣି ଏବଂ ଶାନ୍ତିରେ ସମସ୍ତେ ମୁଗ୍ଧ । ଏହି ମନ୍ଦିରଟି ଭୂମିଠାରୁ ପ୍ରାୟ ୧୫୦ ଫୁଟ ଉଚ୍ଚତାରେ ନିର୍ମିତ । ପୂର୍ବରୁ ଏହି ମନ୍ଦିର ଯମୁନା ନଦୀର ମଧଭାଗରେ ଅବସ୍ଥିତ ଥିଲା, କିନ୍ତୁ ଜଳସ୍ତର କମ ଥିବାରୁ ଏହା ଏବେ କୂଳରେ ଅବସ୍ଥିତ । ବର୍ଷା ଏବଂ ବନ୍ୟା ସମୟରେ, ମନ୍ଦିରକୁ ଯିବା ପାଇଁ ଡଙ୍ଗାର ସାହାଯ୍ୟ ନେବାକୁ ପଡ଼ିଥାଏ ।

# କାହିଁକି ଢଳିକି ରହିଛି ହୁମାର ବାବା ବିମଳେଶ୍ୱର ମନ୍ଦିର ?

## ଜାଣନ୍ତୁ ଏହି ମନ୍ଦିରର ରହସ୍ୟ

କାହିଁକି ହୁମା ସ୍ଥିତ ବାବା ବିମଳେଶ୍ୱବର ମନ୍ଦିର ଢଳିକି ରହିଛି । ପଶ୍ଚିମ ଓଡ଼ିଶାର ଏହି ଅନନ୍ୟ ଶୈବପୀଠ ସେଥିପାଇଁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ । ଏହି ଶିବ ମନ୍ଦିର ଅନ୍ୟ ମନ୍ଦିର ଠାରୁ ଭିନ୍ନ । ମହାନଦୀ କୂଳରେ ଥିବା ଏହି ଶୈବ ପୀଠରର ମାହାତ୍ମ୍ୟ ଯେପରି ମହାନ୍ ମନ୍ଦିରର ଗଠନ ଶୈଳୀ ସେପରି ଚମତ୍କାର । ବାବା ବିମଳେଶ୍ୱରଙ୍କ ମନ୍ଦିରଟି ଗୋଟିଏ ପଟକୁ ଢଳି ରହିଥିବାରୁ ଏହା ପ୍ରଭୁଙ୍କ ଚମତ୍କାରିତା ବୋଲି ଭକ୍ତଙ୍କ ମନରେ ଯୁଗଯୁଗ ଧରି ବିଶ୍ୱାସ ରହି ଆସିଛି । ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ସମ୍ବଲପୁର ଜିଲ୍ଲାର ହୁମାସ୍ଥିତ ବିମଳେଶ୍ୱର ମନ୍ଦିର । ଗୋଟିଏ ପଟକୁ ଢଳି ରହିଥିବା ଏହି ମନ୍ଦିର ଯେତିକି ଆଶ୍ଚର୍ଯ୍ୟ ସେତିକି ବିସ୍ମୟ। ପ୍ରାୟ ୮୦୦ ବର୍ଷ ପୂର୍ବେ ବର୍ତ୍ତମାନର ମନ୍ଦିର ଥିବା ସ୍ଥାନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଏହି ସ୍ଥାନକୁ ଏକ ଗାଈ ପ୍ରତ୍ୟେକ ଦିନ ମହାନନଦୀ ପାର ହୋଇ ଆସୁଥିଲା । ଆଉ ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ତା' ପହ୍ନାରୁ ଆପେ ଆପେ କ୍ଷୀର ଝରୁଥିଲା। ଏହି ଘଟଣା ଦିନେ ଗାଈ ମାଲିକ ଦେଖି ଚକିତ ହୋଇଯାଇଥିଲେ । ତାଙ୍କ ଆଖିରୁ ଝରିଯାଇଥିଲା ଲୁହ । ସେଇ ଲୁହ ଶିବଲିଙ୍ଗ ଉପରେ ପଡିବାରୁ ଲିଙ୍ଗଟି ଟିକେ ବଙ୍କା ହୋଇଯାଇଥିଲା । ଏହି ଅଞ୍ଚଳରେ ବାବା ବିମଳେଶ୍ୱରକଙ୍କ ପୂଜା କରିବା ପାଇଁ ଗାଈ ମାଲିକଙ୍କୁ ରାତିରେ ସ୍ୱପ୍ନାଦେଶ ହୋଇଥିଲା । ସେହିଦିନ ଠାରୁ ଏଠାରେ ବାବା ବିମଳେଶ୍ୱର ପୂଜା ପାଇ ଆସୁଛନ୍ତି।

ଏହି ମନ୍ଦିରର ମୁଖ୍ୟ ପୂଜା ହେଉଛି ଶିବରାତ୍ରି, ଯାହା ୧୦ ଦିନ ଧରି ଚାଲିଥାଏ। ସକାଳ ୬ଟାରୁ ରାତି ୭ଟା ୩୦ ପର୍ଯ୍ୟନ୍ତ ଖୋଲା ହୋଇଥାଏ। ହେଲେ ଶ୍ରାବଣ ମାସରେ ମନ୍ଦିର ରାତି ୨ଟାରୁ ଖୋଲା ଯାଇଥାଏ। ହୁମା ବକ୍ର ମନ୍ଦିର ହେଉଛି ମଧ୍ୟଯୁଗୀୟ ସ୍ଥାପତ୍ୟ କଳାର ଚମତ୍କାର ନିଦର୍ଶନ। ହୁମା ଠାରେ ଥିବା ବାବା ବିମଳେଶ୍ୱଙ୍କ ଏହି ମନ୍ଦିରର ଅନେକ ମାହାତ୍ମ୍ୟ ରହିଛି। ଚୌହାନ ବଂଶର ରାଜାମାନେ ମହାନଦୀ କୂଳରେ ପାହାଡ଼ ଉପରେ ଅଭିନବ ଉପାୟରେ ମନ୍ଦିର ନିର୍ମାଣ କରାଇଛନ୍ତି। ମନ୍ଦିରର ପାଚେରି ମଧ ଟିକେ ବଙ୍କା । ମଧ୍ୟଯୁଗର ଏପରି ଭାସ୍କର୍ଯ୍ୟ ବହୁତ କମ ଦେଖିବାକୁ ମିଳିଛି । ତେବେ ସମ୍ବଲପୁରର ତତ୍କାଳୀନ ରାଜା ବଳରାମ ଦେବ ୧୫୪୫ରେ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଇତିହାସରୁ ଜଣାପଡେ । ଏହି ମନ୍ଦିରର ଦୈର୍ଘ୍ୟ ୨୦୦ ଫୁଟ ଓ ପ୍ରସ୍ତ ୧୨୦ ଫୁଟ୍। ବାବା ବିମଳେଶ୍ୱଙ୍କ ମହିମା ଅପାର। ବାବାଙ୍କ ପାଖରେ ଯିଏ ଯାହା ମାନସିକ କରିଥାନ୍ତି, ନିଶ୍ଚୟ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଭକ୍ତବାବା ବିମଳେଶ୍ୱରଙ୍କ ପୀଠକୁ ଧାଇଁ ଆସନ୍ତି । ମହାନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପର୍ଯ୍ୟଟନ ସ୍ଥଳୀ ଯାହା ପର୍ଯ୍ୟଟକମାନଙ୍କୁ ମଧ ବେଶ ଆକର୍ଷିତ କରିଥାଏ ।






# ଗୁପ୍ତ କୁଣ୍ଡରେ ପୂଜା ପାଉଛନ୍ତି ସୋମନାଥ

ଓଁ ନମଃ ଶିବାୟ ଜପ କରିବା ଆଉ ଶୁଣିବା ମାତ୍ରକେ ସମସ୍ତ ଦୁଃଖ ଆଉ ସନ୍ତାପର ଅନ୍ତ ଘଟେ । ଆଜି ଦିନଟି ସେହି ଦେବାଦି ଦେବଙ୍କୁ ଉତ୍ସର୍ଗୀକୃତ । ଦେବ ଦେବ ମହାଦେବଙ୍କୁ ସମସ୍ତ ସଚଳାଚଳ ଜୀବଙ୍କ ଉଦ୍ଧାର ପାଇଁ ଉଦ୍ଧାରକର୍ତ୍ତା ବୋଲି ମନେ କରାଯାଏ । ଆଉ ଏଇଥିପାଇଁ ପୁରପଲ୍ଲୀରେ ଗଢି ଉଠିଛି ଅନେକ ଶିବାଳୟ । ଖୋର୍ଦ୍ଧା ଜିଲ୍ଲା ବୁଢାପଡ଼ା ଗାଁରେ ପୂଜା ପାଉଛନ୍ତି ଚୁଡ଼ାଖିଆ ସୋମନାଥ । । ଜ୍ୱର ହେଉ ଅବା ବିଭିନ୍ନ ରୋଗ ପାଦୁକା ପାଣି ପିଇବା ସହ ଗୁହାରିଆ ପଡ଼ିଲେ ସବୁ ମନସ୍କାମନା ପୂର୍ଣ୍ଣ ହେବା ସହିତ ଦୂରା ରୋଗ ଆପେ ଆପେ ଦୂରେଇ ଯାଇଥାଏ ।

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁଡ଼ିକ ମଧ୍ୟରେ ବୁଢାପଡ଼ା ସୋମନାଥ ପୀଠ ହେଉଛି ସେହିପରି ଗୋଟିଏ ବିଶ୍ୱାସର ପୀଠ। ଯେଉଁଠି ଗୁପ୍ତ କୁଣ୍ଡରେ ପୂଜା ପାଉଛନ୍ତି ପବିତ୍ର ସ୍ୱୟଂ ଭୂଲିଙ୍ଗ। ସୋମନାଥଙ୍କ ପାର୍ଶ୍ୱ ଦେବତା ଭାବରେ ଗଣେଷ କାର୍ତ୍ତିକ ଏବଂ ପାର୍ବତୀ ବିଦ୍ୟମାନ ରହିଛନ୍ତି । ମନ୍ଦିର ପ୍ରବେଶ ପଥରେ ନବ ଗ୍ରହ ଏବଂ ଦ୍ୱାରପାଳ ରହିଛନ୍ତି । ସେପଟେ ମନ୍ଦିର ପଛପଟେ ଶ୍ରୀଜଗନ୍ନାଥ ହନୁମାନ ପୂଜା ପାଉଛନ୍ତି । ଠାକୁରଙ୍କ ରିତୀନୀତି ମଧ ସମୟାନୁସାରେ କରାଯାଇଥାଏ । ସକାଳୁ ମଙ୍ଗଳ ଆଳତୀ, ତଡ଼ପଲାଗି ସହିତ ସର୍ବସାଧାରଣ ଦର୍ଶନ ଦିଆଯାଇଥାଏ । ବର୍ଷ ତମାମ୍ ବିଭିନ୍ନ ପ୍ରକାରର ପର୍ବ ପର୍ବାଣୀ ପାଳନ କରାଯାଇଥାଏ । ଠାକୁରଙ୍କ ମୂଖ୍ୟ ଭୋଗ ଭାବରେ ଅନ୍ନ, ଡାଲି,ଡାଲେମା, ଖେଚୁଡ଼ି, ଖଟା, ଖିରି ଆଦି ଭୋଗ ଲାଗି କରାଯାଇଥାଏ । ସୋମନାଥ ମନ୍ଦିରଟି କୋଣାର୍କ ମନ୍ଦିର ସମ ସାମୟିକ । ଏହି ମନ୍ଦିର ପୁରୀ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ରାଜୁତି ସମୟରେ ନିର୍ମାଣ କରାଯାଇଥିବାର କଥା କିମ୍ବଦନ୍ତିରୁ ଶୁଣିବାକୁ ମିଳେ । ସ୍ଥାନୀୟ ଅଞ୍ଚଳର ଶିଳ୍ପୀମାନେ ଚୁଡ଼ା ଖାଇ ରାତ୍ରି ଯାପନ କରିବା ପରେ ଏହି ଠାରେ ମନ୍ଦିରଟିଏ ତୋଳାଇ ଥିଲେ ବୋଲି ଲୋକକଥା ଅଛି ।



## ହିଞ୍ଜିଳି ନିର୍ବାଚନମଣ୍ଡଳୀରେ: ମାଟିରେ ମିଶିବ କୃଷକ ବଜାର

# ପାଣିରେ ପଡ଼ିବ ୬୮.୯୨ ଲକ୍ଷ



**ହିଞ୍ଜିଳିକାଟୁ,୨୪।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ୨୦୦୨ ମାସିହାରେ ୬୮.୯୨ ଲକ୍ଷ ଟଙ୍କାରେ କୃଷକ ବଜାର ନିର୍ମାଣ କରାଯାଇଥିଲା। କିନ୍ତୁ ତାହା ଏବେ ମାଟି ଗଦା ସହ ମିଶି ଗଛ ଉଠିଗଲାଣି ଓ ଏହା ଭିତରେ ୨୨ ବର୍ଷ ସମୟ ବିତିସାରିଲାଣି କିନ୍ତୁ ନା ପରିବା ବଜାର ହଟୁଛି ନା କୃଷକ ବଜାର ଆରମ୍ଭ ହେଉଛି। ଏହା ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ ସହ ଖାଉଟିଙ୍କୁ ସଦ୍ୟ ଫଳ ପନିପରିବା ସୁଲଭ ମୂଲ୍ୟରେ ଯୋଗାଇ ଦେବା ଏହାର ଲକ୍ଷ୍ୟ ରହିଥିଲା। ଏଥିସହ ଚାଷୀ ଓ ଖାଉଟିଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା ରଖାଯାଇଥିଲା। ତେବେ ଚାଷୀମାନଙ୍କ ସୁବିଧା ନିମନ୍ତେ ରହିଛି ସରକାରଙ୍କ ମାଳ ମାଳ ଯୋଜନା। କିନ୍ତୁ ସେହିସବୁ ଯୋଜନାର ସୁବିଧା ନପାଇ ଚାଷୀକୁଳ ହତାଶ। ଏହି କୃଷକ ବଜାର ସମ୍ପୂର୍ଣ୍ଣ ହେବା ୨୨ ବର୍ଷ ଅତିକ୍ରମ କରିବା ପରେ ଗୋଟିଏ ଦିନ ମଧ୍ୟ ଚାଷୀ ଓ ଲୋକଙ୍କ ଫାଇଦାରେ ଏହା ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ଯାହାଦ୍ୱାରା ଚାଷୀ ଓ ଖାଉଟିଙ୍କ ହିତକୁ ଦୃଷ୍ଟିରେ ରଖି କରାଯାଇଥିବା କୃଷକ ବଜାର ଭଳି ମହତ୍ ଯୋଜନାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ବିଶେଷ କରି ଏହି ଅଞ୍ଚଳର ମହିଳାମାନେ ବିଭିନ୍ନ କିସମର ପରିବା ଧରି ରାସ୍ତାକଡରେ ବିକ୍ରି ପାଇଁ ବସିଥାନ୍ତି। ସକାଳ ୬ଟାରୁ ସହରର ମୁଖ୍ୟ ସଡ଼କ କଡରେ ପରିବା ବିକାଳୀଙ୍କ ପସରା ଲାଗିଥାଏ। ରାସ୍ତା ଉପରେ ସହ ସହ ଗାଡି ମଟର ଯାତାୟାତ ହେଉଥିବା ବେଳେ ବିପଦପୂର୍ଣ୍ଣ ଭାବେ ପରିବା ବିକାଳୀ ବସିରିଥିବା ବେଳେ ଗ୍ରାହକ ମଧ୍ୟ ସେଇ ରାସ୍ତା କଡରେ ବିପଦପୂର୍ଣ୍ଣ ଭାବେ ପରିବା କିଣିଥାନ୍ତି। ତେବେ କେଉଁ କାରଣରୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହୋଇପାରୁନି ଏହାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଏଫ୍‌ଏମ୍ ଛାତ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ବିଞ୍ଝାରପୁର,୨୪।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ଆଜି ବାଲେଶ୍ୱର ଫକୀର ମୋହନ କଲେଜର ମୃତ ଛାତ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଶଭା ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନରେ ବିଂଝାରପୁର ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହୋଇଛି।ବିଂଝାରପୁର ବ୍ଲକ କଂଗ୍ରେସ କାର୍ଯ୍ୟାଳୟ, ଯୁଣଭଦ୍ରା କଲେଜ୍, ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା ପରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ କନକଲତା ମଲ୍ଲିକ, ପଦ୍ମାକର ଗୁରୁ, ସରୋଜ ନାୟକ, ସୁଲୋଚନା ଦାସ, ପ୍ରତାପ ଦାସ, ହିମାଂଶୁ ମହଲ, ସାହାନାବାଜ ଆଲମ, ଟିକୋ ଭାଇ, ଗୋବିନ୍ଦ ନାୟକ, ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୃତ ଛାତ୍ରୀଙ୍କ ଅମର ଆତ୍ମାର ସତଗତି ନିମନ୍ତେ ପ୍ରାର୍ଥନା କରିଥିଲେ ନେତୃବୃନ୍ଦ।



## ୭ ମାସ ହେଲା ମିଳିନି ବିଧବା ଭତ୍ତା



**କନ୍ଧମାଳ,୨୪।୭ (ସଂଚାର ବ୍ୟୁରୋ):** ସରକାର ଗରିବଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସତ, କିନ୍ତୁ ପ୍ରଶାସନ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ବି ପ୍ରକୃତରେ ଏଥିରୁ ଅନେକ ଗରିବ ପରିବାର ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖୁବାକୁ ମିଳୁଛି। ଏହିଭଳି ଏକ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମ ଡଲାବାଲି ସାହିର ଚନ୍ଦ୍ରାବତୀ ପ୍ରଧାନ। ସ୍ୱାମୀ ଦେହାନ୍ତ ହେବାର ୭ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସରକାର ଯୋଜନା ମିଳିପାରି ନାହିଁ ବୋଲି ଅଭିଯୋଗ ହେଉଛି । କାରଣ କ'ଣ ଥାଇପାରେ ଏହା ଏକ ଅଞ୍ଚଳ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କୋଉଠି ନା କୋଉଠି ସବୁ ସରକାର ଯୋଜନା ବାଟବଣା ହୋଇ ଯାଉଛି। ସତେକି ଏହି ପରିବାର ପାଇଁ ସରକାର ଯୋଜନା ସାତ ସପନ ପାଲଟିଛି। ଏମିତି ରେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମଧ୍ୟ ସେ ପାଇ ନାହାଁନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାଥା ଶୀଘ୍ର ବିଧବା ଭତ୍ତା ଓ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ନିବେଦନ କରିଛନ୍ତି।

## ହର୍ଷୋଲ୍ଲାସରେ ପାଳିତ ହେଲା ଚିତାଲାଗି ଅମାବାସ୍ୟା



**ଲାଞ୍ଜିଗଡ଼,୨୪।୭(ସଂଚାର ବ୍ୟୋରୋ):** ଚିତାଲାଗି ଅମାବାସ୍ୟା ଓଡିଶାର ପୁରପଲ୍ଲୀରେ ପାଳିତ ହେଉ ଥିବା ବେଳେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ମଧ୍ୟ ଏହି ପର୍ବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଛି। ଏହି ପର୍ବ କୃଷକମାନେ ଗୃହରେ ସ୍ୱତନ୍ତ୍ର ଭାବରେ ଅରୁଆ ଚାଉଳ ଓ ନଡ଼ିଆରେ ପିଠାପଣା ପ୍ରସ୍ତୁତ କରି ପ୍ରଥମେ ଇଷ୍ଟ ଦେବାଦେବି ଙ୍କୁ ଅର୍ପଣ କରି ଶସ୍ୟ କ୍ଷେତରେ ମାଟି ମାଁଙ୍କ ପୂଜାର୍ଚ୍ଚନା କରିଥାନ୍ତି ଓ ଗେଣ୍ଡା (ଘୋଳି) ମାନଙ୍କୁ ପିଠା ପଣା ଅର୍ପଣ କରିଥାନ୍ତି। ସେହିପରି ଉପାନ୍ତ ଅଞ୍ଚଳ ମାନଙ୍କରେ କୃଷକ ମାନେ ଗୋମାତାଙ୍କ ସମେତ ଗୋଶାଳାରେ ପୂଜାର୍ଚ୍ଚନା କରି କେନ୍ଦୁ ଗଛକୁ ଖୁଣ୍ଟ ପ୍ରସ୍ତୁତ କରି ସେହି ଖୁଣ୍ଟରେ ଶତାବରୀ ଲତାକୁ ଗୁଡ଼ାଇ ଶସ୍ୟକ୍ଷେତ ମଝିରେ ପୋତି ଥାନ୍ତି। ଚିତାଲାଗି ଅମାବାସ୍ୟାରେ କ୍ଷେତରେ କେନ୍ଦୁଗଛରେ ପ୍ରସ୍ତୁତ ଖୁଣ୍ଟ ପୋତିବା ଦ୍ୱାରା ରୋଗପୋକରୁ ଚାଷ ରକ୍ଷା ପାଇବା ସମେତ ଶସ୍ୟ ଭଲ ଅମଳ ହୋଇ ଥାଏ ବୋଲି ଲୋକଙ୍କ ବିଶ୍ୱାସ ରହି ଆସିଛି।ଏହି ଦିନ ଘରେ ଘରେ ପିଠା ପଣା ତିଆରି କରି ପରିବାର ଲୋକେ ମିଳିମିଶି ଏକାଠି ଖୁସିରେ ଖାଇ ମଉଜ କରିବା ସହ ଭାଇଚାରା ସୃଷ୍ଟି କରିଥାଏ।

ଏହି ଗଣପର୍ବ ଚିତାଲାଗି ଅମାବାସ୍ୟା ଆମର ଦ୍ୱିତୀୟ ଜନନୀ ଭାବେ ମାଟି ମାଁର ପୂଜନ ସହିତ ପ୍ରକୃତି ଲୋକର ଉତ୍ତର ପିଢ଼ି ପାଇଁ ସୃଷ୍ଟି କରିଥାଏ ଏକ ଉନ୍ନତ ପରାମ୍ପରା।

## ଖୋଳିଦେଲେ ରାସ୍ତା: ଥାନାରେ ମାମଲା

**କେନ୍ଦୁଝର,୨୪।୭(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ସହର ଟାଙ୍ଗିରି ଗାଁ ରାସ୍ତାକୁ ଖୋଳି ଦେବା ଅଭିଯୋଗରେ ପଣ୍ଡାପଡ଼ା ଥାନାରେ ଏକ ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ଅଭିଯୋଗ କଲେ ମଧ୍ୟ କେହି ନ ଶୁଣୁ ନ ଥିବାରୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ବାଧ୍ୟହୋଇ ୨୧ ତାରିଖରେ ଥାନାରେ ଏତଲା ଦେଇଥିବା ଗ୍ରାମର ରାହାସ ଦେହୁରୀ କହିଛନ୍ତି। ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଯାତାୟତରେ ବ୍ୟାହତ ହେବା ସହ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖୋଳି ଦେବା ଫଳରେ ପାଣି ପାଇପ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏପରିକି ରାସ୍ତା ନିର୍ମାଣ ଆଳରେ ରାସ୍ତାକୁ କାଟି ଦିଆଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ଲୋକେ ଅସୁରକ୍ଷିତ ଭାବେ ଯାତାୟତ କରୁଥିବା ବେଳେ ଗାଈ ଗୋରୁ, ଛେଳି ଚରି ଯିବାରେ ଅସୁବିଧା ହେଉଛନ୍ତି। ବିଶେଷ କରି ପିଲାଙ୍କୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନେବା ଆଣିବାରେ ସମସ୍ୟା ସୃଷ୍ଟି ହେଉଛି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫଏମ୍ ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର,୨୪।୭ (ସଂଚାର ବ୍ୟୁରୋ):** ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫ.ଏମ୍ କଲେଜ ମୃତ୍ୟୁ ଛାତ୍ରୀ ସୌମଶ୍ରୀ ବିଶି ଙ୍କ ଏକାଦଶାହ ଉପଲକ୍ଷେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏକ ମିନିଟ୍ ନିରବ ପ୍ରାର୍ଥନା ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ପ୍ରସନ୍ନ କୁମାର ସାମନ୍ତରାୟ, ସରପଞ୍ଚ ପ୍ରମୋଦ କୁମାର ସାହୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ଯୁବ ନେତା ମନୋଜ କୁମାର ମହାପାତ୍ର, ଯୁବ ନେତା ସତ୍ୟବ୍ରତ ଦାସ, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନ ରଞ୍ଜନ ଜେନା, ସଂଦିପ ସ୍ୱାଇଁ, ସଙ୍କରେଶ୍ୱର ଦାସ, ସ୍ୱରୁପ କାନୁନଗୋ, ସୟଦ ହେଦାୟତ ଅଲ୍ଲୀ, ଅବନୀକାନ୍ତ ମହାରଣା, ଜ୍ଞାନ ରଞ୍ଜନ ପୃଷ୍ଟି, ରବି ଆର୍ଚାଯ୍ୟ, ବିଭୁତି ଭୁଷଣ ଲେଙ୍କା, ବାବୁଲି ମାହାର, ଲକ୍ଷ୍ମୀଧର ମଲ୍ଲିକ, ମାନସ ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ଅଜୟ କୁମାର ମହାପାତ୍ର, ଦୀପକ ପାଲ ପ୍ରମୁଖ ଯୋଗଦେଇ ସୌମ୍ୟଶ୍ରୀ ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱଂୟ ଶାସିତ ମହାବିଦ୍ୟାଳୟ ର ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳରେ ସୌମ୍ୟାଶ୍ରୀ ଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲେ।

## ୮୦ କିଲୋ ଗଞ୍ଜେଇ ଜବତ



**କଳିଙ୍ଗନଗର,୨୪।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ବିଶେଷ ସୁତ୍ରରୁ ଖବର ପାଇ ବୁଧବାର ରାତିରେ ୫୩ ନମ୍ବର ଜାତୀୟ ରାଜପଥର ଡୁବୁରି ପୁରୁଣା ଛକ ନିକଟରେ ଜଗି ରହିଥିଲେ। ଏକ ଗଞ୍ଜେଇ ନେଇଯାଉଥିବା ଟାଟା ପଞ୍ଚ୍ (ଓଡିଶା୩ଏପି-୯୩୯୫) ର ଚାଳକ ପୋଲିସକୁ ଦେଖି ଗାଡିକୁ ଦ୍ରୁତ ଗତିରେ ନେଇ ଯାଉଥିବା ସମୟ ରେ ରାସ୍ତା କଡରେ ଥିବା ସିଆରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚେରୀ ରେ ଧକ୍କା ହୋଇ ଗାଡିଟି ସେହିଠାରେ ଗୋଟେ ଗଛରେ ଝୁଲି ରହିଥିଲା, ଏବଂ ଗାଡି ଡ୍ରାଇଭର ଗାଡି ଛାଡି ଏକ ବଡ଼ ବ୍ୟାଗ ନେଇ କେଉଁଆଡେ ଚମ୍ପଟ ମାରିଥିଲା ! ରାତି ହୋଇଥିବାରୁ ଚାଳକକୁ ଗିରଫ କରିବାରେ ପୁଲିସ ସଫଳ ହୋଇପାରି ନଥିଲା, ଆଜି ଦୁର୍ଘଟଣା ସ୍ଥଳରେ ସୁକିନ୍ଦା ତହସିଲଦାର ମାନସ ରଂଜନ ତ୍ରିପାଠୀଙ୍କ ଉପସ୍ଥିତରେ ଗାଡି ଭିତରେ ଗଂଜେଇ ଥିବା ୪ଗୋଟି ଜରୀ ବସ୍ତାକୁ କଢାଯାଇ ଓଜନ କରାଯାଇଥିଲା। ସେହି ଗଞ୍ଜେଇର ଓଜନ ପ୍ରାୟ ୮୦ କିଲୋଗ୍ରାମ ହେବ, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ଏସ୍.ଆଇ ରମେଶ ବେହେରା, ଏସ୍.ଆଇ ରେସ୍ମା ରଶ୍ମିତା ଲାକ୍ରା, ଏ.ଏସ୍.ଆଇ ଦିବାକର ମହାନ୍ତି ପ୍ରମୁଖଙ୍କ ସମେତ ଥାନା କର୍ମଚାରୀ ଓ ଅଞ୍ଚଳର କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତରେ ବସ୍ତାଗୁଡିକ ସିଲ କରାଯାଇଥିଲା। ଥାନା ଏକ ମାମଲା ରୁଜୁ କରି ଦୁର୍ଘଟଣା ଗ୍ରସ୍ଥ ଗାଡିକୁ ଜବତ କରି ତଦନ୍ତ ଜାରିରଖିଥିବା ଜଣା ପଡ଼ିଛି।

## ମଗଧା ଯାଦବ ପାଳିଲେ ହରାଳି ଉଆଁସ



**ନର୍ଲା,୨୪।୭(ସଂଚାର ବ୍ୟୁରୋ):** ଚନ୍ଦ୍ରବଂଶୀ କ୍ଷତ୍ରିୟ ଶାଖାର ଯଦୁବଂଶୀ ମଗଧା ଯାଦବ ଗୋଷ୍ଠୀ ଗୁରୁବାର ପାଳନ କରିଛନ୍ତି ହରାଳି ଉଆଁସ। ପୂର୍ବେ ମଗଧା ଯାଦବ ମାନେ କ୍ଷତ୍ରୀୟ ବୃତ୍ତି ସହ କୃଷି କର୍ମ ମଧ୍ୟ କରୁଥିଲେ। ଏମାନେ କୃଷି କାର୍ଯ୍ୟ ସାରି ଶ୍ରାବଣ ମାସର କୃଷ୍ଣ ପକ୍ଷ ଅମାବାସ୍ୟା ଦିନ କ୍ଷେତରେ ବିଜୟର ପ୍ରତିକ ଭାବେ କେନ୍ଦୁ ଶାଖା ସ୍ଥାପନ କରୁଥିଲେ ଓ ଏହାପରେ ରାଜ୍ୟ ରକ୍ଷାପାଇଁ ସୀମାକୁ ଚାଲି ଯାଉଥିଲେ କିମ୍ବା ସମରାଭ୍ୟାସ କ୍ଷେତ୍ରକୁ ଯାଇ ଗୋଷ୍ଠିଗତ ଭାବେ ସମରାଭ୍ୟାସ କରୁଥିଲେ। ଏହି ପରମ୍ପରା ବର୍ତ୍ତମାନ ସୁଦ୍ଧା ଅନୁସୃତ ହୋଇ ଆସୁଅଛି। କଳାହାଣ୍ଡି ଜିଲ୍ଲାସାରା ଚିତାଲାଗି ଅମାବାସ୍ୟା ବା ହରାଳି ଉଆଁସ ପାଳିତ ହୋଇଯାଇଛି। ଏହି କ୍ରମରେ ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରର ଯାଦବ ପରିବାରବର୍ଗ ଏହି ପର୍ବକୁ ପାରମ୍ପରିକ ରିତିନିତି ଅନୁକ୍ରମେ ପାଳନ କରିଛନ୍ତି। ଯାଦବ ରମଣୀ ଓ ଗୃହକର୍ତ୍ତା ସକାଳୁ ଗାଧୁଆ ପାଧୁଆ ସାରି ଗୁହାଳରେ ଗାଇ ଗୋରୁଙ୍କୁ ବନ୍ଦାପନା କରିଥିଲେ। ଗୋ ବନ୍ଦାଣ ପରେ ଚାଷୀ କୃଷି କ୍ଷେତ୍ରକୁ ଯାଇ କେନ୍ଦୁ ବୃକ୍ଷକୁ ପୂଜା କରିବା ସହ ସେହି ବୃକ୍ଷରୁ ଏକ ଶାଖା ଆଣି କ୍ଷେତରେ ସ୍ଥାପନ କରିଥିଲେ। ପୂର୍ବାହ୍ନରେ ଚରଡାଙ୍ଗ ଏବଂ ମଧ୍ୟାହ୍ନରେ ପିଦରରେ ପିତୃ ଉପାସନା ସହ ଅସ୍ତ୍ର ଶସ୍ତ୍ର ପୂଜା କରାଯାଇଥିଲା। ସନ୍ଧ୍ୟାରେ ଗୁହାଲ ପୂଜା ପରେ ଭୋଜି ଭାତର ଆସର ଜମିଥିଲା।

## ନାରୀଗାଁ ଉଚ୍ଚ ବିଦ୍ୟାଳୟରେ ଗୋବିନ୍ଦ ଗୋପାଳ ମେଧାବୃତ୍ତି ପୁରସ୍କାର ପ୍ରଦାନ




**ଦଶରଥପୁର,୨୪।୭(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତସ୍ତ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏକ ନିଆରା ପରମ୍ପରା ସୃଷ୍ଟି ହୋଇଛି। ଆଜି ପ୍ରଥମ ଥର ବିଦ୍ୟାଳୟରେ ଚଳିତବର୍ଷ ମେଟ୍ରିକ ପରୀକ୍ଷାରେ ଶତକଡା ୮୦%ରୁ ଉର୍ଦ୍ଧ ନମ୍ବର ରଖିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩ଜଣ ଛାତ୍ର ଛାତ୍ରୀଙ୍କୁ ସଂମ୍ମାନିତ କରାଯାଇଥିଲା।ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ନାରୀଗାଁ ଗ୍ରାମର ସରୋଜ କୁମାର ନାୟକ, ନିରୋଦ କୁମାର ନାୟକ ଓ ଦିଲ୍ଲୀପ ନାୟକ ତାଙ୍କ ପିତା ସ୍ୱର୍ଗତ ଗୋବିନ୍ଦ ନାୟକ ଓ ଗୋପାଳ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପୁରସ୍କାର ରାଶି ପ୍ରଦାନ କରାଯାଇଛି।ଏହି ପରିପ୍ରେକ୍ଷୀରେ ଆଜି ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଶରଥପୁର ବ୍ଲକର ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂମ୍ମାନିତ ଅତିଥି ରୂପେ ଜାଫରପୁର ପଞ୍ଚାୟତ ସରପଞ୍ଚ ଗୋଲେକ ଚନ୍ଦ୍ର ବେହୁରିଆ, ସମିତି ସଭ୍ୟ ଶୈଳେନ୍ଦ୍ର ସାମଲ, ୬ ନମ୍ବର ଜୋନର ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ କୁମାର ନାୟକ, ବିଦ୍ୟାଳୟର ପ୍ରତିଷ୍ଠାତା ପରମେଶ୍ୱର ସାମଲ, ବିଦ୍ୟାଳୟର ପ୍ରାକ୍ତନ କିରାଣୀ ଗଗନ ଚନ୍ଦ୍ର ଦାସ, ନାରୀଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ବେହେରା, ହିମାଂଶୁ ସାମଲ, ଶସଧର ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଇନର ହୁଇଲ୍ କ୍ଲବ ବ୍ୟାସନଗର'ର ପ୍ରତିଷ୍ଠା ଓ ନିର୍ବାଚନ ବୈଠକ ଦିବସ ଅନୁଷ୍ଠିତ

**ଯାଜପୁର ରୋଡ଼, ୨୪।୭(ସଂଚାର ବ୍ୟୁରୋ):** ଯାଜପୁର ରୋଡ ସହରରେ ଇନ୍ ହୁଇଲ୍ କ୍ଲବ ବ୍ୟାସନଗର'ର ପ୍ରତିଷ୍ଠା ଓ ନିର୍ବାଚନ ବୈଠକ ଦିବସ ସ୍ଥାନୀୟ ନଟରାଜ ହୋଟେଲ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ଅନୁପମା ପଟନାୟକ, ସମ୍ପାଦିକା ଭାବେ ଶ୍ରୀମତୀ ଅନୁପମା ଜେନା, ଆଇ.ଏସ୍.ଓ ସସ୍ମିତା ସ୍ୱାଇଁ, କୋଷାଧ୍ୟକ୍ଷ ଚିନ୍ମୟୀ ମହାନ୍ତି ଓ ଏଡ଼ିଟର ଭାବେ କିରନବାଳା ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପି.ଡି.ସି ନଳିନୀ ମହାନ୍ତି, ସୋସିଆଲ ଆକ୍ଟିଭିଟି ମିନତୀ ସାହୁ ଯୋଗ ଦେଇଥିଲେ। କୁନିକୁନି ପିଲା ମାନଙ୍କ ଓଡିଶୀ ନୃତ୍ୟ ପରିବେଷଣରୁ କାର୍ଯ୍ୟକ୍ରମ ପ୍ରାରଂମ୍ଭ ହୋଇଥିଲା। କୁନି ଗାୟିକା ସୁଶ୍ରୀ ଆଦ୍ୟା ସଂଗୀତ ଗାନ କରିଥିଲେ। କ୍ଲବ ତରଫରୁ ଜଣେ ଅସହାୟ ଛୁଆ କୁ, ଓ ଜଣେ ଦୁସ୍ଥ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଲବ ଯଥା ଇନର ହୁଇଲ୍ କ୍ଲବ ଜାରକା, ଇନର ହୁଇଲ୍ କ୍ଲବ କଟକ କେନ୍ଦ୍ର, ଇନର ହୁଇଲ୍ କ୍ଲବ ଯାଜପୁର ଟାଉନ୍, ଇନର ହୁଇଲ୍ କ୍ଲବ କଳିଙ୍ଗନଗର, ସର୍ବମୋଟ ଷୋହଳ ଜଣ ସଦସ୍ୟାଙ୍କୁ କ୍ଲବ ତରଫରୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତେ ରାତ୍ରିଭୋଜନ କରି ବିଦାୟ ନେଇଥିଲେ। କ୍ଲବର ଚଟାର୍ଡ଼ ସଭାପତି ସସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସଦସ୍ୟାଙ୍କୁ ଧନ୍ୟବାଦ ଦେଇଥିଲେ।



## ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ

**କଣାସ,୨୪।୭ (ସଂଚାର ବ୍ୟୁରୋ):** ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ରୋଗୀ କଲ୍ୟାଣ ସମିତି ବୈଠକରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ଡାକ୍ତର କ୍ଷମାନିଧି ସେଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ଦିନରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ବିପିଏମ ଧନେଶ୍ୱର ସ୍ୱାଇଁ ପୂର୍ବ ବୈଠକର ଧାରାବିବରଣୀ ପାଠ କରିଥିଲେ। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ଡାକ୍ତରଖାନାକୁ ଲାଗିଥିବା ଜାଗା ଅଧିଗ୍ରହଣ ପାଇଁ ତହସିଲଦାରଙ୍କୁ ଚିଠି ଲେଖା ଯାଇଥିବା କଥା ଆଲୋଚନା ହୋଇଥିଲା। ଯଦି ଜାଗା ନ ହୋଇ ପାରୁଛି ତେବେ ଆଇପିଏଚଏସ କୋଠାର ଡ଼ିଜାଇନ ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ ପାଇଁ କମିଟି ନିଷ୍ପତି ନେଇଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ପ୍ରସ୍ତାବକ୍ରମେ ବ୍ଲକ କାର୍ଯ୍ୟାଳୟ ଠାରେ ସ୍ଥାପିତ ପାନୀୟ ବିଶୁଦ୍ଧିକରଣକ ଯନ୍ତ୍ରକୁ ଡାକ୍ତରଖାନାରେ ଅବସ୍ଥାପିତ କରିବା ପାଇଁ କମିଟି ନିଷ୍ପତି ନେଇଥିଲେ। ବହିର୍ବିଭାଗ ଠାରୁ ଅନ୍ତଃବିଭାଗ ପର୍ଯ୍ୟନ୍ତ ସେଡ ନିର୍ମାଣ ପାଇଁ ପଞ୍ଚାୟତସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କୁ ଅନୁରୋଧ କରାଯାଇଥିଲା। ରୋଗୀଙ୍କୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ଅମଙ୍ଗ ହେବାରୁ ଆଉ ଗୋଟିଏ ସଂସ୍ଥା ଚିହ୍ନଟ ପାଇଁ ଡାକ୍ତରଖାନାର ଡାଏଟ କମିଟି ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠନ କରାଗଲା। ଖୁବଶୀଘ୍ର ନୂତନ ଡାଏଟ ସଂସ୍ଥା ଚିହ୍ନଟ ପାଇଁ ବିଜ୍ଞାପନ ପ୍ରକାଶ କରାଯିବ। ଜରୁରୀକାଳୀନ ରୋଗୀ ସେବା ଗୃହରେ ରୋଗୀ ଭିଡକୁ ନିୟନ୍ତ୍ରଣ ପାଇଁ ଇଂଜେକସନ ଗୃହ ଅଲଗା ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୁରନ୍ତ ବୈଦୁ୍ତିକ ସମସ୍ୟା ସମାଧାନ ପାଇଁ ଡିଜି ମରାମତି ଓ ସୋଲାର ସେଲ ଅବସ୍ଥାପିତ ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ରୋଗୀ ଅପେକ୍ଷା ଗୃହରେ ଷ୍ଟିଲ ଚେୟାର ଓ ପଙ୍ଖା ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତାବ ପରିତ କରାଗଲା।



## ଗଡ଼ବଡ଼ପୁଟ ଗ୍ରାମରେ କୁଶାଣ ସମୟର ପ୍ରାଚୀନ ମୁଦ୍ରା

**କଣାସ,୨୪।୭ (ସଂଚାର ବ୍ୟୁରୋ):** ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀବିହାର ପ୍ରାଚୀନ ଇତିହାସ, ସଂସ୍କୃତି ପ୍ରତ୍ନତତ୍ୱ ବିଭାଗର ସହକାରୀ ପ୍ରଧ୍ୟାପକ ଡ. ଅନାମଚରଣ ବେହେରା ଏବଂ ତାଙ୍କର ସହକର୍ମୀ ପୁରୀ ଜିଲ୍ଲା କଣାସ ବ୍ଲକର ଗଡ଼ବଡପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସଂନ୍ଧାନ କାର୍ଯ୍ୟରେ ସାମିଲି ହୋଇଥିଲେ। ଏହି ଗ୍ରାମରେ ଏକ ପ୍ରାଚୀନ ବିରଳ ମୁଦ୍ରା ମିଳିଥିଲା। ଯାହାକୁ ସେ କୁଶାଣ ସମୟର ବୋଲି ପ୍ରକାଶ କରିଥିଲେ। ଏହି ଅଞ୍ଚଳରୁ ପୁରାତନ ପ୍ରସ୍ତର ଯୋଗୁଁର ପ୍ରସ୍ତର କୁରାଢ଼ୀ ଏବଂ ଅନ୍ୟକ ଧାରୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଥିଲେ। ସେ ସମୟରେ ପ୍ରସ୍ତର ନିର୍ମିତ ହାତହତିଆର ଦ୍ୱାରା ମଣିଷ ମାନେ ବିଭିନ୍ନ କାର୍ଯ୍ୟ କରିପାରୁଥିଲେ। ଏହି ଗ୍ରାମର ମଲ୍ଲିକେଶ୍ୱର ମନ୍ଦିର ପ୍ରସିଦ୍ଧ ଶୈବ ପୀଠ ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଗ୍ରାମରେ ପୁରାତନ ସମୟରେ ବହୁ ସାମଗ୍ରୀ ମିଳିଥିବାରୁ ଏଠାରେ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ଗବେଷଣା କରାଯାଇ ଖନନ କରାଗଲେ ପ୍ରାଚୀନ ମୁଦ୍ରା ଲୋକମାନଙ୍କ ବ୍ୟବହାର ଜିନିଷପତ୍ର ମିଳିବାର ଆଂଶଙ୍କା କରାଯାଉଛି।

ପ୍ରଧ୍ୟାପକ ତଥା ଗବେଷକ ବେହେରାଙ୍କ ସହିତ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡସିଂହ, ଗ୍ରାମବାସୀ ବୀରବର ପରିଡ଼ା ଉପସ୍ଥିତ ରହିଥିଲେ।

